# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 9/2025 Page 14 | ₹ 7.00 | BALASORE

୫୧ଶ ଭାଗ ୩୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 313 | ମୂଲ୍ୟ ₹୭/-




## ବେଥ୍ ମୁନିଙ୍କ ଶତକ

କଲମ୍ବୋରେ ବୁଧବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମହିଳା ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ବେଥ୍ ମୁନି।

୧୪

୦୨

## ନୂଆ ଅଫିସ୍ ପାଇଁ ମାସିକ ୧୫ ଲକ୍ଷ ଗଣିବେ କରନ୍

ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ ପକ୍ଷରୁ ମୁମ୍ବାଇର ଅନ୍ଧେରୀରେ ଏକ ନୂତନ ଅଫିସ ଭଡ଼ାରେ ନିଆଯାଇଛି। ଏଥିପାଇଁ କରନ୍‌ଙ୍କୁ ମାସିକ ୧୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ।





ଭୁବନେଶ୍ୱରରେ ବୁଧବାର ମଧ୍ୟାହ୍ନରେ ହୋଇଥିବା ପ୍ରବଳ ବର୍ଷାରେ ୧୬ ନମ୍ବର ଜାତୀୟ ରାଜପଥର ଜୟଦେବ ବିହାର ଓଭରବ୍ରିଜ୍ ଉପରେ ପାଣିର ସୁଅ ଛୁଟୁଛି। **(ଫଟୋ– ବିକାଶ ନାୟକ)**

# ‘ଓଡ଼ିଶା ଛବିକୁ ମଳିନ କରିବାକୁ କିଛି ଗୋଷ୍ଠୀ ଉଦ୍ୟମ କରୁଛନ୍ତି’

**ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ**

- **କଟକ ସ୍ଥିତି ସ୍ୱାଭାବିକ ହେଉଛି**
- **ପୀତବାସଙ୍କ ହତ୍ୟା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଖୋଜି ବାହାର କର**

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ପରିଚିତ ଓଡ଼ିଶାର ଛବିକୁ ମଳିନ କରିବା ପାଇଁ କିଛି ଉଦ୍ଦେଶ୍ୟ ପ୍ରଣୋଦିତ ଗୋଷ୍ଠୀ ଉଦ୍ୟମ କରୁଛନ୍ତି। ସେମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି। ଏପରି ବ୍ୟକ୍ତିମାନଙ୍କ ଉପରେ ସତର୍କଦୃଷ୍ଟି ରଖିବାକୁ ପୋଲିସ ପ୍ରଶାସନର ଉଚ୍ଚ ପଦାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବୁଧବାର ଲୋକସେବା ଭବନରେ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ସମୀକ୍ଷା କରିବା ସହ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀ ତଥା ଅନ୍ୟାନ୍ୟ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡ଼ା ନଜର ରଖିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସମୀକ୍ଷାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, କଟକ ଘଟଣାରେ ପରିସ୍ଥିତି ସ୍ୱାଭାବିକ ହେଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କର୍ଫ୍ୟୁ ଉଠିବା ସହ ଇଣ୍ଟରନେଟ୍ ସେବା ପୁନଃ ସ୍ଥାପିତ ହୋଇଛି ବୋଲି ଜଣାଯାଇଛି। ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୋଲିସକୁ ସତର୍କ ରହିବାକୁ ପଡ଼ିବ। କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ସହ ପାଟ୍ରୋଲିଂ ଜାରି ରଖାଯାଉ। ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରିଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହ ପୋଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ସୂଚନାଯୋଗ୍ୟ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାଇଚାରାର ସହର କଟକର ଅଧିବାସୀଙ୍କୁ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ☞ପୃଷ୍ଠା–୪

# ଭାରତ ସହ ଯୁଦ୍ଧ ହୋଇପାରେ

## ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଚେତାବନୀ

**ଭାରତ–ପାକିସ୍ତାନ ମଧ୍ୟରେ ପୁଣି ଯୁଦ୍ଧ ଆଶଙ୍କା ପ୍ରକାଶ ପାଇଛି। ମେ’ରେ ‘ଅପରେଶନ ସିନ୍ଦୂର’ ପରଠାରୁ ଦୁଇଦେଶ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଥିବାବେଳେ ଆମେରିକା ସହ ଭାରତର ସମ୍ପର୍କ ତିକ୍ତ ହୋଇପଡ଼ିଛି। ଅନ୍ୟପକ୍ଷେ ପାକିସ୍ତାନ ଆମେରିକାର ଅଧିକ ନିକଟତର ହୋଇଛି। କେବଳ ସେତିକି ନୁହେଁ, ଗତ ମାସକ ଭିତରେ ପାକିସ୍ତାନର ପ୍ରମୁଖ ସହଯୋଗୀ ତୁର୍କୀ ସହ ଭାରତର କୂଟନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ ମଧ୍ୟ ଖରାପ ହୋଇଛି। ଏଭଳି ସ୍ଥିତିରେ ସାଉଦି ଆରବ ସହ ହୋଇଥିବା ସାମରିକ ଚୁକ୍ତି ପାକିସ୍ତାନକୁ ବଳୀୟାନ କରିଛି। ଉକ୍ତ ଚୁକ୍ତି ଅନୁଯାୟୀ ପାକିସ୍ତାନ ଉପରେ କୌଣସି ଆକ୍ରମଣକୁ ସାଉଦି ଆରବ ନିଜ ଉପରେ ଅତିକ୍ରମଣ ବୋଲି ବିବେଚନା କରିବ। ଏହିସବୁ ଦୃଷ୍ଟିରୁ ପାକିସ୍ତାନ ଭଲ ସ୍ଥିତିରେ ଥିବାବେଳେ ଏହି ପଡ଼ୋଶୀ ଦେଶକୁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଓ ସେନାମୁଖ୍ୟଙ୍କ ଧମକ ଯୁଦ୍ଧସ୍ଥିତି ଉସୁକାଇବା ଭଳି ହେଉଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି, ଭାରତ ସହ ଯୁଦ୍ଧ ହୋଇପାରେ। ଏଭଳି ଆଶଙ୍କା ବାସ୍ତବ। ଭବିଷ୍ୟତରେ କୌଣସି ସଶସ୍ତ୍ର ଯୁଦ୍ଧରେ ପାକିସ୍ତାନ ବଡ଼ ସଫଳତା ହାସଲ କରିବ ବୋଲି ଆସିଫ୍ ଦାବି କରିଛନ୍ତି।**



ଖ୍ୱାଜା ଆସିଫ୍

ଇସ୍‌ଲାମାବାଦ,୮।୧୦

ଭାରତ ସହ ଯୁଦ୍ଧ ଆଶଙ୍କା ବାସ୍ତବ ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଚେତାବନୀ ଦେଇଛନ୍ତି। ଭବିଷ୍ୟତରେ କୌଣସି ସଶସ୍ତ୍ର ଯୁଦ୍ଧରେ ପାକିସ୍ତାନ ଆହୁରି ବଡ଼ ସଫଳତା ହାସଲ କରିବ ବୋଲି ଆସିଫ୍ ଦାବି କରିଛନ୍ତି। ମଙ୍ଗଳବାର ଏକ ଟେଲିଭିଜନକୁ ସାକ୍ଷାତ୍‌କାର ଦେବାବେଳେ ଉପସ୍ଥାପିକା ଭାରତୀୟ ରାଜନୈତିକ ଓ ସାମରିକ ନେତାଙ୍କ ମନ୍ତବ୍ୟ ଉପରେ ପ୍ରଶ୍ନ କରିବାରୁ ଆସିଫ୍ ଏଭଳି ମତ ରଖିଛନ୍ତି। ସେ କହିଛନ୍ତି, ସଶସ୍ତ୍ର ସଂଘର୍ଷର ବିପଦ ରହିଥିବାରୁ ପାକିସ୍ତାନ ଏହାର ସେନାକୁ ପ୍ରସ୍ତୁତ ରଖିବା ସହ ସ୍ଥିତି ଉପରେ ନଜର ରଖିଛି। ସେ ଉତ୍ତେଜନା ସୃଷ୍ଟି କରିବାକୁ ଚାହୁଁନାହାନ୍ତି, ତେବେ ଯୁଦ୍ଧ ସମ୍ଭାବନା ବାସ୍ତବ, ଯାହାକୁ ସେ ଖଣ୍ଡନ କରୁନାହାନ୍ତି। ଯଦି ଯୁଦ୍ଧ ହୁଏ, ତେବେ ଆଲ୍ଲାଙ୍କ ଇଚ୍ଛାରେ ଆମେ ପୂର୍ବାପେକ୍ଷା ଭଲ ଫଳାଫଳ ହାସଲ କରିବୁ ବୋଲି ଆସିଫ୍ କହିଛନ୍ତି।

ଏପ୍ରିଲ ୨୨ରେ ଜମ୍ମୁ–କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ମେ’ ୭ରେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନ ଓ ପାକ୍–ଅଧିକୃତ କଶ୍ମୀର (ପିଓକେ)ରେ ପଶି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ନଷ୍ଟ କରିଦେଇଥିଲେ। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ କେତେଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ସେବେଠୁ ଦୁଇଦେଶ ମଧ୍ୟରେ ତିକ୍ତତା ଆହୁରି ବଢ଼ିବାରେ ଲାଗିଥିବାବେଳେ ପାକିସ୍ତାନ ଆମେରିକାର ନିକଟତର ହେବାରେ ଲାଗିଛି। ଇତିମଧ୍ୟରେ ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨ ଥର ସାକ୍ଷାତ୍ କରିସାରିଲେଣି। ଗୋଟିଏପଟେ ଟ୍ରମ୍ପ ଭାରତୀୟ ସାମଗ୍ରୀଗୁଡ଼ିକ ☞ପୃଷ୍ଠା–୪

### ପାକିସ୍ତାନକୁ ଏୟାର୍–ଟୁ–ଏୟାର ମିଶାଇଲ ଦେବ ଆମେରିକା

ୱାଶିଂଟନ୍,୮।୧୦

ଆମେରିକା ପାକିସ୍ତାନକୁ ଏଆଇଏମ୍–୧୨୦ ଶ୍ରେଣୀର ଆଡ୍‌ଭାନ୍ସ ମିଡିୟମ୍ ରେଞ୍ଜ ଏୟାର୍–ଟୁ–ଏୟାର ମିଶାଇଲ୍ (ଏଏମ୍‌ଆର୍‌ଏଏମ୍) ଦେବ। ଆମେରିକାର ଯୁଦ୍ଧ ବିଭାଗ (ଡିଓଡବ୍ଲ୍ୟୁ) ପକ୍ଷରୁ ଏନେଇ ଏକ ସରକାରୀ ବିବୃତିରେ ସୂଚନା ଦିଆଯାଇଛି। ଆମେରିକା ଏହାର ସଦ୍ୟ ମିଶାଇଲ୍ କଣ୍ଟ୍ରାକ୍ଟରେ ପାକିସ୍ତାନକୁ ସାମିଲ କରିବା ଇସ୍‌ଲାମାବାଦ ଓ ୱାଶିଂଟନ୍ ମଧ୍ୟରେ ବଢୁଥିବା ଘନିଷ୍ଠତାକୁ ଦର୍ଶାଉଛି। କେବଳ ଏତିକି ନୁହେଁ, ଏଏଆର୍‌ଏଏମ୍ କାର୍ଯ୍ୟକ୍ରମରେ ପାକିସ୍ତାନକୁ ଅନ୍ତର୍ଭୁକ୍ତ କରାଯିବା ଫଳରେ ପଡ଼ୋଶୀ ଦେଶର ବାୟୁସେନା ନିଜ ଏଫ୍–୧୬ ଫ୍ଲିଟ୍‌କୁ ଉନ୍ନତ କରିବା ପାଇଁ ସୁଯୋଗ ପାଇବ। ଏଥିସହ ଆକାଶମାର୍ଗରୁ ଆକାଶରେ ଏହାର ଆକ୍ରମଣ କ୍ଷମତା ମଧ୍ୟ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୨୮ ରେ ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଓ ପ୍ରଧାନମନ୍ତ୍ରୀ ☞ପୃଷ୍ଠା–୪

# ଶିଳ୍ପା ସେଟ୍ଟୀଙ୍କୁ ବିଦେଶ ଯିବା ମନା

**ପ୍ରଥମେ ୬୦ କୋଟି ଜମା କରିବାକୁ କହିଲେ ହାଇକୋର୍ଟ**

ମୁମ୍ବାଇ,୮।୧୦

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏକ ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି କଲମ୍ବୋ ଯିବାକୁ ଚାହୁଁଥିବାବେଳେ ବୁଧବାର ବମ୍ବେ ହାଇକୋର୍ଟ ଏଥିପାଇଁ ମନା କରିଦେଇଛନ୍ତି। ଆବେଦନର ବିଚାର ପୂର୍ବରୁ ଶିଳ୍ପା ପ୍ରଥମେ ଠକେଇ ମାମଲାରେ ୬୦ କୋଟି ଟଙ୍କା ଜମା କରନ୍ତୁ ବୋଲି ହାଇକୋର୍ଟ କହିଛନ୍ତି। ଅଦାଲତ କହିଛନ୍ତି, ଶିଳ୍ପା ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ନାମରେ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଥିଲା, ଯାହା ଏବେ ବଳବତ୍ତର ରହିଛି। ଏହି କାରଣରୁ ସେମାନେ କୋର୍ଟଙ୍କ ଅନୁମତି କିମ୍ବା ତଦନ୍ତକାରୀ ସଂସ୍ଥାର ଅନୁମତି ବିନା ବିଦେଶ ଯାଇପାରିବେ ନାହିଁ ବୋଲି ମୁଖ୍ୟ ବିଚାରପତି ଶ୍ରୀଚନ୍ଦ୍ରଶେଖର ଏବଂ ଜଷ୍ଟିସ୍ ଗୌତମ ଅଙ୍ଖଡ଼ଙ୍କ ଖଣ୍ଡପୀଠ କହିଛନ୍ତି।



ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟନ୍ତ କଲମ୍ବୋରେ ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ଶିଳ୍ପା ଯୋଗଦେବା ଆବଶ୍ୟକ ବୋଲି ☞ପୃଷ୍ଠା–୪







# ୩ ବୈଜ୍ଞାନିକଙ୍କୁ ରସାୟନ ବିଜ୍ଞାନରେ ନୋବେଲ

## ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କ୍‌କୁ ବିକଶିତ କରିବା ପାଇଁ ସମ୍ମାନ



ସୁସୁମୁ କିଟାଗାୱା



ରିଚାର୍ଡ ରବସନ୍



ଓମାର ଏମ୍. ୟାଘି

**ଷ୍ଟକ୍‌ହୋମ, ୮।୧୦**

ରୟାଲ ସ୍ୱିଡିଶ୍ ଏକେଡେମି ଅଫ୍ ସାଇନ୍ସେସ୍ ପକ୍ଷରୁ ବୁଧବାର ରସାୟନ ବିଜ୍ଞାନ କ୍ଷେତ୍ରରେ ‘୨୦୨୫ ନୋବେଲ ପୁରସ୍କାର’ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କ (ଏମ୍‌ଓଏଫ୍)କୁ ବିକଶିତ କରିଥିବାରୁ ଜାପାନୀ ବୈଜ୍ଞାନିକ ସୁସୁମୁ କିଟାଗାୱା, ଅଷ୍ଟ୍ରେଲୀୟ ବୈଜ୍ଞାନିକ ରିଚାର୍ଡ ରବସନ୍ ଏବଂ ଆମେରିକୀୟ ବୈଜ୍ଞାନିକ ଓମାର ଏମ୍. ୟାଘିଙ୍କୁ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଦିଆଯିବ। ଏମ୍‌ଓଏଫ୍ ହେଉଛି ଏକ ନୂତନ ପ୍ରକାରର ମଲିକୁଲାର ଆର୍କିଟେକ୍ଚର ଯେଉଁଥିରେ, ରାସାୟନିକ ପଦାର୍ଥ ପାଇଁ ଅନ୍ତର୍ନିହିତ ସ୍ଥାନ ରହିଛି। ଏହାର ସାହାଯ୍ୟରେ ମରୁଭୂମି ବାୟୁରୁ ଆର୍ଦ୍ରତା ଶୋଷଣ କରି ପାଣି ବାହାର କରାଯାଇପାରିବ, ଯାହା ଶୁଷ୍କ ଅଞ୍ଚଳ ପାଇଁ ସହାୟକ ସାବ୍ୟସ୍ତ ହେବ। ସେହିପରି ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ କାରଖାନାଗୁଡ଼ିକରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ୍‌ଗୁଡ଼ିକୁ ଏମ୍‌ଓଏଫ୍ ଦ୍ୱାରା କବ୍‌ଜା କରି ରଖାଯାଇପାରିବ। ସେହିପରି ଏହାଦ୍ୱାରା ବିଷାକ୍ତ ଗ୍ୟାସ୍‌ଗୁଡ଼ିକୁ ସଂରକ୍ଷଣ କରି ରଖାଯାଇପାରିବ ଏବଂ ରସାୟନିକ ପ୍ରତିକ୍ରିୟାଗୁଡ଼ିକୁ ତ୍ୱରାନ୍ୱିତ କରାଯାଇପାରିବ। ପରିବେଶ ସଫା ରଖିବା ପାଇଁ ଏମ୍‌ଓଏଫ୍ ଦ୍ୱାରା ପାଣିରୁ କ୍ଷତିକାରକ ରସାୟନିକ ପଦାର୍ଥ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ବ୍ରାହ୍ମୀଲିପିର ପ୍ରଭାବ

## ଦିଲ୍ଲୀରେ ଆଜି



ହିନ୍ଦୋନ ଏୟାରଫୋର୍ସ ଷ୍ଟେଶନଠାରେ ବୁଧବାର ୯୩ତମ ବାୟୁସେନା ଦିବସ ପାଳନ ଅବସରରେ ଯବାନମାନେ ପରେଡ କରୁଛନ୍ତି। (ଫଟୋ-ଚମନ ଗୌତମ)

# ନଭି ମୁମ୍ବାଇ ଏୟାରପୋର୍ଟ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ମୁମ୍ବାଇ,୮।୧୦



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଦ୍‌ଘାଟନ କରିଛନ୍ତି। ୧୯,୬୫୦ କୋଟି ଟଙ୍କା ବ୍ୟୟରେ ଏହି ଏୟାରପୋର୍ଟ ୧,୧୬୦ ହେକ୍ଟର ଜମିରେ ପରିବ୍ୟାପ୍ତ। ଏହା ଭାରତର ବିମାନ ଚଳାଚଳ ସାମର୍ଥ୍ୟକୁ ଯଥେଷ୍ଟ ବଢ଼ାଇବା ସହ ମୁମ୍ବାଇରେ ଥିବା ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରର ଅତ୍ୟଧିକ ଟ୍ରାଫିକ୍ ବୋଝକୁ ଲାଘବ କରିବ। ଉଦ୍‌ଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ ନବନିର୍ମିତ ଏୟାରପୋର୍ଟରେ ବୁଲିଥିଲେ। ସରକାରୀ ଘରୋଇ ଭାଗୀଦାରିତା (ପିପିପି) ମୋଡ୍‌ରେ ନିର୍ମିତ ଏହା ଭାରତର ସର୍ବବୃହତ୍ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ପ୍ରୋଜେକ୍ଟ। ମୁମ୍ବାଇ ମେଟ୍ରୋପଲିଟାନ୍ ଅଞ୍ଚଳ ପାଇଁ ଏହା ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନବନ୍ଦର।

ଏଥିସହିତ ପ୍ରଧାନମନ୍ତ୍ରୀ ମୁମ୍ବାଇ ମେଟ୍ରୋ ଲାଇନ୍-୩ର ଫେଜ୍ ୨ବିକୁ ଉଦ୍‌ଘାଟନ କରିଛନ୍ତି। ଆଚାର୍ଯ୍ୟ ଆତ୍ରେ ଚୌକରୁ କୁଫେ ପ୍ୟାରେଡ୍ ପର୍ଯ୍ୟନ୍ତ ଏହି ମେଟ୍ରୋ ଲାଇଡ଼ ନିର୍ମାଣରେ ୧୨,୨୦୦ କୋଟି ଟଙ୍କା ବ୍ୟୟ ହୋଇଛି। ମୋଟ ୩୭,୨୭୦ କୋଟି ଟଙ୍କାର ମୁମ୍ବାଇ ମେଟ୍ରୋ ଲାଇନ୍-୩କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ମୁମ୍ବାଇର ସହରାଞ୍ଚଳ ପରିବହନର ପରିବର୍ତ୍ତନରେ ଏହା ଏକ ବଡ଼ ସଫଳତା। ଏଥିସହିତ ପ୍ରଧାନମନ୍ତ୍ରୀ ମୁମ୍ବାଇ ୱାନ୍ ଆପ୍ ଶୁଭାରମ୍ଭ କରିଛନ୍ତି, ଯାହା ଦୈନନ୍ଦିନ ଯାତ୍ରୀମାନଙ୍କୁ ସମନ୍ୱିତ ମୋବାଇଲ୍ ଟିକେଟ ବୁକିଂ ସମେତ ଅନେକ ସୁବିଧା ପ୍ରଦାନ କରିବ। ମହାରାଷ୍ଟ୍ରରେ ଦକ୍ଷତା, ନିଯୁକ୍ତି, ଉଦ୍ୟୋଗୀକରଣ ଏବଂ ନବପ୍ରବର୍ତ୍ତନର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ସ୍ୱଳ୍ପ ମିଆଦୀ ନିଯୁକ୍ତିଯୋଗ୍ୟ କାର୍ଯ୍ୟକ୍ରମ (ଏସ୍‌ଟିଇପି)ର ଉଦ୍‌ଘାଟନ କରିଛନ୍ତି। ୪୦୦ ସରକାରୀ ଆଇଟିଆଇ, ୧୫୦ ସରକାରୀ ଟେକ୍‌ନିକାଲ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ। ଶିଳ୍ପ ଆବଶ୍ୟକତା ଏବଂ ନିଯୁକ୍ତି ବଢ଼ାଇବାରେ ଦକ୍ଷତା ବିକାଶରେ ଏହା ଏକ ବଡ଼ ପଦକ୍ଷେପ ହେବାକୁ ଯାଉଛି।

# ବୋର୍ଡ ଆସନକୁ ନେଇ ଟାଟା ଟ୍ରଷ୍ଟରେ ବିବାଦ

## ସ୍ଥିରତା ବଜାୟ ରଖିବାକୁ କହିଲା କେନ୍ଦ୍ର

ନୂଆଦିଲ୍ଲୀ,୮।୧୦



ନୋଏଲ୍ ଟାଟା



ଏନ୍. ଚନ୍ଦ୍ରଶେଖରନ୍

ଟାଟା ଟ୍ରଷ୍ଟରେ ପୁଣିଥରେ ବିବାଦ ମୁଣ୍ଡ ଟେକିଛି। ୪ ବର୍ଷ ପୂର୍ବେ ଟାଟା ସନ୍ସ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରିଙ୍କୁ ବହିଷ୍କାର ଘଟଣାରେ ତିକ୍ତ କ୍ଷମତା କନ୍ଦଳ ଦେଖାଦେଇଥିବାବେଳେ ସୁପ୍ରିମକୋର୍ଟ ଏହାର ସମାଧାନ କରିଥିଲେ। ଏବେ ବୋର୍ଡ ଆସନକୁ ନେଇ ଟାଟା ଟ୍ରଷ୍ଟରେ ବିବାଦ ଦେଖାଦେଇଛି। ଟାଟା ଟ୍ରଷ୍ଟ ଏକ ଅଣଲାଭଦାୟକ ପରୋପକାରୀ ସଂଗଠନ ହୋଇଥିବାବେଳେ ଟାଟା ଗ୍ରୁପ୍‌ର ମୁଖ୍ୟ ହୋଲ୍ଡିଂ କମ୍ପାନୀ ଟାଟା ସନ୍ସ ଅଂଶଧନର ୬୬ ପ୍ରତିଶତର ମାଲିକାନା ଏହା ଅଧୀନରେ ରହିଛି।

ବୋର୍ଡରେ ନିଯୁକ୍ତି ଏବଂ ପରିଚାଳନା ପ୍ରସଙ୍ଗକୁ ନେଇ ଟ୍ରଷ୍ଟିମାନଙ୍କ ମଧ୍ୟରେ ବିବାଦ ତୀବ୍ର ହେବା ପରେ ଟାଟା ଗ୍ରୁପ୍‌ର ଶୀର୍ଷ କାର୍ଯ୍ୟନିର୍ବାହୀ ଟାଟା ଟ୍ରଷ୍ଟ ଅଧ୍ୟକ୍ଷ ନୋଏଲ୍ ଟାଟା ଏବଂ ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଭେଟିଥିଲେ। ଟାଟା ଟ୍ରଷ୍ଟର ଉପାଧ୍ୟକ୍ଷ ବେନୁ ଶ୍ରୀନିବାସନ ଓ ଟ୍ରଷ୍ଟି ଦରିଉସ୍ ଖମ୍ବାଟା ମଧ୍ୟ ଶାହାଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଥିଲେ। ୪୫ ମିନିଟ୍ ଧରି ଆଲୋଚନା ପରେ ଟାଟା ଟ୍ରଷ୍ଟରେ ସ୍ଥିରତା ବଜାୟ ରଖିବାକୁ କେନ୍ଦ୍ର ସରକାର ଟାଟା ଗ୍ରୁପ୍‌କୁ କଡ଼ା ବାର୍ତ୍ତା ଦେଇଥିବା ଜଣାପଡ଼ିଛି। ଆଭ୍ୟନ୍ତରୀଣ କଳହ ଯେପରି ଟାଟା ସନ୍ସକୁ ପ୍ରଭାବିତ ନ କରେ, ତାହା ସୁନିଶ୍ଚିତ କରିବାକୁ ଶାହା ଓ ସୀତାରାମନ୍ କହିଥିଲେ। ଏଥିପାଇଁ ଆବଶ୍ୟକ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଗ୍ରୁପ୍‌ର କାର୍ଯ୍ୟ ପ୍ରତି ବିପଦ ସୃଷ୍ଟି ହେଲା ଭଳି କୌଣସି ଆଭ୍ୟନ୍ତରୀଣ ଘଟଣା ଘଟୁଥିଲେ, ସମ୍ପୃକ୍ତ ଟ୍ରଷ୍ଟିଙ୍କୁ ବହିଷ୍କାର କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଟାଟା ଗ୍ରୁପ୍‌ର ଲିଷ୍ଟେଡ୍ ସଂସ୍ଥାଗୁଡ଼ିକର ବଜାର ପୁଞ୍ଜି ୨୫ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଭାରତର ଜିଡିପିରେ ଏହା ୪ ପ୍ରତିଶତ ଅବଦାନ ରହିଛି। ଏହା ଟିକସ ବାବଦରେ ଅନେକ ହଜାର କୋଟି ଟଙ୍କା ପୈଠ କରିଥାଏ। ବୋର୍ଡର ଜଣେ ସଦସ୍ୟ ରତନ ଟାଟାଙ୍କ ସାବତ ଭାଇ ନୋଏଲ୍‌ଙ୍କ ସହ ରହିଥିବାବେଳେ ଅନ୍ୟମାନେ ସାଇରସ୍ ମିସ୍ତ୍ରିଙ୍କ ସମ୍ପର୍କୀୟ ଭାଇ ମେହଲି ମିସ୍ତ୍ରିଙ୍କ ସହ ରହିଛନ୍ତି, ଯାହାଙ୍କର ଶାପୁର୍ଜୀ ପାଲୋଞ୍ଜି ପରିବାର ସହ ସମ୍ପର୍କ ରହିଛି। ଟାଟା ସନ୍ସରେ ଏହି ପରିବାରର ୧୮.୩୭ ପ୍ରତିଶତ ଶେୟାର ରହିଛି। ପୂର୍ବତନ ପ୍ରତିରକ୍ଷା ସଚିବ ବିଜୟ ସିଂଙ୍କୁ ଟାଟା ସନ୍ସ ବୋର୍ଡରେ ମନୋନୀତ ନିର୍ଦ୍ଦେଶକ ଭାବେ ପୁନଃ ନିଯୁକ୍ତି ଦେବା ପ୍ରସ୍ତାବକୁ ନେଇ ଗତ ସେପ୍ଟେମ୍ବର ୧୧ ବୋର୍ଡ ବୈଠକରେ ବିବାଦ ମୁଣ୍ଡ ଟେକିଥିଲା।

## କରୁର ଦଳାଚକଟା ମାମଲା: ସୁପ୍ରିମକୋର୍ଟ ଗଲା କେଟିଭି

ନୂଆଦିଲ୍ଲୀ,୮।୧୦

କରୁର ଦଳାଚକଟା ଘଟଣାର ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟ ଏସ୍‌ଆଇଟି ଗଠନ ନିମନ୍ତେ ନିର୍ଦ୍ଦେଶ ଦେଇଥିବାବେଳେ ତାମିଲ ଅଭିନେତା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ୍ (କେଟିଭି) ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସର୍ବୋଚ୍ଚ ଅଦାଲତ ପିଟିଶନ୍‌କୁ ଆସନ୍ତା ଶୁକ୍ରବାର ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଗତ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ରାଲିରେ ଦଳାଚକଟା ଘଟି ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ସିବିଆଇ ତଦନ୍ତ ପାଇଁ ହାଇକୋର୍ଟ ମନା କରିଦେଇଥିବାବେଳେ ଭାଜପା ନେତା ଉପା ଆନନ୍ଦନ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିବା ସହ ଶୁକ୍ରବାରକୁ ସମୟ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ନିରପେକ୍ଷ ତଦନ୍ତ ପାଇଁ ଟିଭିକେ ଚାହୁଁଛି। ତାମିଲନାଡୁର ପୋଲିସ ଅଫିସରଙ୍କ ଦ୍ୱାରା ତଦନ୍ତ କରାଗଲେ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ହେବା ନେଇ କେଟିଭି ସନ୍ଦେହ ବ୍ୟକ୍ତ କରିଛି।

## ମ୍ୟାନ୍‌ମାର ସେନା ଆକ୍ରମଣରେ ୨୪ ମୃତ

ବ୍ୟାଙ୍କକ୍,୮।୧୦

ମ୍ୟାନ୍‌ମାର ସେନା ଏକ ଗ୍ରାମ ଉପରେ ପାରାଗ୍ଲିହର ମାଡ଼ କରିବାରୁ ଛୋଟ ପିଲାଙ୍କ ସମେତ ଅନ୍ୟୂନ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଦେଶର କେନ୍ଦ୍ରୀୟ ସାଗିଆଙ୍ଗ ଅଞ୍ଚଳରେ ଥିବା ବୋନ ଗାଁରେ ସୋମବାର ରାତିରେ ବୌଦ୍ଧ ଉତ୍ସବ ପାଳନ ବେଳେ ରାଲି କରାଯାଇ ମ୍ୟାନ୍‌ମାର ସାମରିକ ସରକାର ଦ୍ୱାରା ଗିରଫ ହୋଇଥିବା ରାଜନେତାମାନଙ୍କୁ ମୁକ୍ତ କରିଦେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସମୟରେ ଉକ୍ତ ଗ୍ରାମକୁ ଟାର୍ଗେଟ କରି ସେନା ପକ୍ଷରୁ ଆକ୍ରମଣ କରାଯାଇଥିଲା। ୨୦୨୧ ଫେବୃଆରୀରେ ଅଙ୍ଗ୍ ସାନ୍ ସୁ କିଁଙ୍କ ନେତୃତ୍ୱାଧୀନ ତତ୍କାଳୀନ ନିର୍ବାଚିତ ସରକାରଠାରୁ ସେନା କ୍ଷମତା ଛଡ଼ାଇନେବା ପରଠାରୁ ମ୍ୟାନ୍‌ମାରରେ ଗୃହଯୁଦ୍ଧ ଲାଗିରହିଛି। ଆକ୍ରମଣ ହୋଇଥିବା ଗ୍ରାମ ରେଜିଷ୍ଟାନ୍ସ ଫୋର୍ସ ନିୟନ୍ତ୍ରଣରେ ରହିଛି।


# ମଧ୍ୟପ୍ରଦେଶ କଫ୍ ସିରପ୍ ମୃତ୍ୟୁସଂଖ୍ୟା ୨୦

## ୫ ଶିଶୁ ଗୁରୁତର
## ଏସ୍‌ଆଇଟିର ତଦନ୍ତ
## କାରଖାନା ସିଲ୍

ଭୋପାଳ, ୮।୧୦

ମଧ୍ୟପ୍ରଦେଶରେ କୋଲ୍ଡରିଫ୍ କଫ୍ ସିରପ୍ ସେବନଜନିତ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଥିବାବେଳେ ନାଗପୁରର ୫ ଶିଶୁ ଗୁରୁତର ଅବସ୍ଥାରେ ଏମ୍ସ ଓ ଅନ୍ୟାନ୍ୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତ ଶିଶୁଙ୍କ ମଧ୍ୟରୁ ଅଧିକାଂଶ ଛିନ୍ଦୱାଡ଼ା ଜିଲାର ହୋଇଥିବାବେଳେ ବେଟୁଲରୁ ୨ ଜଣ ଏବଂ ପାଣ୍ଢୁର୍ନାରୁ ଜଣେ ରହିଛନ୍ତି। ତାମିଲନାଡୁର ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ ପ୍ରସ୍ତୁତ କୋଲ୍ଡରିଫ୍ କଫ୍ ସିରପ୍ ଖାଇବା ପରେ ପିଲାମାନଙ୍କ କିଡ୍‌ନୀ ଅକାମୀ ହୋଇଯାଇଥିଲା।

ମଧ୍ୟପ୍ରଦେଶର ୭ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଆସିଷ୍ଟାଣ୍ଟ ପୋଲିସ କମିଶନରଙ୍କ ନେତୃତ୍ୱରେ ବୁଧବାର ଚେନ୍ନାଇ ନିକଟ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀରେ ପହଞ୍ଚି ତଦନ୍ତ ଚଳାଇଛି। ଚେନ୍ନାଇସ୍ଥିତ କମ୍ପାନୀ କାର୍ଯ୍ୟାଳୟରେ ଏସ୍‌ଆଇଟି ଚଢ଼ାଉ କରି ଦସ୍ତାବିଜ୍ ଓ ସିସିଟିଭି ଫୁଟେଜ୍ ଜବତ କରିଛି। ଉକ୍ତ କମ୍ପାନୀ ପଣ୍ଡିଚେରୀ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଅନ୍ୟାନ୍ୟ ରାଜ୍ୟକୁ କୋଲ୍ଡରିଫ୍ ସିରପ୍ ଯୋଗାଉଥିଲା। କମ୍ପାନୀ ମାଲିକ ୩ ଦିନ ପୂର୍ବରୁ ଅଫିସ୍ ଛାଡ଼ି ଚାଲିଯାଇଛନ୍ତି। ମଙ୍ଗଳବାର ତାମିଲନାଡୁ ସରକାର ଫ୍ୟାକ୍ଟ୍ରିକୁ ସିଲ୍ କରିଦେଇଛନ୍ତି। ମଧ୍ୟପ୍ରଦେଶର ଏସ୍‌ଆଇଟିକୁ ତଦନ୍ତରେ ତାମିଲନାଡୁ ପୋଲିସ ସହାୟତା କରୁଛି। ତାମିଲନାଡୁ ଖାଦ୍ୟ ସୁରକ୍ଷା ଏବଂ ଔଷଧ ପ୍ରଶାସନ ପକ୍ଷରୁ ଫ୍ୟାକ୍ଟ୍ରିରୁ ସଂଗ୍ରହ କରାଯାଇଥିବା ନମୁନା ଅପମିଶ୍ରିତ ହୋଇଥିବା ଜଣାପଡ଼ିଥିଲା। ଫଳରେ ଫ୍ୟାକ୍ଟ୍ରିରେ ଉତ୍ପାଦନ ତୁରନ୍ତ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୧ରୁ ରାଜ୍ୟ ସରକାର କୋଲ୍ଡରିଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଲଗାଇବା ସହ ବଜାରରୁ ସମସ୍ତ ଗଚ୍ଛିତ ସିରପ୍ ହଟାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଭାରତ ଗସ୍ତରେ ଆସି ବୁଧବାର ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ସ୍ୱାଗତ କରୁଛନ୍ତି। ପାଖରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଉପସ୍ଥିତ ଅଛନ୍ତି।

## ଜୁବିନ୍ ମୃତ୍ୟୁ ମାମଲାରେ ଆସାମ ଡିଏସ୍‌ପି ଗିରଫ

ଗୁଆହାଟୀ,୮।୧୦

ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ମାମଲାରେ ଆସାମର ଆଇପିଏସ୍ ଅଫିସର ସନ୍ଦିପନ୍ ଗର୍ଗଙ୍କୁ ଆସାମ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ବୁଧବାର ଗିରଫ କରିଛି। ସନ୍ଦିପନ୍ ଜୁବିନ୍‌ଙ୍କ ସମ୍ପର୍କୀୟ ଭାଇ। ସେପ୍ଟେମ୍ବର ୧୯ରେ ସିଙ୍ଗାପୁରର ସମୁଦ୍ରରେ ସନ୍ତରଣ ବେଳେ ସନ୍ଦେହଜନକ ସ୍ଥିତିରେ ଜୁବିନ୍‌ଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଦିନ ସନ୍ଦିପନ୍ ସେଠାରେ ବୋଟ୍‌ରେ ଥିଲେ। ଏହା ସନ୍ଦିପନ୍‌ଙ୍କର ପ୍ରଥମ ବିଦେଶ ଗସ୍ତ ଥିଲା। ଗତ ୫ ଦିନ ହେଲା ଡିଏସ୍‌ପି ସନ୍ଦିପନ୍ ଆସାମ ସିଆଇଡି କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦନ୍ତର ସମ୍ମୁଖୀନ ହେଉଥିଲେ। ବୁଧବାର ସକାଳ ୧୦ଟା ୩୦ରେ ସେ ସିଆଇଡି ଅଫିସରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କୁ କୋର୍ଟରେ ହାଜରକରି ସିଆଇଡି ୧୪ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିବ ବୋଲି ଜଣାପଡ଼ିଛି। ଜୁବିନ୍ ମୃତ୍ୟୁ ମାମଲାରେ ଏପର୍ଯ୍ୟନ୍ତ ୫ ଜଣ ଗିରଫ ହେଲେଣି। ସେମାନଙ୍କ ମଧ୍ୟରେ ସିଙ୍ଗାପୁରରେ ଚତୁର୍ଥ ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲର ଆୟୋଜକ ଶ୍ୟାମକନ୍ଦୁ ମହାନ୍ତ, ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ବ୍ୟାଣ୍ଡମେଟ୍ ଶେଖର ଜ୍ୟୋତି ଗୋସ୍ୱାମୀ ଏବଂ ଗାୟକ ଅମ୍ରିତପ୍ରଭା ମହାନ୍ତ ରହିଛନ୍ତି। ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗଦେବା ପାଇଁ ଜୁବିନ୍ ସିଙ୍ଗାପୁର ଯାଇଥିଲେ।

## ମାଲବାହୀ ଟ୍ରେନ୍‌ର ୩୮ ୱାଗନ ଲାଇନଚ୍ୟୁତ

ନୂଆଦିଲ୍ଲୀ,୮।୧୦(ପି.ଟି.)

ରାଜସ୍ଥାନର ନ୍ୟୁ ଶ୍ରୀମାଧୋପୁର ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍‌ର ୩୮ଟି ୱାଗନ ମଙ୍ଗଳବାର ବିଳମ୍ବିତ ରାତିରେ ଲାଇନଚ୍ୟୁତ ହୋଇଛି। ଫଳରେ ୱେଷ୍ଟର୍ନ ଡେଡିକେଟେଡ୍ ଫ୍ରାଇଟ୍ କରିଡରରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ରେଳଲାଇନରେ ଗୋରୁପଲ ସହ ଧକ୍କା ହୋଇ ଟ୍ରେନ୍ ଲାଇନଚ୍ୟୁତ ହୋଇଥିବା ବିଶ୍ୱାସ କରାଯାଉଛି। ଟ୍ରେନ୍ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଡେଡିକେଟେଡ୍ ଫ୍ରାଇଟ୍ କରିଡର କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃର ଶୀର୍ଷ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବାକୁ ଉଦ୍ୟମ ଚଳାଇଛନ୍ତି। ମାଲ୍‌ବାହୀ ଟ୍ରେନ୍‌ଟି ପଞ୍ଜାବର ହାଡ଼ିଆରୁ ଖାଦ୍ୟଶସ୍ୟ ନେଇ ଦେଶର ପଶ୍ଚିମ ଭାଗକୁ ଯାଉଥିଲା। ଅପ୍‌ଲାଇନରେ ଦୁର୍ଘଟଣା ଘଟିବା ପରେ ୱାଗନଗୁଡ଼ିକ ଅନ୍ୟ ଲାଇନକୁ ଚାଲିଯିବାରୁ ଉଭୟ ଲାଇନରେ ଟ୍ରେନ୍ ଚଳାଚଳ ବନ୍ଦ ରହିଛି।



ନ୍ୟୁ ଶ୍ରୀମାଧୋପୁର ଷ୍ଟେଶନ ନିକଟରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି।

## ବାଣ ଫ୍ୟାକ୍ଟ୍ରିରେ ନିଆଁ, ୬ ମୃତ

ଅମରାବତୀ, ୮।୧୦

ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲା କୋମାରିପାଲେମ ଗ୍ରାମ ନିକଟ ଲକ୍ଷ୍ମୀ ଗଣପତି ବାଣ କାରଖାନାରେ ବୁଧବାର ଦ୍ୱିପ୍ରହର ସମୟରେ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ନିଆଁ ଲାଗିବା ସମୟରେ କାରଖାନାରେ ବାଣ ତିଆରି ଚାଲିଥିଲା। କାରଖାନାରେ ଥିବା ଜ୍ୱଳନଶୀଳ ରାସାୟନିକ ପଦାର୍ଥ ଯୋଗୁ ନିଆଁ ଦ୍ରୁତ ଗତିରେ ପୂରା ୟୁନିଟକୁ ବ୍ୟାପିଯାଇଥିଲା ଏବଂ ଅନେକ ଶ୍ରମିକ ଏହା ଭିତରେ ଫସି ରହିଥିଲେ। ଅନେକ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁ ଲିଭାଇଥିଲା। ୮ ଆହତଙ୍କୁ ନିକଟସ୍ଥ ରାଜମୁନ୍ଦ୍ରୀ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ନୂଆ ଅଫିସ ପାଇଁ ମାସିକ ୧୫ ଲକ୍ଷ ଗଣିବେ କରନ୍

ମୁମ୍ବାଇ



ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ପ୍ରସିଦ୍ଧ ପ୍ରଡକ୍ସନ ହାଉସ ଧର୍ମା ପ୍ରଡକ୍ସନ୍ସ ମୁମ୍ବାଇର ଅନ୍ଧେରୀରେ ଏକ ନୂତନ ଅଫିସ ଭଡ଼ାରେ ନେଇଛି। ଏହି ଅଫିସର ମାସିକ ଭଡା ୧୫ ଲକ୍ଷ ଟଙ୍କା ରହିଛି। କରନ୍ ଧର୍ମା ପ୍ରଡକ୍ସନ୍ସ ପାଇଁ ଏହି ଅଫିସକୁ ଗତ ମାସରେ ଭଡ଼ାରେ ନେଇଥିବା ନେଇ ବୁଧବାର ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଉକ୍ତ କାର୍ଯ୍ୟାଳୟର କ୍ଷେତ୍ରଫଳ ୫,୫୦୦ ବର୍ଗଫୁଟ ରହିଛି। ୪ ବର୍ଷ ପାଇଁ ଉକ୍ତ ଅଫିସକୁ କରନ ଭଡ଼ାରେ ନେଇଛନ୍ତି। ପ୍ରଥମ ବର୍ଷ ପାଇଁ ଏହି ଅଫିସର ମାସିକ ଭଡ଼ା ୧୫ ଲକ୍ଷ ଟଙ୍କା ରଖାଯାଇଛି, ଯାହା ପ୍ରତିବର୍ଷ ୫% ଅନୁପାତରେ ବୃଦ୍ଧି ପାଇବ। ଏହିପରି ଚତୁର୍ଥ ତଥା ଶେଷ ବର୍ଷ ଏହି ଅଫିସ ପାଇଁ ଧର୍ମା ପ୍ରଡକ୍ସନ୍ସକୁ ଭଡା ଆକାରରେ ମାସିକ ୧୭.୩୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ମୋଟ ୪ ବର୍ଷ ମଧ୍ୟରେ ଏହି ଅଫିସ ପାଇଁ ଧର୍ମା ପ୍ରଡକ୍ସନ୍ସକୁ ୭.୭୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ପ୍ରକାଶ ଯେ, କରନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଧର୍ମା ପ୍ରଡକ୍ସନ୍ସ ହେଉଛି ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଯାହା ବଲିଉଡ୍‌ର ପ୍ରମୁଖ ପ୍ରଡକ୍ସନ ହାଉସ ଭାବେ ଜଣାଶୁଣା। ଧର୍ମା ପ୍ରଡକ୍ସନ୍ସ ପକ୍ଷରୁ ଅଭିନେତ୍ରୀ ଆଲିଆ ଭଟ୍ଟ, ଅଭିନେତା ବରୁଣ ଧାୱନ, ସିଦ୍ଧାର୍ଥ ମାଲହୋତ୍ରାଙ୍କ ପରି ଅନେକ ତାରକାଙ୍କୁ ବଲିଉଡ୍‌ରେ ସଫଳ ଭାବେ ଲଞ୍ଚ କରାଯାଇଛି।

# ସହନଶୀଳତା ମଣିଷ-ହାତୀ ସଂଘର୍ଷ କମାଏ: ତଥାଗତ

- ହାତୀ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା ଆଣୁଛନ୍ତି: ବିଧାୟକ ଫକୀର ନାଏକ
- ମଣିଷ-ହାତୀ ସଂଘର୍ଷ ରୋକିବାରେ 'ହାତୀସଭା'ର କାର୍ଯ୍ୟ ପ୍ରଶଂସନୀୟ: ଡିଏଫ୍‌ଓ

ଯୋଡ଼ା/କେନ୍ଦୁଝର,୮।୧୦ (ମାନସ ମହାନ୍ତି/ନରେଶ ପଟ୍ଟନାୟକ)

ପରିବେଶ ସନ୍ତୁଳନ ରକ୍ଷାକରିବା ପାଇଁ ମନୁଷ୍ୟ ସହ ବନ୍ୟପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମଣିଷର ତ୍ରୁଟିକୁ କେବଳ ମନୁଷ୍ୟ ହିଁ ସୁଧାରିପାରିବ। ମନୁଷ୍ୟର ଗତିଶକ୍ତି ଏତେ ବଢ଼ିଯାଇଛି ଯେ, ବିଶାଳକାୟ ପ୍ରାଣୀ ହାତୀ ମଧ୍ୟ ଅବକ୍ଷୟ ଆଡ଼କୁ ଚାଲିଯାଉଛି। ପରିବେଶ ପ୍ରତି ସଚେତନ ରହିବା ଏବଂ ସଚେତନତା କରିବା ନାଗରିକ ଭାବେ ଆମର ପ୍ରଥମ କର୍ତ୍ତବ୍ୟ ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। କେନ୍ଦୁଝର ସହରସ୍ଥିତ ଅଡିଟୋରିୟମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ୭୧ତମ ଜାତୀୟ ବନ୍ୟପ୍ରାଣୀ ମହୋତ୍ସବରେ ତଥାଗତ ମୁଖ୍ୟବକ୍ତାଭାବେ ଯୋଗଦେଇ



କେନ୍ଦୁଝର ଅଡିଟୋରିୟମଠାରେ ବୁଧବାର ଅନୁଷ୍ଠିତ ଜାତୀୟ ବନ୍ୟପ୍ରାଣୀ ମହୋତ୍ସବରେ ମୁଖ୍ୟବକ୍ତା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ(ବାମରୁ) ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ବିଧାୟକ ଫକୀର ମୋହନ ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ୍ କୁଶଲକର ଓ ପୌରାଧକ୍ଷା ନିକୁ ସାହୁ ଉପସ୍ଥିତ ଅଛନ୍ତି।

## ଜାତୀୟ ବନ୍ୟପ୍ରାଣୀ ମହୋତ୍ସବ

ଉପରୋକ୍ତ ମନ୍ତବ୍ୟ ଦେବା ସହ ହାତୀ ସହବସ୍ଥାନ ନିକଟ ଅଞ୍ଚଳର ଲୋକଙ୍କ ସହନଶୀଳତା ମଣିଷ-ହାତୀ ସଂଘର୍ଷ କମାଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି।

ତଥାଗତ କହିଛନ୍ତି, କେନ୍ଦୁଝରର ବିଭିନ୍ନ ଗ୍ରାମାଞ୍ଚଳ ଗସ୍ତ କରି 'ହାତୀସଭା'ରେ ଯୋଗଦେବା ସମୟରେ ସେ ଉପଲବ୍ଧି କରିଛନ୍ତି, ହାତୀପ୍ରବଣ ଅଞ୍ଚଳରେ ହାତୀ ପ୍ରତି ଅଞ୍ଚଳବାସୀଙ୍କ କ୍ରୋଧ ନାହିଁ। ଗ୍ରାମବାସୀଙ୍କ ମଧ୍ୟରେ ସହନଶୀଳତା ଏବଂ ବିଶ୍ୱାସ ରହିଥିବାରୁ ମନୁଷ୍ୟ ଓ ହାତୀ ସଂଘର୍ଷ ହ୍ରାସ ପାଉଛି। ଏହା ଗୋଟିଏ ପୃଥିବୀ, ଯେଉଁଠି ମନୁଷ୍ୟ ସହ ପଶୁପକ୍ଷୀ ମଧ୍ୟ ରହିବେ। ଏବେ ବି ସମୟ ଅଛି, ବନ୍ୟପ୍ରାଣୀଙ୍କୁ ବଞ୍ଚିବାକୁ ଦେବା। ଏକ ଉଦାହରଣ ଦେଇ ସେ କହିଛନ୍ତି, ଗୋଟିଏ ଦେଶରେ ଲୋକମାନେ ସାପ ଖାଆନ୍ତି। ସେଠାକାର ଲୋକ ଏତେ ପରିମାଣରେ ସାପ ଖାଇଗଲେ ଯେ, ମୂଷାକୁ ମାରିବା ପାଇଁ ଆଉ ସାପ ରହିଲେ ନାହିଁ। ଫଳରେ ସନ୍ତୁଳନ ବିଗିଡ଼ିଗଲା। ମୂଷା ଉପଦ୍ରବ ବୃଦ୍ଧି ପାଇଲା। ସେହି ଦେଶର ଲୋକେ ମୂଷା ପାଇଁ ହନ୍ତସନ୍ତ ହେଲେ। ସେହିପରି ହାତୀ ଏକ ବିଶାଳକାୟ ବନ୍ୟପ୍ରାଣୀ ହୋଇଥିବାରୁ ଉଚ୍ଚରେ ଥିବା ଡାଳପତ୍ରକୁ ଭାଙ୍ଗେ ଏବଂ ଖାଏ। ବଡ଼ ଗଛର ଛାଇରେ ବଢ଼ି ଉଠୁଥିବା ନୂତନ ଗଛ ଏହାଦ୍ୱାରା ଉଜ୍ଜୀବିତ ହୋଇଥାଏ। ଏହା ଆଗାମୀ ବନୀକରଣ ପାଇଁ ସହାୟକ ହୁଏ। ଏଥିସହ ପ୍ଲାଷ୍ଟିକ୍ ଉତ୍ପାଦ ବୃଦ୍ଧି ଆଗାମୀ ଦିନରେ ବ୍ଲୁ ପ୍ଲାନେଟ୍ ପୃଥିବୀ ପାଇଁ ଉଦ୍‌ବେଗର ବିଷୟ ହେଲାଣି। ସ୍ଥଳଭାଗରୁ ଆରମ୍ଭକରି ଜଳଭାଗ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପରିବେଶକୁ ବିଗାଡ଼ିଦେଲାଣି। ଏବେ ବି ଏହାକୁ ରୋକାଯାଇପାରିବ ବୋଲି ତଥାଗତ କହିଛନ୍ତି। ଏଥିସହ ଖବରଦାତା ପରିବେଶ ଉପରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସର୍ବଦା ସତ୍ୟ ଲେଖନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ମୁଖ୍ୟ ଅତିଥିଭାବେ ତେଲକୋଇ ବିଧାୟକ ଫକୀର ମୋହନ ନାଏକ ବନସ୍ପତି ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ଯୋଜନା ଆଣୁଛନ୍ତି। ସେଥିରେ ହାତୀଙ୍କ ପ୍ରିୟ ଖାଦ୍ୟ ବାଉଁଶଗଛ ସେମାନେ ରହୁଥିବା ଅଞ୍ଚଳରେ ଲଗାଯାଉଛି। ହାତୀ ରହୁଥିବା ଅଞ୍ଚଳରେ ଏହି ବୃହତ୍ ପ୍ରାଣୀର ସୁରକ୍ଷା ପାଇଁ ବାରମ୍ବାର ବିଜୁଳି କାଟ ହେଉଥିବାରୁ ଅଣ୍ଡର ଗ୍ରାଉଣ୍ଡ୍ ମାଧ୍ୟମରେ ବିଦ୍ୟୁତ୍ ସରବରାହ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ନିମ୍ନ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାର ଉଚ୍ଚ ଖୁଣ୍ଟରେ ଲଗାଇବାକୁ ଯୋଜନା କରାଯାଉଛି ବୋଲି ବିଧାୟକ ନାୟକ କହିଛନ୍ତି। ନିମନ୍ତ୍ରିତ ଅତିଥିଭାବେ କେନ୍ଦୁଝର ପୌର ଅଧକ୍ଷା ନିକୁ ସାହୁ କହିଛନ୍ତି, ପୃଥିବୀ ସୀମିତ, କିନ୍ତୁ ଏଥିରେ ସମସ୍ତଙ୍କ ପାଇଁ ସ୍ଥାନ ରହିଛି। ମନୁଷ୍ୟର ମାତ୍ରାଧିକ ଚାହିଦା ବୃଦ୍ଧି ପାଇଁ ଜଙ୍ଗଲ ନଷ୍ଟ ଏବଂ ଜଙ୍ଗଲ ଜବରଦଖଲ ହେଉଛି। ଏହାଦ୍ୱାରା ସନ୍ତୁଳନ ବିଗିଡ଼ିଯାଉଛି। ଜଙ୍ଗଲ ଧ୍ୱଂସ ଫଳରେ ମଣିଷ ଏବଂ ପ୍ରାଣୀ ମଧ୍ୟରେ ତିକ୍ତତା ଲାଗି ରହୁଛି। ତେଣେ ପ୍ଲାଷ୍ଟିକ୍ ପରିବେଶକୁ ନଷ୍ଟ କରୁଛି ବୋଲି ସେ ଚିନ୍ତାବ୍ୟକ୍ତ କରିଛନ୍ତି।

ନିମନ୍ତ୍ରିତ ଅତିଥି କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ୍ କୁଶଲକର କହିଛନ୍ତି, ଧନଜୀବନ ରକ୍ଷାକରିବା ପୋଲିସର କାମ। ବନ୍ୟପ୍ରାଣୀ, ପକ୍ଷୀ ଓ ପରିବେଶ ରକ୍ଷାକରିବା ବନ ବିଭାଗର କାମ। ପୋଲିସ ଓ ବନ ବିଭାଗର ସମନ୍ୱୟରେ ଅନେକାଂଶରେ ମିଳିତ ଚଢ଼ାଉ କରାଯାଇ ଶିକାରୀଙ୍କୁ ଧରାଯାଉଛି। ବନାଞ୍ଚଳରେ ବେଆଇନ ଖଣି ଖନନକୁ ବନ୍ଦ କରାଯାଉଛି। ଏଥିସହ ବନାଞ୍ଚଳରେ ସୋଲାର ଲାଇଟ୍ ସହ ସିସିଟିଭି ସମନ୍ୱିତ ଭାବେ ଲଗାଗଲେ ବନ୍ୟପ୍ରାଣୀଙ୍କ ଗତିବିଧିରେ ଉପରେ ନଜର ରଖାଯିବା ସହ ଶିକାରୀଙ୍କୁ ମଧ୍ୟ ଧରାଯାଇ ପାରିବ। ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ଦିଆଗଲେ ବନ୍ୟପ୍ରାଣୀ ଓ ମଣିଷ ମଧ୍ୟରେ ତିକ୍ତତା କମିବ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ କାର୍ଯ୍ୟକ୍ରମକୁ ପରିଚାଳନା କରି କହିଛନ୍ତି, ହାତୀ ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ମନୁଷ୍ୟର ବିଶୃଙ୍ଖଳିତ ଆଚରଣ ହେତୁ ଏହି ସଂଘର୍ଷ ହେଉଛି। ଧରିତ୍ରୀ ସହଭାଗିତାରେ ରାଜ୍ୟରେ ହେଉଥିବା ହାତୀସଭାକୁ ସେ ଭୂୟସୀ ପ୍ରଶଂସା କରିବା ସହ ମଣିଷ ଓ ହାତୀ ସଂଘର୍ଷ ରୋକିବାରେ ଏହାର ଭୂମିକା ଉଲ୍ଲେଖନୀୟ। ରାଜ୍ୟ ସରକାରଙ୍କ ପକ୍ଷରୁ ଧନ ଜୀବନହାନି ହେଲେ କ୍ଷତିପୂରଣ ଦିଆଯାଉଛି। ହାତୀ ଫସଲ ନଷ୍ଟକଲେ ମଧ୍ୟ ଆକଳନ କରି ବନ ବିଭାଗ ଆର୍ଥିକ ସାହାଯ୍ୟ ଦେଉଛି ବୋଲି ସେ କହିଛନ୍ତି।

ସଭାରେ ଯୋଗଦେଇଥିବା କେନ୍ଦୁଝର ଜିଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ ଧରିତ୍ରୀ ସମ୍ପାଦକଙ୍କ ସମ୍ପାଦକୀୟ 'ଫାଶୀ ଦିଅ' ସମ୍ପର୍କରେ ଉପସ୍ଥାପନ କରି ତଥାଗତଙ୍କ ଏହି ବଳିଷ୍ଠ ଲେଖାକୁ ପ୍ରଶଂସା କରିଛନ୍ତି। ମାତ୍ର ଆଜିକାଲି ଖବରଦାତାମାନେ ସତ୍ୟ ନ ଲେଖି ସ୍ୱାର୍ଥକୁ ସୁହାଇଲା ଭଳି ଖବର ଲେଖୁଛନ୍ତି। ଏହାଦ୍ୱାରା ସତ୍ୟ ଆଧାରିତ ଖବର ଲୁଚିଯାଉଛି। ତେଣୁ ନିର୍ଭୀକ ଏବଂ ବିନା ପକ୍ଷପାତିତା ସାମ୍ବାଦିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ପ୍ରାୟ ୨୦ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭାରେ ଅଂଶଗ୍ରହଣ କରିଥିଲେ। ଏଥିସହ ଜିଲା ପରିଷଦର ପ୍ରତିନିଧି, ବନ ବିଭାଗର ଗଜସାଥୀ ଓ ଅନ୍ୟାନ୍ୟ ସୁରକ୍ଷା ଦାୟିତ୍ୱରେ ଥିବା ମହିଳା ଓ ପୁରୁଷ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ହାତୀ ପ୍ରବଣ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ଟର୍ଚ୍ଚ, ଇନ୍‌ଭର୍ଟର ବଲ୍‌ବ ଏବଂ ହାତୀ ଦ୍ୱାରା କ୍ଷତିଗ୍ରସ୍ତଙ୍କ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଚେକ୍ ପ୍ରଦାନ କରାଯାଇଥିଲା। ଶେଷରେ ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତି ଏବଂ ପ୍ରଜ୍ଞାନଙ୍କ ଦ୍ୱାରା ନାଟକ 'ଐରାବତ' ପରିବେଷଣ କରାଯାଇଥିଲା।


ସଭାସ୍ଥଳରେ ଉପସ୍ଥିତ ବୁଦ୍ଧିଜୀବୀ, ହାତୀ ପ୍ରବଣ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ,ଛାତ୍ରୀଛାତ୍ର ,ବନ କର୍ମଚାରୀ ଓ ଗଜସାଥୀ।

# ଡ୍ରୋନ୍‌ମୁକ୍ତ ଅଞ୍ଚଳ ହେବ ବାଲିଯାତ୍ରା

## ଐତିହାସିକ କଟକ ବାଲିଯାତ୍ରା ପାଇଁ ଜିଲା ପ୍ରଶାସନର ତତ୍ପରତା


କଟକ,୮।୧୦(କାର୍ତ୍ତିକ ସାହୁ)


କଟକ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଐତିହାସିକ ବାଲିଯାତ୍ରା କଟକର ଆୟୋଜନ ନିମନ୍ତେ ତତ୍ପରତା ପ୍ରକାଶ ପାଇଛି। ସୁରକ୍ଷା ଏବଂ ନିରାପତ୍ତା ଦୃଷ୍ଟିରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆଠାରୁ ୫ କି.ମି. ପରିଧିକୁ ଡ୍ରୋନ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଡ୍ରୋନମୁକ୍ତ ଅଞ୍ଚଳ ଉପରେ ପାରା ଗ୍ଲାଇଡର୍, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ ଏୟାରକ୍ରାଫ୍ଟ, ହଟ ଏୟାର ବେଲୁନ, ୟୁଏଭି କିମ୍ବା ଡ୍ରୋନ ଉଡ଼ାଣକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି। ଏହି ନିର୍ଦ୍ଦେଶ ଉଲ୍ଲଂଘନ କଲେ ଏନ୍‌ଫୋର୍ସମେଣ୍ଟ ଦଳ ଦ୍ୱାରା ନିଷିଦ୍ଧ ସାମଗ୍ରୀ ଜବତ କରାଯିବ। ଏଥିସହ ଉଲ୍ଲଂଘନକାରୀଙ୍କ ପ୍ରତି ଆଇନ ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତେଣୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ପରିଧି ମଧ୍ୟରେ ଏପରି କୌଣସି ଉପକରଣ ପରିଚାଳନା କରିବା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନ୍ୟାୟିକ ବିଭାଗରୁ ଆବଶ୍ୟକ ଅନୁମତି ନେବାକୁ ଅନୁରୋଧ କରାଯାଇଛି। ଚଳିତବର୍ଷ ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଭୟ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ୬୦ ଏକରରୁ ଅଧିକ ପରିବ୍ୟାପ୍ତ ସ୍ଥାନରେ ବିଶାଳ ଆକାରରେ ଆୟୋଜନ ହେବ। ଏହି ଅବସରରେ ଅନେକ ଭିଭିଆଇପି ଏବଂ ଭିଆଇପି ଅତିଥି ଐତିହାସିକ ମହୋତ୍ସବ ଦେଖିବା ପାଇଁ ଯୋଗଦେବା ଆଶା କରାଯାଉଛି। ପ୍ରତିବର୍ଷ ପରି ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମ ହେବ। ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାଯାଇଛି।

# ବଜ୍ରପାତରେ ଚାଲିଗଲା ୨ ଜୀବନ

ମହାକାଳପଡ଼ା/ ଆଠମଲ୍ଲିକ, ୮।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ/ଉଦୀପ୍ତ ପୁରୋହିତ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏଥିରେ କେବିଦାଣ୍ଡିଆ ପଞ୍ଚାୟତ ବଗଗହଣ ଗ୍ରାମର ନିଳକମଳ ମାଇତି(୫୭)ଘର ନିକଟ ନଦୀକୂଳ ବନ୍ଧରୁ ଗାଈ ଆଣିବାକୁ ଯାଇଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତାଙ୍କ ଛାତିରେ କଣା ହୋଇ କଳା ପଡ଼ିଥିବା ଦେଖିବାକୁ ମିଳିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ରିପୋର୍ଟ ମିଳିଲେ ସରକାରଙ୍କ ରିଲିଫ କୋର୍ଡ ଅନୁସାରେ ଆର୍ଥିକ ସହାୟତା ଯୋଗାଇ ଦେବା ବ୍ୟବସ୍ଥା କରାଯିବ। ସେହିପରି ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ମାଳିପଦର ଗ୍ରାମର ଚାଷୀ ରଞ୍ଜିତ ଖମାରୀ (୪୨)ଙ୍କ ବୁଧବାର ବଜ୍ରପାତରେ ମୃତ୍ୟୁ ହୋଇଛି। ରଞ୍ଜିତ ଓ ତାଙ୍କ ସ୍ତ୍ରୀ ଚାଷ ଜମିରେ କାମ କରୁଥିବା ବେଳେ ଅପରାହ୍ନ ୨ଟାରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ରଞ୍ଜିତ ଗୁରୁତର ହୋଇଥିଲେ। ଗ୍ରାମବାସୀ ଏକ ଅଟୋରେ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୮ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିଧାନସଭା ପରିସର. ସମୟ: ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଓ ରକ୍ତଦାନ ଶିବିର କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ବିପନ୍ନ ସହାୟତା ସମିତି ସେବା, ପ୍ଲଟ୍ ୪, ମଞ୍ଚେଶ୍ୱର, ସମୟ: ସକାଳ ୯ଟା ୩୦।
- ବିଜେଡ଼ି ଏକାମ୍ର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ଡୁମୁଡୁମା ଡାଇବିଟିକ୍ ହସ୍ପିଟାଲ୍ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ଲିବରେଶନ୍ ପକ୍ଷରୁ ନାଗଭୂଷଣ ପଟ୍ଟନାୟକଙ୍କ ୨୮ତମ ଶ୍ରଦ୍ଧାଞ୍ଜଳି ଦିବସ, ସ୍ଥାନ: ନାଗଭୂଷଣ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କସ୍ତୁରବା ନାରୀମହଲ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ଭଜନ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ୬୭ତମ କୁମାର ଉତ୍ସବ, ସ୍ଥାନ: ଟାଉନ ହଲ ରଙ୍ଗମଞ୍ଚ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ନରେନ୍ଦ୍ରପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ପାଲା ପରିବେଷଣ, ସ୍ଥାନ: ଉତ୍ସବ ପଡିଆ, ଲକ୍ଷ୍ମୀପୂଜା ମଣ୍ଡପ, ବଡ଼ବିଲ, ସମୟ: ରାତି ୮ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଖୁଣ୍ଟାପାଳ ପୁନେଇଁତାଣ୍ଡି, ମୋରଡ଼ା,ସମୟ:ରାତି ୯ଟା।

## ବ୍ରହ୍ମପୁର

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଆସିକାରୋଡ, ଆମ୍ବପୁଆ ଓ ରେଡକ୍ରସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ବିଜେଡି ଜନ ସଂପର୍କ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ବିଜିପୁର ଛକ, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ଗଣେଶ ବଜାର ପୂଜା କମିଟି ପକ୍ଷରୁ ପ୍ରସାଦ ସେବନ, ସ୍ଥାନ: ଗଣେଶ ବଜାର, ସମୟ: ଅପରାହ୍ନ ୧ଟା।
- ଜୁବୁଲି ଟାଉନ-୧ ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରସାଦ ସେବନ, ସ୍ଥାନ: ନାଗେଶ୍ୱର ମନ୍ଦିର, ଜୁବୁଲି ଟାଉନ, ସମୟ: ଅପରାହ୍ନ ୧ଟା।
- କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀ ତୃତୀୟ ସନ୍ଧ୍ୟା, ସ୍ଥାନ: କଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ବିଜେଡି ପକ୍ଷରୁ ପଦଯାତ୍ରା, ସ୍ଥାନ: ତାଳଚେର, ସମୟ: ସକାଳ ୮ଟା ୩୦।
- ଖଣି/ ଅବକାରୀ/ ଆର୍‌ଟିଓ/ ସିଏସ୍‌ଓର ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ରାଜସ୍ୱ ବିଭାଗ ମାସିକ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଲ୍‌ୱେ ଏବଂ ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା ୩୦।
- ମା' ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଅଁରପାଳ ବ୍ଲକ ଗୋତମରା, ସମୟ: ରାତି ୧୦ ଟା।
- ଖରିଫ ଏବଂ ରବି ଚାଷ ପାଇଁ ଡିଏଲ୍‌ଟିସି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

ପୁରୀରୁ ଆସିଥିବା କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ମହୋତ୍ସବ ନେଇ ଶୋଭାଯାତ୍ରା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର, ସମୟ: ସକାଳ ୯ଟା।
- ଭୋଟ ଚୋରି ଘଟଣାକୁ ନେଇ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ୱାର୍ଡରେ ଦସ୍ତଖତ ଅଭିଯାନ, ସ୍ଥାନ: ୧ ନଂ. ୱାର୍ଡ ନେହେରୁବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଗୋପବନ୍ଧୁ ପାର୍କ, ଜଗତ୍‌ସିଂହପୁର, ସମୟ:ପୂର୍ବାହ୍ନ ୧୦ଟା୧୦।
- ଅତି କ୍ଷୁଦ୍ର ଓ ଛୋଟ ଉତ୍ପାଦକମାନଙ୍କ କର୍ମଶାଳା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୧ ଟା।
- ଜଗତ୍‌ଜନନୀ ମହିଳା ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ବୃନ୍ଦାବନ କଲୋନୀ, ପାରାଦୀପ,ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ମଢ଼ିଆଳ, କେନ୍ଦ୍ରାପଡା ସହର, ଠାକୁରହାଟ, ଡେରାବିଶ, ଅଳପୁଆ,ନାରାୟଣପୁର, କୁଜ୍ଜୁଡି, ଅଙ୍ଗୁଳାଇ, ମାର୍ଶାଘାଇ, ସମୟ:ସଂନ୍ଧ୍ୟା : ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଷୋତ୍ତମପୁର, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଧର୍ମଶାଳା ଗୋପବନ୍ଧୁ ଦାସ ଫାଉଣ୍ଡେଶନ ପକ୍ଷରୁ ୧୪୮ତମ ଜୟନ୍ତୀ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଉତ୍କଳମଣି ଗୋପବନ୍ଧୁ ସେବା ସଂଘ ଧର୍ମଶାଳା ପକ୍ଷରୁ ଜୟନ୍ତୀ ପାଳନ, ସ୍ଥାନ : ଧର୍ମଶାଳା କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁର ଅଗ୍ନେଶ୍ୱର ବିରଜା ହାଟରେ ଗଜ ଲକ୍ଷ୍ମୀ ପୂଜା ଅବସରରେ ପ୍ରସାଦ ସେବନ, ସ୍ଥାନ : ବିରଜା ହାଟ ମନ୍ଦିର ପରିସର, ଅପରାହ୍ନ୧ଟା।
- ଯାଜପୁର ରୋଡ ଡାକ ବଙ୍ଗଳା ଲକ୍ଷ୍ମୀ ପୂଜା ଅବସରରେ ପ୍ରସାଦ ସେବନ, ସ୍ଥାନ : ମନ୍ଦିର ପରିସର, ସମୟ:ଅପରାହ୍ନ ୧ଟା।
- ଯାଜପୁର ରୋଡ ଧବଳଗିରି କୋର୍ଟ ଛକ ଲକ୍ଷ୍ମୀ ପୂଜା ଅବସରରେ ପ୍ରସାଦ ସେବନ, ସ୍ଥାନ: ମଣ୍ଡପ ପରିସର, ସମୟ: ଅପରାହ୍ନ ୧ଟା।

## ନୟାଗଡ଼

- ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ ଆରମ୍ଭ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସକାଳ ୯ଟା ।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ:ନୟାଗଡ ବ୍ଲକ ନୂଆ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସରେ ସଂକୀର୍ତ୍ତନ, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୨ଟା ।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସରେ ପାଲା, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୫ଟା ।
- ଗଜଲକ୍ଷ୍ମୀ ପୂଜାର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ, ସମୟ: ସନ୍ଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସ, ସ୍ଥାନ:ନୟାଗଡ ସହରର ବିଭିନ୍ନ ପୂଜା ମଣ୍ଡପ, ନୟାଗଡ ବ୍ଲକ ଷଠିଆପଲ୍ଲୀ, ସମୟ:ସନ୍ଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସ, ସ୍ଥାନ: ଗୋଡିପଡା ଷଡଙ୍ଗୀ ସାହି, ସମୟ:ସନ୍ଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସ, ସ୍ଥାନ:ଦଶପଲ୍ଲା ମହାବୀର କ୍ଷେତ୍ର ପୂଜା ମଣ୍ଡପ, ସମୟ:ସନ୍ଧ୍ୟା ୭ଟା ।
- ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ କୃଷ୍ଣପ୍ରସାଦ, ମଝିସାହି,ନାଗପୁର ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା୩୦।

## ରାୟଗଡ଼ା

- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗାନ୍ଧୀ ପାର୍କ, ରାୟଗଡା, ସମୟ: ସକାଳ ୮ଟା।
- ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟିଂ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ପୌରସଂସ୍ଥା ସଫେଇ କର୍ମଚାରୀ ଓ ଏନ୍‌ସିସି ପକ୍ଷରୁ ନୁଆବନ୍ଧ ପୋଖରୀ ସଫେଇ, ସ୍ଥାନ: ନବରଙ୍ଗପୁର, ସମୟ : ୮ଟା।
- ପୂଜାରୀଗୁଡ଼ା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡା ମିନି ଷ୍ଟାଡିୟମ୍, ସବୟ: ପୂର୍ବାହ୍ନ ୧୦ଟା।
- ପ୍ରବଚକ କେଶବ ଦାସ ଦ୍ୱୀତିକୃଷ୍ଣଙ୍କ ୩ ଦିନିଆ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ, ସ୍ଥାନ: କୋରାପୁଟ ସହର ଗୋପବନ୍ଧୁ ପାର୍କ, ସମୟ: ସକାଳ ୯ ଟା ୩୦।
- ବାଲଡ଼ା ବକ୍ସାଇଟ ପାହାଡ ପାଇଁ ଗ୍ରାମସଭା, ସ୍ଥାନ: ନନ୍ଦପୁର ବ୍ଲକର ବାଲଡ଼ା ଓ ବନୁର, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଫାତିମା ଶେଖ ୧୨୫ତମ ଓ କାଂଶୀରାମଙ୍କ ୧୯ତମ ପରିନିର୍ବାଣ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅନ୍ନଭୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମୁଦିପଡା ପଞ୍ଚମୁଖି ହନୁମାନ ମନ୍ଦିର ନିକଟ, ସମୟ : ସନ୍ଧ୍ୟା ୭ଟା।
- ମା' ଗଜଲକ୍ଷ୍ମୀ ପୂଜା ମହୋତ୍ସବରେ ପୂର୍ଣ୍ଣାହୁତି ଓ ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ : ଗୋପାଳପାଲି, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଶାରଦୀୟ ବିରେଚନ ପକ୍ଷ ସ୍ଥାନ: ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ବଲାଙ୍ଗୀର ସମୟ: ସକାଳ ୯ଟା।

## ରାଉରକେଲା

- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ସ୍ଥାନ: ଦକ୍ଷିଣ ରାଉରକେଲା ସୋନାପର୍ବତ, ସମୟ: ପୂର୍ବାହ୍ନ ୯ଟା।
- ରାଜ୍ୟ କର୍ମଜୀବୀ ସାମ୍ବାଦିକ ସଂଘର ଆଲୋଚନାଚକ୍ର, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ପାଠାଗାରରେ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ ସାହିତ୍ୟ ସଂସଦ ପକ୍ଷରୁ ବାଲ୍ମିକୀ ଜୟନ୍ତୀ ସମାରୋହ, ସ୍ଥାନ: ସେକ୍ଟର-୪, ରାଉରକେଲା ମହାବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

## କଳାହାଣ୍ଡି

- କୃଷି, ଉଦ୍ୟାନ ଓ ମତ୍ସ୍ୟ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ, ସ୍ଥାନ: ଭବାନୀପାଟଣା ସହର ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବିଜୁ ଜନତା ଦଳର ବ୍ଲକସ୍ତରୀୟ ସାମାଜିକ ଗଣମାଧ୍ୟମ କର୍ମଶାଳା, ସ୍ଥାନ: ପୁରୁଣାକଟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମହାଲକ୍ଷ୍ମୀ ପୂଜା ଅବସରରେ ହାଇସ୍କୁଲସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ରିଆମାଳ ଅସ୍ଥାୟୀ ପେଣ୍ଡାଲ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଋଣ ପରିଶୋଧ, ବିବାଦୀୟ ଘଟଣା, ଦୂରଯାତ୍ରା କିମ୍ବା ଶତ୍ରୁତା କରୁଥିବା ବ୍ୟକ୍ତି ବିଷୟରେ ଚିନ୍ତା କରିବେ। ସାଧାରଣ କଥାରେ ଯୁକ୍ତିତର୍କରୁ ବନ୍ଧୁ ସମ୍ପର୍କ ଫିକା ପଡିଯିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟ, ପ୍ରକାଶନ, ଅଧ୍ୟାପନା ଓ ସାମ୍ବାଦିକତାରୁ ଶୁଭଫଳ ମିଳିବ।

**ବୃଷ** — ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ ହେଲେ ମଧ୍ୟ ସନ୍ତୋଷଜନକ ନ ହୋଇପାରେ। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ** — ଆଜି ଯାହା ଚାହୁଁଛନ୍ତି ତାହା ପାଇବେ ଏବଂ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ପାଇବାରେ ଅସୁବିଧା ହେବନାହିଁ। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ।

**କର୍କଟ** — କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ସାମ୍ନା କରିବାର ସାହସ ଜୁଟିଯିବ। ଅନ୍ୟମନସ୍କତାରୁ କେତେକ ଭୁଲ୍ କରି ସମାଲୋଚିତ ହୋଇପାରନ୍ତି। ଅବଶ୍ୟ ବିତର୍କଜନିତ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ସିଂହ** — ବ୍ୟୟସଙ୍କୋଚ ସକାଶେ ବିଭିନ୍ନ ଯୋଜନା ପ୍ରସ୍ତୁତ କଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ମାତ୍ର କାମର ଚାପ ବଢିଯିବାରୁ ଅସ୍ଥିରତା ଅନୁଭବ କରିବେ।

**କନ୍ୟା** — ବନ୍ଧୁଙ୍କ ଜରିଆରେ ସମାଧାନ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ପାରିବେ ନାହିଁ। ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** — ପରିବାରର ଖର୍ଚ୍ଚ ବୃଦ୍ଧିଜନିତ ଦୈନନ୍ଦିନ ଜୀବନରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲରେ ସମର୍ଥ ହେବେ। ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହ ଲାଗିପାରେ। ବହୁତ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି।

**ବିଛା** — ଯେକୌଣସି କ୍ଷେତ୍ରରେ ପ୍ରବେଶ କରିବା ଅଥବା ପ୍ରତିଦ୍ୱନ୍ଦ୍ୱିତା କଲେ ସଫଳ ହେବେ । କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିପାରନ୍ତି। ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବିଚଳିତବୋଧ କରିପାରନ୍ତି । ଏଜେନ୍ସିପ୍, ସାହିତ୍ୟ, ସାମ୍ବାଦିକତା, ରାଜନୀତିରୁ ସୁଫଳ ପାଇବେ।

**ଧନୁ** — ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ହାସଲ ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିପାରେ। ସମୟାନ୍ତରରେ ସମସ୍ୟା ସମାଧାନରେ ରାସ୍ତା ଖୋଜିବାରେ ସମର୍ଥ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ମନ୍ଦ ହେବନାହିଁ।

**ମକର** — କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ସହଯୋଗମୂଳକ କାମରେ ସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ପ୍ରକାଶ କରିବେ।

**କୁମ୍ଭ** — ସାମାଜିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅଧିକାଂଶ ସମୟ ଅନ୍ୟମନସ୍କ ହେତୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ସକାଳୁ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢିଯିବାର ସୂଚନା ରହିଛି। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ସାମୟିକ ମନ ବିଚଳିତ ରହିବ।

**ମୀନ** — ଦୀର୍ଘଦିନ ହେଲା ଯାହା ଆଶା କରୁଥିଲେ ତାହା ଆଜି ବିଳମ୍ବରେ ଅବଶ୍ୟ ମିଳିବ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇ ଯିବ। ତଥାପି ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଅକ୍ଟୋବର ୯ ତାରିଖ, ବିଶ୍ୱ ଡାକ ଦିବସ, ରାଷ୍ଟ୍ରୀୟ ଡାକ ସପ୍ତାହ ଆରମ୍ଭ (ଅକ୍ଟୋବର ୯ରୁ ୧୫), ପଣ୍ଡିତ ଗୋପବନ୍ଧୁ ଦାସ ଜୟନ୍ତୀ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, କାର୍ତ୍ତିକ କୃଷ୍ଣ ତୃତୀୟା ଗୁରୁବାର, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫.୪୩ ମି. ଗତେ ଘ.୦୭.୧୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ. ୦୧.୦୧ମି. ଗତେ ଘ.୦୨.୨୯ ମି. ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅବିବେକି ରାଜାଠାରେ ବୁଦ୍ଧିର ଇଚ୍ଛା**
**ମାଟି ଘୋଡ଼ା ଚଢ଼ି ଯୋଜନ ଯିବା ବାଞ୍ଛା।**

କୌଣସି ଯୋଜନାକୁ ସଫଳ କରିବା ନିମନ୍ତେ ବୁଦ୍ଧିର ଆବଶ୍ୟକ ହେଉଥିବାବେଳେ ସେଥିଲାଗି ଦୃଢ଼ ଇଚ୍ଛାଶକ୍ତି ରଖିବା ଜରୁରୀ ହୋଇଥାଏ। ମାଟି ଘୋଡ଼ାରେ ଯେପରି ଦୂରତା ଅତିକ୍ରମ କରାଯାଇପାରି ନ ଥାଏ ଠିକ୍ ସେହିପରି ବୁଦ୍ଧି ନ ଥାଇ ବଡ଼ ବଡ଼ ଯୋଜନାର ପରିକଳ୍ପନା କରୁଥିବା ବ୍ୟକ୍ତି କର୍ମପଥରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅରଜି ମରିଲେ କିଏ କାନ୍ଦୁଛି,**
**ଗରଜ ପଡ଼ିଲେ ଗୋଡ଼ ଧରୁଛି ।**

ବେଳ ପଡ଼ିଲେ ପରିବାରରେ ହଇରାଣ ହରକତ ହେଲେ ଅର୍ଜନ କରୁଥିବା ଲୋକ ସବୁବେଳେ ବ୍ୟସ୍ତ ବିବ୍ରତ ହୁଏ। ସେହିପରି ସ୍ୱାର୍ଥପର ଲୋକେ ଅଭିଳାଷ ପୂରଣ ହେବା ଉଦ୍ଦେଶ୍ୟରେ ମାନସମ୍ମାନକୁ ଜଳାଞ୍ଜଳି ଦେଇ ପଦାସୀନ ବା ଧନୀ ବ୍ୟକ୍ତିର ଗୋଡ଼ ଧରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତ ସହ ଯୁଦ୍ଧ ...

ଉପରେ ୫୦% ଆମଦାନୀ ଶୁଳ୍କ ଓ ଜରିମାନା କଷିଥିବାବେଳେ ଭାରତର ଶତ୍ରୁରାଷ୍ଟ୍ର ସହ ଡିଲ୍ କରୁଛନ୍ତି। ଏଭଳି ସ୍ଥିତିରେ ପାକିସ୍ତାନୀ ସେନା ଓ ନେତାଙ୍କ ମନ୍ତବ୍ୟ ନୂଆଦିଲ୍ଲୀ ପାଇଁ ଚିନ୍ତାବୃଦ୍ଧିର କାରଣ ହୋଇପାରେ। ପ୍ରକାଶ ଯେ, ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଗତ ଶୁକ୍ରବାର ରାଜସ୍ଥାନରେ ଯବାନମାନଙ୍କୁ ସମ୍ବୋଧିତ କରିବା ସମୟରେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପାକିସ୍ତାନ ବିଶ୍ୱ ମାନଚିତ୍ରରେ ରହିବାକୁ ଚାହୁଁଥିଲେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ବନ୍ଦକରି ସଂଯମ ରହିବା ଉଚିତ ବୋଲି ଚେତାବନୀ ଦେଇଥିଲେ। ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ପାକିସ୍ତାନକୁ ଚେତାବନୀ ଦେଇ କହିଥିଲେ, ଭାରତ ଏପରି ଜବାବ ଦେବ ଯେ, ପଡ଼ୋଶୀ ଦେଶ ନିଜ ଇତିହାସ ଓ ଭୂଗୋଳକୁ ଭୁଲିଯିବ। ଏହାର ଜବାବରେ ରବିବାର ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଆସିଫ୍ କହିଥିଲେ, ଆଉ ଥରେ ସଂଘର୍ଷ ହେଲେ ଭାରତ ଏହାର ବିମାନଗୁଡ଼ିକର ଧ୍ୱଂସାବଶେଷ ତଳେ ପୋତି ହୋଇଯିବ। ଭାରତୀୟ ସାମରିକ ଓ ରାଜନୈତିକ ନେତାଙ୍କ ମନ୍ତବ୍ୟ ସେମାନଙ୍କ ମଳିନ ଛବିକୁ ସୁଧାରିବା ପାଇଁ ଏକ ବିଫଳ ଉଦ୍ୟମ। ଗତ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ପାକିସ୍ତାନ ଭାରତର ୬ଟି ଯୁଦ୍ଧବିମାନ ଖସାଇଥିବା ଦାବିକୁ ସେ ଦୋହରାଇଥିଲେ। ୦-୬ ସ୍କୋର ସହ ଏଭଳି ଏକ ନିର୍ଣ୍ଣାୟକ ପରାଜୟ ପରେ ପୁଣି ଉତ୍ତେଜନା ଲାଗି ରହିଲେ ଭାରତକୁ ଆହୁରି କଡ଼ା ଜବାବ ଦିଆଯିବ। ଆସିଫ୍ Xରେ ଆହୁରି ଉଲ୍ଲେଖ କରିଥିଲେ, ଇତିହାସର ସବୁଠୁ ବଡ଼ ପରାଜୟ ପରେ ଭାରତରେ ଜନମତ ସରକାର ବିରୋଧରେ ଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସହଯୋଗୀମାନେ ବିଶ୍ୱସନୀୟତା ହରାଇଦେଇଛନ୍ତି, ଯାହାକି ସେମାନଙ୍କ ମନ୍ତବ୍ୟରୁ ପ୍ରତିଫଳିତ ହେଉଛି। ସେହିପରି ପାକିସ୍ତାନୀ ସେନା ମଧ୍ୟ ଭାରତୀୟ ନେତାମାନଙ୍କ ମନ୍ତବ୍ୟକୁ ଦେଶକୁ ଏକ ବିପର୍ଯ୍ୟୟ ଆଡ଼କୁ ଟାଣିନେବା ଭଳି ବୋଲି ସମାଲୋଚନା କରିଥିଲା। ଏହା ପରେ ପାକିସ୍ତାନ ପୁନର୍ବାର ଭାରତ ସହ ଯୁଦ୍ଧ ହେବା କଥା କହିବା ପଛରେ କେଉଁ କାରଣ ରହିଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଆମେରିକାଠାରୁ ମିଳୁଥିବା ବଳକୁ ଏଥିଲାଗି ଦାୟୀ କରାଯାଉଛି।

### ପାକିସ୍ତାନକୁ ...

ଶେହବାଜ ଶରିଫ୍ ୱାଶିଂଟନ୍ ଗସ୍ତ କରି ହ୍ୱାଇଟ୍‌ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦୁର୍ଲଭ ଖଣିଜ ନମୁନା ଦେଖାଇଥିଲେ। ସେଠାରୁ ଫେରିବା ପରେ ଅକ୍ଟୋବର ୬ରେ ପାକିସ୍ତାନ ଆମେରିକାକୁ ଜାହାଜରେ ପ୍ରଥମ ପର୍ଯ୍ୟାୟରେ ରେଆର୍ ଆର୍ଥ ପଠାଇଥିଲା। ଏହା ପୂର୍ବରୁ ଜୁନ୍‌ରେ ମୁନିର ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କ ସହ ରାତ୍ରିଭୋଜନ କରିଥିଲେ। ସେଠାରୁ ଫେରିବା ପରେ ପାକିସ୍ତାନ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରିଥିଲା।

### 'ଓଡ଼ିଶା ଛବିକୁ ମଳିନ ....

ବ୍ରହ୍ମପୁରର ଆଇନଜୀବୀ ତଥା ସାମାଜିକ କର୍ମୀ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ହତ୍ୟାକାରୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେବା ସହିତ ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୩ ବୈଜ୍ଞାନିକଙ୍କୁ ରସାୟନ...

ପିଏଫ୍‌ଏଏସ୍‌କୁ ମଧ୍ୟ ବାହାର କରାଯାଇପାରିବ ବୋଲି ରୟାଲ ସ୍ୱିଡିଶ୍ ଏକେଡେମି ଅଫ୍ ସାଇନ୍ସେସ୍ ପକ୍ଷରୁ ସୂଚନା ଦିଆଯାଇଛି। 'ନୋବେଲ କମିଟି ଫର୍ କେମେଷ୍ଟ୍ରି'ର ଅଧ୍ୟକ୍ଷ ହେଇନର ଲିଙ୍କେ କହିଛନ୍ତି, ଏମ୍‌ଓଏଫ୍‌ଗୁଡ଼ିକରେ ଅଗଣିତ ସମ୍ଭାବନା ରହିଛି। ଏହା ଦ୍ୱାରା ପୂର୍ବରୁ କଳ୍ପନା କରାଯାଇ ନ ଥିବା ନୂତନ ପ୍ରକାରର କଷ୍ଟମ ମ୍ୟାଟେରିଆଲ ସୃଷ୍ଟି କରାଯାଇପାରିବ।

୧୯୮୯ରେ ୟୁନିଭର୍ସିଟି ଅଫ୍ ମେଲବୋର୍ନ ସହ ଜଡ଼ିତ ଥିବା ରିଚାର୍ଡ ପ୍ରଥମେ ଏମ୍‌ଓଏଫ୍ ବିକଶିତ କରିଥିଲେ। ୧୯୯୨ରୁ ୨୦୦୩ ମଧ୍ୟରେ ଜାପାନର କ୍ୟୋଟୋ ୟୁନିଭର୍ସିଟିର ପ୍ରଫେସର କିଟାଗାୱା ଏବଂ ଆମେରିକାର ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ, ବର୍କେଲେର ପ୍ରଫେସର ଓମାର ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କକୁ ନେଇ ବିଭିନ୍ନ ବୈପ୍ଳବିକ ଆବିଷ୍କାର କରିଥିଲେ। କିଟାଗାୱା ଏମ୍‌ଓଏଫ୍‌ରେ ଗ୍ୟାସ୍ ପ୍ରବାହ ଓ ନମନୀୟତାକୁ ପ୍ରଦର୍ଶିତ କରିଥିଲେ। ଓମାର ସ୍ଥିର ଏବଂ କଷ୍ଟମ ଏମ୍‌ଓଏଫ୍ ସୃଷ୍ଟି କରିଥିଲେ। ଏହି ଆବିଷ୍କାରଗୁଡ଼ିକ ପରଠାରୁ ରସାୟନବିଦ୍‌ମାନେ ଅନେକ ହଜାର ଏମ୍‌ଓଏଫ୍ ସୃଷ୍ଟି କରିଛନ୍ତି। ମାନବ ଜାତି ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରମୁଖ ସମସ୍ୟାର ସମାଧାନ ଦିଗରେ ଏହି ଏମ୍‌ଓଏଫ୍‌ଗୁଡ଼ିକ ସହାୟକ ହେବ ବୋଲି ଲିଙ୍କେ କହିଛନ୍ତି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ, ଜଳ ଅଭାବ, ପ୍ରଦୂଷଣର ମୁକାବିଲା ଦିଗରେ ଏମ୍‌ଓଏଫ୍‌ର ପ୍ରମୁଖ ଭୂମିକା ରହିବ। ଆଗାମୀ ବର୍ଷଗୁଡ଼ିକରେ ଏହା ମଣିଷ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବ ବୋଲି ସେ କହିଛନ୍ତି। ଆସନ୍ତା ଡିସେମ୍ବର ୧୦ରେ ଆଲ୍‌ଫ୍ରେଡ୍ ନୋବେଲଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ ଏହି ୩ ବୈଜ୍ଞାନିକ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବେ। ୧୧ ମିଲିୟନ ସ୍ୱିଡିଶ୍ କ୍ରୋନ୍ (ପ୍ରାୟ ୧୦.୪ କୋଟି ଟଙ୍କା)ର ପୁରସ୍କାର ରାଶି ଏହି ୩ ବୈଜ୍ଞାନିକଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯିବ।

### ଶିଳ୍ପା ସେଟ୍ଟୀଙ୍କୁ ...

ତାଙ୍କ ଓକିଲ କୋର୍ଟଙ୍କ କହିବାରୁ ବିଚାରପତି ନିମନ୍ତ୍ରଣ କାର୍ଡ ଦେଖାଇବାକୁ କହିଥିଲେ। ଓକିଲ କହିଥିଲେ, କାର୍ଯ୍ୟକ୍ରମର ଆୟୋଜକ କେବଳ ଫୋନ୍‌ରେ କଥା ହୋଇଛନ୍ତି। ଗସ୍ତ ଅନୁମତି ମିଳିବା ପରେ ଆନୁଷ୍ଠାନିକ ନିମନ୍ତ୍ରଣ ପଠାଇବେ। ହାଇକୋର୍ଟ ତାଙ୍କ ନିବେଦନକୁ ଅଗ୍ରାହ୍ୟ କରିଦେବା ସହ ବିଦେଶ ଗସ୍ତ ଅନୁମତି ଚାହୁଁଥିଲେ, ଏହା ପୂର୍ବରୁ ଠକେଇ ବାବଦକୁ ୬୦ କୋଟି ଟଙ୍କା ପ୍ରଥମେ ଜମା କର ବୋଲି କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୧୪ ତାରିଖକୁ ଧାର୍ଯ୍ୟ କରାଯାଇଛି। ଶିଳ୍ପା ଓ କୁନ୍ଦ୍ରା ପରିବାର ସହ ଛୁଟି କଟାଇବା ଲାଗି ଥାଇଲାଣ୍ଡର ଫୁକେଟ୍ ଯିବାକୁ ଆବେଦନ କରିଥିବାବେଳେ ଗତ ସପ୍ତାହରେ ବମ୍ବେ ହାଇକୋର୍ଟ ଅନୁମତି ଦେବାକୁ ମନା କରିଦେଇଥିଲେ।

ବ୍ୟବସାୟୀ ଦୀପକ କୋଠାରୀ ଗତ ଅଗଷ୍ଟ ୧୪ରେ ମୁମ୍ବାଇର ଜୁହୁ ଥାନାରେ ଶିଳ୍ପା ଓ କୁନ୍ଦ୍ରାଙ୍କ ବିରୋଧରେ ଠକେଇ ଓ ଜାଲିଆତି ଅଭିଯୋଗ ଆଣିଥିଲେ। କୁନ୍ଦ୍ରା ଦମ୍ପତି ସେମାନଙ୍କ କମ୍ପାନୀ ବେଷ୍ଟ ଡିଲ୍ ଟିଭି ପ୍ରା. ଲିଃରେ ୬୦ କୋଟି ଟଙ୍କା ନିବେଶ କରିବାକୁ କୋଠାରୀଙ୍କୁ ପ୍ରବର୍ତ୍ତାଇଥିଲେ। କୋଠାରୀ ପୁଞ୍ଜିନିବେଶ କରିବା ପରେ ଉକ୍ତ ଅର୍ଥକୁ କୁନ୍ଦ୍ରା ଦମ୍ପତି ସେମାନଙ୍କ ଫାଇଦା ପାଇଁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟୟ କରିଥିଲେ। ଉକ୍ତ କମ୍ପାନୀ ଏବେ ବନ୍ଦ ରହିଛି। ଏହି ମାମଲାରେ କୁନ୍ଦ୍ରା ପୂର୍ବରୁ ଇଓଡବ୍ଲ୍ୟୁରେ ଜେରାର ସମ୍ମୁଖୀନ ହୋଇଥିଲେ।




# କଳା ତାଲିକାଭୁକ୍ତ ହେବ ବ୍ରିଜ୍ ଆଣ୍ଡ ରୁଫ୍

## କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୧୦
(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀ ଛାତ୍ରୀଛାତ୍ରଙ୍କ କିଭଳି କଲ୍ୟାଣ ହେବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ମାଲକାନଗିରି ଜିଲାରେ ଦୀର୍ଘଦିନ ଧରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁ ନ ଥିବା ଏକ ବହୁଚର୍ଚ୍ଚିତ ନିର୍ମାଣକାରୀ ସଂସ୍ଥାକୁ ସରକାର ପ୍ରକ୍ରିୟାରୁ ବାଦ୍ ଦେବା ସହିତ କଳାତାଲିକାଭୁକ୍ତ କରିଛନ୍ତି। ଏହାସହିତ ସଂପୃକ୍ତ ସଂସ୍ଥା ସହ ହୋଇଥିବା ବୁଝାମଣାକୁ ବାତିଲ କରାଯାଇଛି ଏବଂ ତା’ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶନାମା ଜାରି ହୋଇଛି।

ଏ ସଂକ୍ରାନ୍ତରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଚଳିତମାସ ୬ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଉକ୍ତ ନିର୍ଦ୍ଦେଶନାମାରେ ବିଭାଗୀୟ ସଚିବ ଆର୍. ସନ୍ଥ ଗୋପାଳନ ଦର୍ଶାଇଛନ୍ତି, ଭାରତ ସରକାରଙ୍କ ଅଧୀନ ବ୍ରିଜ୍ ଆଣ୍ଡ ରୁଫ୍ ସଂସ୍ଥା ମାଲକାନଗିରି ଜିଲାରେ ଆଇଆଇସି ପ୍ରକଳ୍ପ ନିର୍ମାଣ ଲାଗି ୨୦୨୦ରେ ୩୫.୬୯ କୋଟିରୁ ଅଧିକ ଟଙ୍କାର କାର୍ଯ୍ୟାଦେଶ ପାଇଥିଲା। ହେଲେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉକ୍ତ ସଂସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିପାରି ନ ଥିଲା। ମାତ୍ର ୩୮ରୁ ୪୦ ପ୍ରତିଶତ କାର୍ଯ୍ୟ କରିଥିଲା, ଯାହା ନିମ୍ନମାନର ବୋଲି ଯାଞ୍ଚବେଳେ ଜଣାପଡ଼ିଥିଲା। ଏହାକୁ ନେଇ ବିଭାଗ ପକ୍ଷରୁ ୨୦୨୩ ଜାନୁଆରୀ ୧୨ରୁ ୨୦୨୫ ମାର୍ଚ୍ଚ ୧୧ ମଧ୍ୟରେ ୯ଥର ସମୀକ୍ଷା କରାଯିବା ସହିତ ଉକ୍ତ ସଂସ୍ଥାକୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସମୀକ୍ଷା ବୈଠକରେ ସଂପୃକ୍ତ ସଂସ୍ଥା ନିମ୍ନମାନର କାର୍ଯ୍ୟ ଓ ମନ୍ଥର ନେଇ କୌଣସି ଠୋସ୍ ପ୍ରମାଣ ଦେଇପାରି ନ ଥିଲା। ଏପରିକି ଉକ୍ତ ପ୍ରକଳ୍ପ କାର୍ଯ୍ୟ ଦୀର୍ଘଦିନ ଧରି ବନ୍ଦ ହୋଇ ରହିଛି। ସରକାରଙ୍କ ନିୟମ ଅନୁଯାୟୀ, ଉକ୍ତ ସଂସ୍ଥା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମାସିକିଆ କିମ୍ବା ତ୍ରୈମାସିକ ରିପୋର୍ଟ ପ୍ରଦାନ କରି ନ ଥିବାବେଳେ ନିର୍ମାଣ ବେଳେ ଷ୍ଟାଣ୍ଡାର୍ଡ ପାଇପ୍(ପିଭିସି) ବ୍ୟବହାର ନ କରି ସ୍ଥାନୀୟ ପାଇପ୍ ଲଗାଇଥିଲା। ଏନେଇ ସମୀକ୍ଷା ବେଳେ ପ୍ରଶ୍ନ କରାଯାଇଥିଲେ ହେଁ ସଂସ୍ଥା କୌଣସି ଉତ୍ତର ଦେଇ ନ ଥିଲା। ନିର୍ମାଣ କାର୍ଯ୍ୟରେ ସଂପୃକ୍ତ ସଂସ୍ଥା ବିଭିନ୍ନ ପ୍ରକାର ବେନିୟମ ଉପାୟ ଅବଲମ୍ବନ କରିବା ସହିତ ନିମ୍ନମାନର କାର୍ଯ୍ୟ କରିଛି। ଇତିମଧ୍ୟରେ କାର୍ଯ୍ୟଅବଧି ଶେଷ ହୋଇଥିଲେ ହେଁ ମାତ୍ର ୪୦ପ୍ରତିଶତ ଭିତରେ କାର୍ଯ୍ୟ ହୋଇଛି। ଏହାକୁ ନେଇ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ବିଭାଗ ପକ୍ଷରୁ ୨ମାସିଆ ନୋଟିସ(ଟର୍ମିନେଶନ) ଜାରି କରାଯାଇଥିଲା। ଏହା ସତ୍ତ୍ୱେ ସଂସ୍ଥା କୌଣସି ଉତ୍ତର ରଖି ନ ଥିଲା। ସଂସ୍ଥାର ଏତାଦୃଶ କାର୍ଯ୍ୟକଳାପକୁ ନେଇ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟରେ ରୋକ୍ ଲଗାଯାଇଛି। ଆଗାମୀ ଦିନରେ ଉକ୍ତ ସଂସ୍ଥା ଯେପରି ବିଭାଗର କୌଣସି କାର୍ଯ୍ୟ କରି ନ ପାରିବ ସେନେଇ ସଂସ୍ଥାକୁ କଳାତାଲିକାଭୁକ୍ତ କରାଯାଇଛି ବୋଲି ସଚିବ ଦର୍ଶାଇଛନ୍ତି।

ଗୋପାଳନ ନିର୍ଦ୍ଦେଶନାମାରେ ପୁଣି କହିଛନ୍ତି, ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଯେଉଁ ଅର୍ଥ ସରକାରଙ୍କଠାରୁ ନେଇଛି ତାହାକୁ(ପାର୍ଥକ୍ୟ) ବୁଝାମଣା ଅନୁଯାୟୀ ତୁରନ୍ତ ଫେରସ୍ତ କରୁ। ଏହାସହ ସଂପୃକ୍ତ ସଂସ୍ଥା ବିରୋଧରେ ବୁଝାମଣାପତ୍ର ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ସଂପୃକ୍ତ ସଂସ୍ଥା ଏକ ପ୍ରକଳ୍ପ କାର୍ଯ୍ୟ ନେବା ଲାଗି ତତ୍କାଳୀନ ପ୍ରମୁଖ ସଚିବଙ୍କ ସହ ବେଆଇନ କାରବାର କରୁଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ସଂସ୍ଥା କର୍ତ୍ତୃପକ୍ଷ ଜେଲ ଯାଇଥିବାବେଳେ ତତ୍କାଳୀନ ସଚିବଙ୍କ ବିରୋଧରେ ସିବିଆଇ ତଦନ୍ତ ଚଳାଇଛି।

# ନାଗରିକ ଅଧିକାର ଉପରେ ସୂଚନା କମିଶନଙ୍କ ରୋକ୍

ଗତ ୧୩ ସେପ୍ଟେମ୍ବରରେ ରାଜ୍ୟ ସୂଚନା କମିଶନ କେତେଗୁଡ଼ିଏ ଅପିଲ ଓ ଅଭିଯୋଗର ଏକକାଳୀନ ଶୁଣାଣି କରି ଅପିଲକର୍ତ୍ତା ଚିତ୍ତରଞ୍ଜନ ସେଠୀ ସୂଚନା ଅଧିକାର ଆଇନର ଅପବ୍ୟବହାର କରିଥିବା ମିଥ୍ୟା ଓ ଅବାଞ୍ଛିତ ଆରୋପ ଲଗାଇ ଆଗାମୀ ଦିନରେ ତାଙ୍କର ସୂଚନା ପାଇଁ ଆବେଦନ ଉପରେ ନିଷେଧାଦେଶ ଜାରି କରିଛନ୍ତି। ସୂଚନା କମିଶନ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଅପିଲକର୍ତ୍ତା ସେଠୀ ସୂଚନା ଆଇନର ପର୍ଯ୍ୟାପ୍ତ ଅପବ୍ୟବହାର କରିଛନ୍ତି। ମନଇଚ୍ଛା ସୂଚନା ମାଗି ସରକାରୀ ସମ୍ବଳର ଅପଚୟ କରିଛନ୍ତି। ଏଭଳି ଅର୍ଡର କରି ନାଗରିକଙ୍କ ସୂଚନା ପାଇବାର ଅଧିକାରକୁ ସଙ୍କୁଚିତ କରିବା କେତେଦୂର ସମୀଚୀନ ଏବଂ କିପରି ଆଇନ ବିରୋଧୀ, ତାହା ତର୍ଜମାସାପେକ୍ଷ।

ସୂଚନା ଅଧିକାର ଆଇନ ଅନୁଯାୟୀ ସୂଚନା ପାଇଁ ଆବେଦନ କରିବା ବା ଜନକର୍ତ୍ତୃପକ୍ଷ ତଥା ସରକାରୀ କାର୍ଯ୍ୟାଳୟରୁ ତଥ୍ୟ ହାସଲ କରିବା ନାଗରିକମାନଙ୍କର ମୌଳିକ ଅଧିକାର। ଅନ୍ୟପକ୍ଷରେ ନାଗରିକମାନଙ୍କୁ ତଥ୍ୟ ପାଇବାରୁ ବଞ୍ଚିତ କରାଇବା ବା ସେମାନଙ୍କ ଅଧିକାରକୁ ସଙ୍କୁଚିତ କରିବା, କେସ୍ ଶୁଣାଣି ସମୟରେ ସେମାନଙ୍କୁ ଗାଳିଗୁଲଜ କରିବା ଇତ୍ୟାଦି କାର୍ଯ୍ୟ କରିବାକୁ ସୂଚନା ଆଇନ ସୂଚନା କମିଶନଙ୍କୁ କ୍ଷମତା ଦେଇନାହିଁ। ସୂଚନା ଆଇନକୁ ବୁଝିବା, ତର୍ଜମା କରିବାରେ ଅସମର୍ଥ ସୂଚନା କମିଶନରମାନେ ସେମାନଙ୍କ ଅନଭିଜ୍ଞତା ଯୋଗୁ ଏପରି ଆଇନ ବିରୋଧୀ ଅର୍ଡର ପାସ୍ କରୁଥିବା ଦେଖିବାକୁ ମିଳୁଛି।

ସୂଚନା କମିଶନ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଆବେଦନକାରୀ ମନଇଚ୍ଛା କୌଣସି କାରଣ ନ ଥାଇ ବହୁ ସଂଖ୍ୟାରେ ତଥ୍ୟ ପାଇଁ ଆବେଦନ କରିଛନ୍ତି, ଯାହାକି ସୂଚନା ଅଧିକାର ଆଇନର ଅପବ୍ୟବହାର। ବାସ୍ତବରେ ଉକ୍ତ କେସ୍‌ଗୁଡ଼ିକର ଶୁଣାଣି ସମୟରେ ଲେଖକଙ୍କ ଉପସ୍ଥିତିରେ ଚିତ୍ତରଞ୍ଜନ ସେଠୀ ସୂଚନା କମିଶନଙ୍କୁ ଅବଗତ କରାଇଥିଲେ ଯେ, ପୁରୀ ଜିଲାର ନିମାପଡ଼ା ବ୍ଲକ୍‌ରେ ୨୦୨୩ରେ ବିଭିନ୍ନ ସରକାରୀ ଯୋଜନାରେ ଚାଲିଥିବା ଦୁର୍ନୀତି, ହରିଲୁଟ୍ ସମ୍ପର୍କରେ ଭିନ୍ନ ଭିନ୍ନ ସରକାରୀ କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ। ତଥ୍ୟ ନ ମିଳିବାରୁ ସେ ପୁଣି ଆବେଦନ କରିଥିଲେ ଓ ପରବର୍ତ୍ତୀ ପର୍ଯ୍ୟାୟରେ ସୂଚନା କମିଶନରେ ଅପିଲ କରିଥିଲେ। ଦୀର୍ଘ ଦୁଇ ବର୍ଷ ପରେ ସୂଚନା କମିଶନ ଏହାର ଶୁଣାଣି ୪.୦୭.୨୦୨୫ରେ କରିଥିଲେ। ଶୁଣାଣି ସମୟରେ କମିଶନ ନିମାପଡ଼ା ବ୍ଲକ ଓ ମିତେଇପୁର ପଞ୍ଚାୟତର ପିଆଇଓ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ଅପିଲକାରୀଙ୍କୁ ସମସ୍ତ ଦସ୍ତାବିଜ ଇନ୍‌ସ୍ପେକଶନ କରିବାକୁ ସୁଯୋଗ ଦେବା ଏବଂ ଆବଶ୍ୟକ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କମିଶନଙ୍କ ନିର୍ଦ୍ଦେଶ ମୁତାବକ ଚିତ୍ତରଞ୍ଜନ ସେଠୀ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ତଥ୍ୟ ହାସଲ କରିଥିଲେ। କିନ୍ତୁ ମିତେଇପୁର ପଞ୍ଚାୟତର ପିଆଇଓ ଯାଞ୍ଚ କରିବାକୁ ସୁଯୋଗ ଦେଇ ନ ଥିଲେ। ଏହା ପରେ ସୂଚନା କମିଶନ ଏହିସବୁ ଅପିଲ/ଅଭିଯୋଗ (ଦ୍ୱିତୀୟ ଅପିଲ-୩୫, ଅଭିଯୋଗ-୨୬)ର ଶୁଣାଣି କରି ନିର୍ଦ୍ଦେଶ ଦେବା କଥା ଓ ଆଇନ ଉଲ୍ଲଂଘନକାରୀ ପିଆଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଥିଲା। ଆଶ୍ଚର୍ଯ୍ୟର ବିଷୟ ସୂଚନା କମିଶନ ହଠାତ୍ ୧୩.୦୯.୨୦୨୫ରେ ଉକ୍ତ ମାମଲାର ପୂର୍ଣ୍ଣାଙ୍ଗ ନିଷ୍ପତ୍ତି କରି ଗଣମାଧ୍ୟମକୁ ପ୍ରଚାର ପାଇଁ ପଠେଇଦେଲେ। କମିଶନ ଦର୍ଶାଇଛନ୍ତି ଯେ, ଅପିଲକର୍ତ୍ତା ସୂଚନା ମାଗିବା ଦ୍ୱାରା ସରକାରୀ କାର୍ଯ୍ୟାଳୟର ସମୟ ଓ ସମ୍ବଳ ନଷ୍ଟ ହୋଇଛି, ଯଥା ପୋଷ୍ଟାଲ ଖର୍ଚ୍ଚ, କାଗଜ ଖର୍ଚ୍ଚ, ଅନ୍ୟାନ୍ୟ ପ୍ରଶାସନିକ ଖର୍ଚ୍ଚ ଇତ୍ୟାଦି।

ବାସ୍ତବରେ ଅପିଲକର୍ତ୍ତା ସୂଚନା ପାଇଁ ଯେତେସବୁ ଦରଖାସ୍ତ କରିଛନ୍ତି, କୌଣସି ଦରଖାସ୍ତର ଉତ୍ତର ପିଆଇଓ ଦେଇନାହାନ୍ତି ବା ପ୍ରଥମ ଅପିଲ କର୍ତ୍ତୃପକ୍ଷ ଶୁଣାଣି କରିନାହାନ୍ତି। ତେଣୁ ସମ୍ବଳ ଅପଚୟର ପ୍ରଶ୍ନ ଉଠିଲା କେଉଁଠୁ। ଯଦି ପିଆଇଓ ତଥ୍ୟ ଦେଇଥାନ୍ତେ ବା ପ୍ରଥମ ଅପିଲ କର୍ତ୍ତୃପକ୍ଷ ଶୁଣାଣି କରି ତଥ୍ୟଦେବାକୁ ନିର୍ଦ୍ଦେଶ ଦେଇଥାନ୍ତେ ତେବେ ଅପିଲକର୍ତ୍ତା ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇ ବର୍ଷ ବର୍ଷ ଧରି ନ୍ୟାୟ ପାଇଁ ଅପେକ୍ଷା କରି ନ ଥାନ୍ତେ। ସୂଚନା ଆଇନର ଏହି ଗୂଢ଼ ରହସ୍ୟ ବୁଝିବାକୁ ବୋଧହୁଏ ସୂଚନା କମିଶନ ଅକ୍ଷମ। ସୂଚନା କମିଶନ ତାଙ୍କ ଅର୍ଡରରେ ସୂଚନା ଆଇନର ଧାରା-୭(୯) କୁ ଅବଧାରଣା କରି ଦର୍ଶାଇଛନ୍ତି ଯେ, ସମ୍ବଳର ଅପଚୟ ବା ସମ୍ପୃକ୍ତ ରେକର୍ଡର ନିରାପତ୍ତା ଓ ରକ୍ଷଣାବେକ୍ଷଣ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିଲେ ତଥ୍ୟ ଦିଆଯାଇପାରିବ ନାହିଁ। କିନ୍ତୁ କମିଶନ ଶୁଣାଣି କରୁଥିବା ସମସ୍ତ ମାମଲାରେ ପିଆଇଓ ଏପରି କାରଣ ଦର୍ଶାଇ ନାହାନ୍ତି କି କେସ୍ ଖାରଜ କରିନାହାନ୍ତି।

ତେଣୁ କମିଶନଙ୍କ ଏପରି ନିଷ୍ପତ୍ତି ବେଆଇନ ନୁହେଁ, ବରଂ ସମ୍ବିଧାନ ବିରୋଧୀ। ୯.୦୭.୨୦୨୫ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏକ ରିଟ୍ ପିଟିଶନର ଫଇସଲା କରି ଦର୍ଶାଇଛନ୍ତି ଯେ, ନାଗରିକମାନଙ୍କର ସୂଚନା ପାଇବାର ଅଧିକାର ଉପରେ ଅଙ୍କୁଶ ଲଗାଇବାର କ୍ଷମତା ସୂଚନା କମିଶନରଙ୍କର ନାହିଁ। ସୂଚନା ପାଇଁ ଆବେଦନ କରିବା ନାଗରିକମାନଙ୍କର ଏକ ମୌଳିକ ଅଧିକାର। ସେହିପରି ୧୮.୦୯.୨୦୨୫ରେ ତେଲଙ୍ଗାନା ହାଇକୋର୍ଟ ସୂଚନା କମିଶନ ଜାରି କରିଥିବା ଏକ ନୋଟିସ୍‌କୁ ଖାରଜ କରି ଠିକ୍ ଭାବେ ପୁନଃ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଓଡ଼ିଶା ସୂଚନା କମିଶନରମାନେ ନାଗରିକଙ୍କ ସୂଚନା ପାଇବାର ଅଧିକାର ଉପରେ ଯେଭଳି ରୋକ୍ ଲଗାଉଛନ୍ତି, ଯଦି ଏହି ଧାରା ଅବ୍ୟାହତ ରହେ ; ତେବେ ସୂଚନା ଆଇନର ଲାଭ ଲୋକେ ପାଇପାରିବେ ନାହିଁ।

-ପ୍ରଦୀପ ପ୍ରଧାନ
ସୂଚନା ଅଧିକାର କର୍ମୀ
ମୋ-୯୯୩୭୮୪୩୪୮୨

# ରାସ୍ତାପାର୍ଶ୍ୱରୁ ହାତୀର ମୃତଦେହ ଜବତ

## ମାସକରେ ଦ୍ୱିତୀୟ ଘଟଣା

ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ରିଆମାଳ ରେଞ୍ଜ ରେଙ୍ଗାଲବେଡ଼ା ଫରେଷ୍ଟ ସେକ୍ସନ ଅଧୀନ କାଉଁଶିତଇଲା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରୁ ବୁଧବାର ଏକ ହାତୀର ମୃତଦେହ ଜବତ କରାଯାଇଛି। ସକାଳେ ହାତୀର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ସକାଳ ପ୍ରାୟ ୭ଟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଧାନଚାଷକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ନିଜସ୍ୱ ଉଦ୍ୟମରେ ସୌରଚାଳିତ ତାରବାଡ଼ ଲଗାଇଛନ୍ତି। ମାତ୍ର ସୌରଚାଳିତ ତାରବାଡ଼ରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବାରୁ ହାତୀର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଗତ ସେପ୍ଟେମ୍ବର ୧୨ ତାରିଖରେ ରିଆମାଳ ବନାଞ୍ଚଳ ପଳସମା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚିରଗୁଣିକୁଦର ଖସଡ଼ା ଜଙ୍ଗଲରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ବନ ବିଭାଗ ସତର୍କ ନ ହେବା ଓ ହାତୀଙ୍କ ଗତିବିଧି ଉପରେ ଠିକ୍‌ଭାବେ ନଜର ନ ରଖିବାରୁ ପୁନର୍ବାର ଏଭଳି ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ସୌରଚାଳିତ ତାରବାଡ଼ରେ କିଏ ବିଦ୍ୟୁତ୍ ସଂଯୋଗ କଲେ ସେନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରିରହିଛି। ଏ ସମ୍ପର୍କରେ ଡିଏଫ୍‌ଓ ରଶ୍ମି ଜୀ କହିଛନ୍ତି, ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ସୂଚନାଥାଉ କି, ଗତ ଏପ୍ରିଲରୁ ଇତିମଧ୍ୟରେ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୮ ହାତୀଙ୍କ ପ୍ରାଣଗଲାଣି।




ଅର୍ଥ ହେଲା ଏକ ସାମୂହିକ ସମ୍ପଦ। ଯେଉଁମାନଙ୍କର ରହିଛି ଏକ ସମନ୍ୱିତ, ସାଧାରଣ ଓ ବିଶ୍ୱଜନୀନ ଦୃଷ୍ଟି – ସେହିମାନଙ୍କ ଦ୍ୱାରା ଅର୍ଥ ବିନିଯୋଗ ହେବା ଉଚିତ। .. ଯଦି ତୁମେ ଅର୍ଥର ଯଥା ବିତରଣ ବା ପ୍ରସାରଣର ଯନ୍ତ୍ର ହୋଇପାରିବ ଏବଂ ଅର୍ଥର ସଦ୍‌ବ୍ୟବହାର କରିପାରିବ–ତେବେ ଅର୍ଥ ତୁମ ପାଖକୁ ଆସିବ। –ଶ୍ରୀମା

# ବ୍ରାହ୍ମୀଲିପିର ପ୍ରଭାବ



ଦେବଦତ୍ତ ପଟ୍ଟନାୟକ

ଜୈନ ପୁରାଣରେ ଏହି ଯୁଗର ପ୍ରଥମ ତୀର୍ଥଙ୍କର ଋଷଭଦେବ ତାଙ୍କ କନ୍ୟା ବ୍ରାହ୍ମୀଙ୍କୁ ଲେଖିବାର ଜ୍ଞାନ ପ୍ରଦାନ କରିଥିଲେ। ଏହାସହ ସେ ସଂଖ୍ୟାଜ୍ଞାନକୁ ତାଙ୍କ ଝିଅ ସୁନ୍ଦରୀଙ୍କୁ ଦେଇଥିଲେ। ସାହିତ୍ୟ ଓ ଗଣିତ ଏହି ଦୁଇ ଜୈନ ସନ୍ନ୍ୟାସିନୀଙ୍କଠାରୁ ସୃଷ୍ଟି ହୋଇଛି। ତୀର୍ଥଙ୍କରଙ୍କ ନୀତିଶିକ୍ଷାରୁ ସାମ୍ନାକୁ ଆସିଥିବା ବିଦ୍ୟା କିମ୍ବା ବିଷୟଗୁଡ଼ିକୁ ବିଭିନ୍ନ ଦେବୀ ଭାବେ ଜୈନମାନେ ଦେଖୁଥିଲେ। ତେବେ ବହୁ ପରେ କାବ୍ୟିକଧାରା ଭାବେ ଏହିସବୁ କାହାଣୀ ସମ୍ଭବତଃ ଲେଖାର ଉତ୍ପତ୍ତି ସମ୍ପର୍କରେ ବୁଝାଇଆସିଛି। ପଣ୍ଡିତମାନେ ବିଶ୍ୱାସ କରନ୍ତି ଯେ, ଲିପିଗୁଡ଼ିକୁ ପ୍ରସାରିତ କରିବାରେ ଜୈନଧର୍ମ ଏକ ପ୍ରମୁଖ ଭୂମିକା ନେଇଥିଲା। ତାମିଲନାଡୁରେ ଜୈନ ସନ୍ନ୍ୟାସୀମାନେ ଉପବାସ ରହି ଦେହତ୍ୟାଗ କରିଥିବା କିମ୍ବା ଶିଳା ଶଯ୍ୟା ଥିବା ଜୈନସ୍ଥଳରୁ ତାମିଲ ବ୍ରାହ୍ମୀଲିପି ମିଳିଛି। ଏହି ଲିପି ଖ୍ରୀଷ୍ଟପୂର୍ବ ୨୭୦ର ଏବଂ ଏହା ଖ୍ରୀଷ୍ଟପୂର୍ବ ୨୫୦ର ଅଶୋକଙ୍କ ସମୟର ଲିପିଠାରୁ ପୁରୁଣା ହୋଇପାରେ। ଏଣୁ ଏହା ସ୍ପଷ୍ଟ ଯେ, ୨୩୦୦ ବର୍ଷ ପୂର୍ବେ ବଣିକ, ସନ୍ନ୍ୟାସୀ ଏବଂ ରାଜାମାନେ ଲେଖାକୁ ଭାରତର ବିଭିନ୍ନ ଭାଗରେ ପହଞ୍ଚାଇପାରିଥିଲେ।

ସମ୍ରାଟ୍ ଅଶୋକଙ୍କ ସମୟରେ ବ୍ୟବହାର କରାଯାଉଥିବା ଲିପିକୁ କାହିଁକି ବ୍ରାହ୍ମୀ ଲିପି କୁହାଯାଏ? ଏହା ମୌର୍ଯ୍ୟ ଶାସନକାଳରେ ଜଣାଥିଲା କି ନାହିଁ ତାହା ଆମେ ଜାଣୁନାହୁଁ। କିନ୍ତୁ ପ୍ରାଚୀନ ବିଦ୍ୱାନ୍‌ମାନେ ଏହାକୁ ‘ପିନ୍–ମ୍ୟାନ୍’ ଲିପି ବୋଲି କହୁଥିଲେ। ପରେ ତାହାକୁ ‘ଲାଟ’ ଲିପି,‘ଭାରତୀୟ ପାଲି’ ଏବଂ ‘ମୌର୍ଯ୍ୟ’ ଲିପି କୁହାଗଲା। ଅନେକ ଶତାବ୍ଦୀ ପରେ ସଂସ୍କୃତ କାବ୍ୟ ଲଳିତବିସ୍ତର ସୂତ୍ର(ଖ୍ରୀଷ୍ଟାବ୍ଦ ୩୦୦)ର ବୌଦ୍ଧ କାହାଣୀଗୁଡ଼ିକରୁ ଆମେ ଜାଣିବାକୁପାଉ ଯେ, ଯୁବରାଜ ସିଦ୍ଧାର୍ଥ ଗୌତମ ଅନେକ ଭାଷାରେ ଲେଖିବାର ଶୈଳୀ ଶିକ୍ଷା କରିଥିଲେ। ଏହିସବୁ କାହାଣୀରେ ଲିପିଗୁଡ଼ିକର ଏକ ତାଲିକା ରହିଛି। ଏଥିରେ ପ୍ରଥମ ଲିପି ହେଉଛି ବ୍ରାହ୍ମୀ। ଏଣୁ ବିଦ୍ୱାନ୍‌ମାନେ ଅଶୋକଙ୍କ ସମୟରେ ବ୍ୟବହାର କରାଯାଉଥିବା ଲିପିକୁ ବ୍ରାହ୍ମୀଲିପି ଭାବେ ଘୋଷଣା କରିଥିଲେ। ଏହାର ବ୍ରହ୍ମ କିମ୍ବା ବ୍ରାହ୍ମଣଙ୍କ ସହିତ କୌଣସି ସମ୍ପର୍କ ନାହିଁ।

ଦକ୍ଷିଣ ଏସିଆରେ ଦେଖିବାକୁ ମିଳୁଥିବା ଅଧିକାଂଶ ଲିପି ବ୍ରାହ୍ମୀ ଲିପିରୁ ଉଦ୍‌ଭବ। ଏହା ବୌଦ୍ଧଧର୍ମ ସହ ବ୍ୟାପୀଥିଲା। ଏହା ଏକ ନିଆରା ଲିପି, ଯାହା ରୋମାନ୍ ବର୍ଣ୍ଣମାଳା ଏବଂ ଆରବୀ, ହିବ୍ରୁ ଲିପିଠାରୁ ଭିନ୍ନ। ରୋମାନ୍ ଲିପିରେ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣକୁ ପୃଥକ୍ ଭାବେ ଗୋଟିଏ ପରେ ଅନ୍ୟଟିକୁ ବ୍ୟବହାର କରାଯାଏ। ଏହା ବାମରୁ ଡାହାଣକୁ



ଲେଖାଯାଇଥାଏ। ଆରବୀ କିମ୍ବା ହିବ୍ରୁ ଲିପି ଡାହାଣରୁ ବାମକୁ ଲେଖାଯାଇଥାଏ ଏବଂ ଏସବୁର କେବଳ ବ୍ୟଞ୍ଜନବର୍ଣ୍ଣ ଅଛି, ସ୍ୱରବର୍ଣ୍ଣ ନାହିଁ। ହେଲେ ବ୍ରାହ୍ମୀ ବାମରୁ ଡାହାଣକୁ ଏକ ସମ୍ପୂର୍ଣ୍ଣ ଭିନ୍ନ ବୃତ୍ତାକାର ଉପାୟରେ ଲେଖାଯାଏ। ଏଥିରେ ଅକ୍ଷରଗୁଡ଼ିକ ମଝିରେ ରହେ ଏବଂ ଏହାର ଚାରିପାଖରେ ମାତ୍ରାଗୁଡ଼ିକ ଉପର–ତଳ, ବାମ–ଡାହାଣରେ ରହିଥାଏ। ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣଗୁଡ଼ିକ ବୃତ୍ତର କେନ୍ଦ୍ରରେ ରହିଥାଏ।

ଏହିସବୁ ଲିପି ଭାରତୀୟ ସଂସ୍କୃତି ଏବଂ ବିଶ୍ୱରେ ଭାରତୀୟ ସଂସ୍କୃତିର ରହିଆସିଥିବା ପ୍ରଭାବକୁ ଦର୍ଶାଇଥାଏ। ଅଶୋକଙ୍କ ଶାସନକାଳରେ ଗାନ୍ଧାର ଅଞ୍ଚଳରେ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣକୁ ଏକାଠି ଲେଖାଯାଉଥିବା ଏକ ପ୍ରକାର ଲିପି ଖରୋଷ୍ଠି ବ୍ୟବହାର କରାଯାଉଥିଲା। ଖରୋଷ୍ଠି ଡାହାଣରୁ ବାମକୁ ଲେଖାଯାଉଥିଲା (ପାରସ୍ୟର ଆରବୀ ଓ ହିବ୍ରୁ ଲିପିର ପ୍ରଭାବକୁ ଦର୍ଶାଏ) ବେଳେ ବ୍ରାହ୍ମୀ ବାମରୁ ଡାହାଣକୁ ଲେଖାଯାଉଥିଲା(ଯାହା ସ୍ୱତନ୍ତ୍ର ଭାବେ ସୃଷ୍ଟି ହୋଇଥିବା ସୂଚିତ କରେ)। ସମୟକ୍ରମେ ବ୍ରାହ୍ମୀ ଲିପିର ପ୍ରାଧାନ୍ୟ ବଢ଼ିବା ଯୋଗୁ ଖରୋଷ୍ଠି ଲୋକପ୍ରିୟତା ହରାଇଲା।

ଚାଇନାର ଲିପି ହେଉଛି ପ୍ରତୀକାତ୍ମକ। ଏହାର ଅନେକ ପ୍ରକାର ଚିହ୍ନକୁ ମନେରଖିବା ବହୁତ କଷ୍ଟ। ଚାଇନାର ବିଭିନ୍ନ ଉପଭାଷା ମଧ୍ୟ ସମାନ ପ୍ରକାର ଚାଇନିଜ୍ ମୂଳ ଭାଷାକୁ ଉଚ୍ଚାରଣ କଲେ ମଧ୍ୟ ଶବ୍ଦଗୁଡ଼ିକର ସମାନ ଅର୍ଥ ରହିଥାଏ। ଏହା ଦେଶକୁ ଏକୀକୃତ କରେ ଏବଂ ଏଥିପାଇଁ ଏହି ଲିପି ବା ଭାଷାକୁ ପ୍ରାଥମିକତା ଦିଆଯାଏ। ଏପରିକି ଚାଇନାକୁ ବୌଦ୍ଧଧର୍ମ ପ୍ରସାରିତ ହୋଇଥିବାବେଳେ ବୌଦ୍ଧମନ୍ତ୍ରଗୁଡ଼ିକ ଚାଇନା ଲିପିରେ ଲେଖାଯାଇଥିଲା। ଜାପାନୀମାନଙ୍କର ଉଭୟ ପ୍ରତୀକାତ୍ମକ ଲିପିରେ ୫୦,୦୦୦ ଚିହ୍ନ ରହିଥିବାବେଳେ କାନା ଅକ୍ଷରମାଳାରେ ପାଖାପାଖି ୫୦ ଚିହ୍ନ ବା ଅକ୍ଷର ଅଛି। ବୌଦ୍ଧ ଗ୍ରନ୍ଥଗୁଡ଼ିକରେ ବ୍ୟବହୃତ ବ୍ରାହ୍ମୀ ଲିପି ଦ୍ୱାରା ପ୍ରଭାବିତ ହେବା ଯୋଗୁ ୧୦୦୦ ବର୍ଷ ପୂର୍ବେ ଏହାର ଉତ୍ପତ୍ତି ଘଟିଥିଲା। ବାସ୍ତବରେ ଜାପାନୀମାନେ ବୌଦ୍ଧମନ୍ତ୍ରରେ ପୂର୍ବ ଭାରତର ସିଦ୍ଧ ଲିପିକୁ ବ୍ୟବହାର କରନ୍ତି। ଚାଇନାର ପ୍ରତୀକାତ୍ମକ ଲିପିକୁ ମଧ୍ୟ କୋରିଆର ଉଚ୍ଚଶ୍ରେଣୀର ଲୋକେ ବ୍ୟବହାର କରୁଥିଲେ, ଯାହାକୁ ଶିଖିବା ଥିଲା କଷ୍ଟକର। ଏଣୁ ୫୦୦ ବର୍ଷ ପୂର୍ବେ କୋରିଆର ରାଜା ସାଧାରଣ ଲୋକଙ୍କୁ ଶିକ୍ଷିତ କରିବା ସକାଶେ ଏକ ନୂଆ ଲିପି ସୃଷ୍ଟି କରିଥିଲେ। ବ୍ରାହ୍ମୀରୁ କ୍ରମ ବିକଶିତ ତାମିଲ ଲିପି ଦ୍ୱାରା ରାଜାଙ୍କ ପାରିଷଦବର୍ଗ ପ୍ରଭାବିତ ହୋଇଥିଲେ। ଏହାସହ ତାମିଲ ଓ କୋରିଆନ୍‌ମାନଙ୍କର ବାଣିଜ୍ୟ ସମ୍ପର୍କକୁ ସୂଚିତ କରୁଥିବା ଅନେକ ସାଧାରଣ ଶବ୍ଦ ରହିଛି। ପାଖାପାଖି ୧୩୦୦ ଶତାବ୍ଦୀରେ ତାମିଲ ବ୍ୟବସାୟୀମାନେ ଚାଇନାର କ୍ୱାନ୍‌ଝୌରେ କୈୟୁଆନ ମନ୍ଦିର ନିର୍ମାଣ କରିଥିଲେ।

ବ୍ରାହ୍ମୀ ଲିପି ଚାରିପାଖରେ ଆକାର ଓ ମାତ୍ରା ରହିଛି। କୋରିଆର ହଙ୍ଗୁଲ ଲିପି ଏହି ପ୍ରକାର ନିୟମକୁ ଏହାର ନିଜସ୍ୱ ତଥା ସ୍ୱତନ୍ତ୍ର ଶୈଳୀରେ ଅନୁସରଣ କରେ। ଯଦିଓ ଏହା ବ୍ରାହ୍ମୀର ବ୍ୟଞ୍ଜନ ଓ ସ୍ୱର ବର୍ଣ୍ଣ(ଅକ୍ଷର ଓ ମାତ୍ରା) ଲିପି ଦ୍ୱାରା ପ୍ରଭାବିତ, ତଥାପି ଏହାକୁ ପଢ଼ିବା ବହୁତ ସହଜ। ବ୍ରାହ୍ମୀ ଲିପି କୌଣସି ନିର୍ଦ୍ଦିଷ୍ଟ ଯୁକ୍ତିସଙ୍ଗତ ସିଦ୍ଧାନ୍ତ ନାହିଁ। କିନ୍ତୁ ହଙ୍ଗୁଲ ଲିପିର ଏକ ସ୍ପଷ୍ଟ ସିଦ୍ଧାନ୍ତ ରହିଛି ଏବଂ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣକୁ ଆମେ ଯେଉଁଭଳି ଉଚ୍ଚାରଣ କରୁଛେ, ଠିକ୍ ସେହିଭଳି ଏହାକୁ ଲେଖାଯାଏ। ହଙ୍ଗୁଲର ୧୪ଟି ବ୍ୟଞ୍ଜନବର୍ଣ୍ଣ ପାଇଁ ବିଭିନ୍ନ ଚିହ୍ନ ଏବଂ ୧୦ଟି ଅକ୍ଷର ଥିଲା। ଫଳରେ ଏହାକୁ ମନେରଖିବା ସହଜ। ମାତ୍ରାଗୁଡ଼ିକ ବ୍ୟଞ୍ଜନବର୍ଣ୍ଣର ଉଭୟ ଡାହାଣ କିମ୍ବା ନିମ୍ନରେ ରଖାଯାଇପାରୁଥିଲା। ଫଳରେ ଏହାକୁ ପଢ଼ିବା ବା ଶିଖିବା ସହଜ ହେଉଥିଲା। ଏହା ମଧ୍ୟ କୋରିଆନ୍‌ଙ୍କୁ ଶୀଘ୍ର ଶିକ୍ଷିତ କରାଇବାରେ ସକ୍ଷମ ହୋଇଥିଲା। ଭାରତରେ ଦୀର୍ଘ ସମୟ ଧରି ଲେଖାକୁ ବିରୋଧ କରାଯାଇଆସିଛି। ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୧୦୦ ମଧ୍ୟରେ ପ୍ରାକୃତ ଭାଷାରେ ଲେଖାଯାଉଥିଲା। ଏହାର ୪୦୦ ବର୍ଷ ପରେ ସଂସ୍କୃତରେ ଲେଖା ଆରମ୍ଭ ହୋଇଥିଲା। ପରେ ରାଜ ଦରବାରରେ ସଂସ୍କୃତ ଭାଷାର ପ୍ରାଧାନ୍ୟ ବଢ଼ିଥିଲା। ଏପରିକି ଆଫଗାନିସ୍ତାନରୁ ଆରମ୍ଭ କରି ଭିଏତ୍‌ନାମ ପର୍ଯ୍ୟନ୍ତ, ଖ୍ରୀଷ୍ଟାବ୍ଦ ୩୦୦ରୁ ୧୩୦୦ ମଧ୍ୟରେ ରାଜକୀୟ ଘୋଷଣାପତ୍ରରେ ଏହାକୁ ବ୍ୟବହାର କରାଯାଉଥିଲା। କିନ୍ତୁ ଇସ୍‌ଲାମର ଉତ୍‌ଥାନ ପରେ ଏହା ଶେଷହେବାକୁ ଲାଗିଲା। ସ୍ଥାନୀୟ ଭାରତୀୟ ଭାଷାଗୁଡ଼ିକ ପାଇଁ ନୂଆ ଆରବୀୟ ଓ ପାରସ୍ୟ ଲିପି ସହ ଭାରତର ସ୍ଥାନୀୟ ଲିପିଗୁଡ଼ିକ ମଧ୍ୟ ସୃଷ୍ଟିହେଲା।

–devduttofficial@gmail.com

# ମାମୁଘର



ଅଲେଖ ଚନ୍ଦ୍ର ମିଶ୍ର

‘ଘର’ ଏହି ଶବ୍ଦଟି କେତେ ଆମୋଦଦାୟକ ତାହା ଅନୁଭବୀ ହିଁ ଜାଣେ, ଆଉ ସେଥିରେ ଯଦି କିଛି ଆତ୍ମୀୟତା ନିହିତ ଥାଏ ତେବେ ତା’ ସହିତ କେତେ ଆପଣାପଣ ଯୋଡି ହୋଇଯାଏ ତାହା ପ୍ରାୟ ସଭିଙ୍କର ଅଙ୍ଗେନିଭା କଥା। ଏହିପରି ଆତ୍ମୀୟତା ଥିବା ଏକ ଘର ହେଉଛି ମାମୁଘର– ମା’ ଓ ମୁଁ ଉଭୟଙ୍କ ଘର; କାରଣ ମାମୁଘର ନ ଥିଲେ ମା’ ନ ଥାନ୍ତେ, ମା’ ନ ଥିଲେ ମୁଁ ନ ଥାନ୍ତି। ପୃଥିବୀରେ ସବୁଠାରୁ ପ୍ରିୟ ନିଜଘର ଭଳି ମାମୁଘର ବି ପ୍ରିୟ। ଏହା ତ ନିଜଘରଠାରୁ ଦୂରରେ ଥିବା ଅନ୍ୟ ଏକ ନିଜଘର ଯାହାର ପରିଚୟ ପରିବାରର ପ୍ରତିଟି ସଦସ୍ୟଙ୍କ ପାଇଁ ସ୍ୱତନ୍ତ୍ର। ଭଣଜା ଓ ଭାଣିଜୀଙ୍କ ପାଇଁ ମାମୁଘର, ବୋଉର ବାପଘର, ବାପାଙ୍କ ଶ୍ୱଶୁରଘର, ଜେଜେ ଜେଜେମା’ଙ୍କ ପାଇଁ ସମୁଦି/ସମୁଦୁଣୀ ଘର, ସାହି ପଡ଼ିଶାଙ୍କ ପାଇଁ ବନ୍ଧୁଘର ଇତ୍ୟାଦି।

ବାପା ମା’ଙ୍କର ଦେହାନ୍ତ ହୋଇଗଲେ ପିଲାଟିଏ ଛେଉଣ୍ଡ ହୋଇଯାଏ; କିନ୍ତୁ ମାମୁଘର ଥିଲେ ସେ ଅନାଥ ହୁଏନା। ନିଜର ଅତି ଆପଣାର ବୋଲି ସେମାନେ ପିଲାଟିର ସମସ୍ତ ଦାୟିତ୍ୱ ସହ ଲାଳନ ପାଳନର ଭାର ବହନ କରନ୍ତି। ତେଣୁ କୁହାଯାଇଥାଏ ମା’ ଠୁଁ ବଳି ମାଉସୀ, ଜେଜେ ଜେଜେମା’ ଠୁଁ ବଳି ଅଜା ଆଈ। ଅଜା ଆଈଙ୍କର ଆଦର, ମାଉସୀଙ୍କର ସ୍ନେହ, ମାମୁଙ୍କର ଶ୍ରଦ୍ଧା ଭଣଜା ଭାଣିଜୀଙ୍କ ପାଇଁ ମାମୁଘରକୁ ଆକର୍ଷଣୀୟ କରିଥାଏ। ସେଥିପାଇଁ ମାମୁଘରକୁ ନେଇ ଅନେକ ଲୌକିକ ବଚନିକା ଆମ ସମାଜରେ କାଳ କାଳରୁ ଗଢ଼ିଆସିଛି, ଯାହାର କେତୋଟି ଉଦାହରଣ ହେଉଛି, ‘‘ଖାଇଲେ ଭଗାରିକୁ ଦେଖେଇ ଖାଆ, ନ ଖାଇଲେ ମାମୁଘରକୁ ଯାଆ’’, ‘‘ଚକା ଚକା ଭଉଁରୀ, ମାମୁଘର ଚଉଁରି। ମାମୁ ମତେ ମାଇଲେ, ବୁଝେଇ ଶୁଝେଇ ପୁଣି ଦୁଧ ଭାତ ଖୋଇଲେ’’। ‘‘ଦିନେ ନାହିଁ କାଳେ ନାହିଁ, ଗହ୍ଣା ପୁନେଇଁ କି ମାଇଁ ଲୋ ମାଇଁ’’। ‘‘ଆ ଜହ୍ନମାମୁ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି’’। ମାମୁଘର ସହିତ କେତେ ଭାବପ୍ରବଣତା ଜଡିତ ଆଗେ ଶୈଶବ ଅବସ୍ଥାରେ ଘଟୁଥିବା କେତୋଟି ଘଟଣାର ସ୍ମରଣ କରେଇ ଦିଆ ଯାଇପାରେ। ପିଲାବେଳେ ଟିକା ନେବା, କାନ ଫୋଡ଼େଇବା, ପାଦରେ ଫୁଟିଯାଇଥିବା କଣ୍ଟାକୁ କାଢ଼ିବା, ଘାଆକୁ ଧୋଇ ସଫା କରିବା ଇତ୍ୟାଦି କଷ୍ଟ କାମ ବେଳେ ମାମୁଘର ଆଡ଼କୁ ଚାହିଁବାକୁ ପିଲାମାନଙ୍କୁ କୁହାଯାଉଥିବା ଏକ ଜଣାଶୁଣା କଥା। କାରଣ ବିଶ୍ୱାସ ଥାଏ ଯେ ମାମୁଘର କଥା ଭାବିଲେ କଷ୍ଟ ଜଣାପଡ଼େନା। ମାମୁ ଶବ୍ଦଟି ଏତେ ଲୋକପ୍ରିୟ ଯେ ବେଳେ ବେଳେ ଲଘୁ ମନ୍ତବ୍ୟ ଛଳରେ ଜହ୍ନ, ବାଘ ଓ ପୋଲିସକୁ ମାମୁ ଆଖ୍ୟା ଦିଆଯାଇଥାଏ ଏବଂ ଜେଲ ଖାନାକୁ ମାମୁଘର କୁହାଯାଇଥାଏ।

ସମାଜରେ ପ୍ରଚଳିତ ଅନେକ ପର୍ବପର୍ବାଣି, ରୀତିନୀତି, ବିଧି ବିଧାନ ମାମୁଘର ଉପରେ ଆଧାରିତ ଯେପରି ବ୍ରତଘରର ମୁଖ୍ୟ ଦାୟିତ୍ୱ ମାମୁଘରର। ପ୍ରଥମାଷ୍ଟମୀରେ ମାମୁଘର ତରଫରୁ ଭଣଜା ଭାଣିଜୀଙ୍କୁ ପୋଡୁଆଁ କରାଯାଏ। ଏପରିକି ମାମୁଘରର ସ୍ମୃତି ସମ୍ବଳିତ ଏହି ପର୍ବ ସହିତ ଦେବତାଙ୍କୁ ମଧ୍ୟ ସାମିଲ କରାଯାଇଛି ଯେପରି ପ୍ରଭୁ ଜଗନ୍ନାଥଙ୍କର ମାମୁଘର ବୋଲି କୁହାଯାଉଥିବା ନିଆଳି ମାଧବ ଏବଂ ପ୍ରଭୁ ଲିଙ୍ଗରାଜଙ୍କର ମାମୁଘର ଭାବରେ ବିଶ୍ୱାସ କରାଯାଉଥିବା କପିଳେଶ୍ୱର ଯଥାବିଧି ମାମୁଘରର କର୍ମ ସମ୍ପାଦନ କରନ୍ତି। ଏହା ଛଡ଼ା ପ୍ରତି ବର୍ଷ ଶ୍ରାଦ୍ଧ, ତର୍ପଣ ଆଦି ଅନୁଷ୍ଠାନରେ ମାମୁଘରର ସ୍ମୃତିଚାରଣ କରାଯାଏ। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦଠାରୁ ଅମାବାସ୍ୟା ଯାଏ ପାଳିତ ହେଉଥିବା ଅପରପକ୍ଷ ବିଶେଷ କରି ମହାଳୟା ଦିନ ମାତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ସାମ୍ବତ୍ସରିକ ଶ୍ରାଦ୍ଧ ଅର୍ପଣ କରାଯାଏ ଯାହା ଲୋକାଚାରରେ ମଉଳା ଶ୍ରାଦ୍ଧ ଭାବରେ ଜଣାଶୁଣା।

ମାମୁଘର ଓଡ଼ିଆ ସାହିତ୍ୟକୁ ପ୍ରଭାବିତ କରିଆସିଅଛି, ଯେପରି ବ୍ୟାସକବିଙ୍କ ଉପନ୍ୟାସ ‘ମାମୁ’, ଗଳ୍ପ ‘ବିରେଇ ବିଶ୍ୱାଳ’, କାନ୍ତକବିଙ୍କ ଉପନ୍ୟାସ ‘କଣାମାମୁ’, ବିନୋଦ ନାୟକଙ୍କ ‘ଗ୍ରାମପଥ’ରେ ‘‘ପାଟ ପରେ ବଣ ପାରିହେଲେ ମାମୁଘର ଗାଆଁ ଦିଶେ’’ ଇତ୍ୟାଦି। ମାମୁଘର ଭଳି ପବିତ୍ର ସମ୍ପର୍କକୁ ଯିଏ ଅବମାନନା କରେ ସେ ନିଜେ ଧ୍ୱଂସ ପାଇଯାଏ, ଯାହାର କାଳଜୟୀ ଦୃଷ୍ଟାନ୍ତ ହୋଇ ରହିଯାଇଛି କଂସ, ଦୁର୍ଯ୍ୟୋଧନ ଓ ଶକୁନି ଉପାଖ୍ୟାନ। ମାତ୍ର ପରିତାପର ବିଷୟ ଯେ ସମ୍ପ୍ରତି ଏଭଳି ଚିରାଚରିତ ସମ୍ପର୍କର ମାଧୁର୍ଯ୍ୟ ଓ ଭାବପ୍ରବଣତାରେ ଘୋର ଅବକ୍ଷୟ ଘଟି ଚାଲିଛି ଯାହାର ମୁଖ୍ୟ କାରଣ ହେଉଛି ସେଥିରେ ସ୍ୱାର୍ଥର ଅନୁପ୍ରବେଶ। ସ୍ୱାର୍ଥସର୍ବସ୍ୱ ଆଜିର ମଣିଷ ଅଣୁ ପରିବାର ଗଠନ ପାଇଁ ଉଦ୍‌ଗ୍ରୀବ ହୋଇ ସମସ୍ତ ସାମାଜିକ ଓ ପାରିବାରିକ ବନ୍ଧନରୁ କ୍ରମେ ଦୂରରୁ ଦୂରକୁ ଚାଲିଯାଉଛି।

ଶାସ୍ତ୍ରୀନଗର, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ବାଲ୍ୟବିବାହ ଏକ ସାମାଜିକ କଳଙ୍କ। ଏବେ ବି ଭାରତର ଅନେକ ଗାଁରେ ଏହା ରହିଛି, ଯାହା ସୂଚିତ କରୁଛି ଆଧୁନିକ ସମାଜ ଏହାର ପଞ୍ଝାରୁ ମୁକ୍ତ ନୁହେଁ। ସେହିଭଳି ଏକ ଗାଁ ରହିଛି ତ୍ରିପୁରାର ସେପାହିଜଲା ଜିଲାରେ। ଏହି ଜିଲାରେ ବାଲ୍ୟବିବାହର ପ୍ରାବଲ୍ୟତା ଅଧିକ। ଏହାକୁ ଦୂର କରିବା ପାଇଁ ସେହି ଜିଲାର ଜିଲାପାଳ ସିଦ୍ଧାର୍ଥ ଜୟସ୍ୱାଲଙ୍କ ଉଦ୍ୟମ ପ୍ରସଂଶନୀୟ। ସେପାହିଜଲାରେ ଝିଅମାନେ ୧୮ ବର୍ଷ ବୟସ ପୂର୍ବରୁ ବାହାହୋଇ କିଶୋରୀ ଅବସ୍ଥାରେ ମା’ ହୋଇଯାଆନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏଭଳି ସ୍ଥିତିରୁ ଝିଅମାନଙ୍କୁ ରକ୍ଷା କରିବା ପାଇଁ ଜୟସ୍ୱାଲ ଆନ୍ତରିକତାର ସହ ଚେଷ୍ଟା ଚଳାଇଛନ୍ତି। ସେ ଏବେ ସୁଦ୍ଧା ଜିଲାର ୧୦ଟି ଗାଁରୁ ୧୦୦ ଝିଅଙ୍କୁ ବାଲ୍ୟବିବାହ ଫାସରୁ ଉଦ୍ଧାର କରିସାରିଲେଣି। ସେ ଏଥିପାଇଁ ମିଶନ ସଙ୍କଳ୍ପ ଆରମ୍ଭ କରିଛନ୍ତି। ଭୋଟର ଯାଞ୍ଚ୍ ସମୟରେ ସେ ଏହି ଗାଁକୁ ଯାଇଥିବା ସମୟରେ ବାଲ୍ୟବଧୂଙ୍କୁ ଦେଖିଥିଲେ। ତାହା କିଭଳି ବନ୍ଦ କରାଯାଇପାରିବ ସେ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରିଥିଲେ। ସ୍କୁଲ୍‌ରେ ମଧ୍ୟ ଛାତ୍ରୀମାନଙ୍କୁ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ଅକ୍ଟୋବର ୧୯୭୬

- ଦେଶୀ ମଦ ପାନ କରି ପୀଡ଼ିତ ଅବସ୍ଥାରେ ଇନ୍ଦୋର ଯଶୋବନ୍ତ ରାଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ୧୨୮ ଜଣ ଲୋକଙ୍କ ମଧ୍ୟରୁ ୭୮ ଜଣଙ୍କ ମୃତ୍ୟୁ।
- ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭୂପେନ୍ଦ୍ର ସିଂହ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ଘୋଷିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | |
| | | 3 | 7 | 2 | | | | |
| | | 5 | | | | | | 2 |
| | | | | 4 | | | 9 | |
| | 4 | | 5 | | | 8 | 6 | |
| 1 | 5 | 2 | | | | | 7 | |
| 5 | | | 9 | | | | 3 | |
| | | 6 | | | | | 1 | |
| | 3 | | | 7 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 3 | 1 | 9 | 5 | 7 | 6 |
| 5 | 7 | 3 | 4 | 2 | 6 | 8 | 9 | 1 |
| 9 | 6 | 1 | 8 | 7 | 5 | 3 | 4 | 2 |
| 3 | 1 | 5 | 6 | 9 | 8 | 4 | 2 | 7 |
| 4 | 8 | 6 | 2 | 3 | 7 | 9 | 1 | 5 |
| 7 | 2 | 9 | 1 | 5 | 4 | 6 | 3 | 8 |
| 8 | 9 | 2 | 7 | 6 | 3 | 1 | 5 | 4 |
| 6 | 3 | 7 | 5 | 4 | 1 | 2 | 8 | 9 |
| 1 | 5 | 4 | 9 | 8 | 2 | 7 | 6 | 3 |

ଗତକାଲିର ଉତ୍ତର

# ବିକାଶର ଦୋମୁହାଁ ସଡ଼କ



ସତ୍ୟବ୍ରତ ବାରିକ

ବିକାଶର ସଡ଼କ ଦୁଇ ଦିଗରେ ଯାଇଛି: ଗୋଟିକର ଲକ୍ଷ୍ୟସ୍ଥଳ ହେଉଛି ସ୍ୱଚ୍ଛଳ, ଧନୀ ଓ ପୁଞ୍ଜିପତିଙ୍କ ସୁଖ ସମ୍ପଦ ବୃଦ୍ଧି, ଅନ୍ୟଟି ଯାଇଛି ଗାଁ, ବସ୍ତି, ସାହି, ଗୋହିରୀ, ପାହାଡ଼ ଜଙ୍ଗଲ ଦେଇ ଅଶୀ ଶତକ ଭୋଟରଙ୍କୁ କିଛି ପ୍ରକାରେ ବଞ୍ଚାଇ ରଖିବା ଏବଂ ଲୋକତନ୍ତ୍ରକୁ ଆଖିଠାର ମାରିବା ପାଇଁ। ସେମାନଙ୍କୁ ‘ଭୋଟର’ କହିବା ଉଚିତ ହେବ, କାରଣ ନାଗରିକର ମର୍ଯ୍ୟାଦା ପାଇବା ସେମାନଙ୍କ ପକ୍ଷେ କାଠିକର ପାଠ। ଆମ ଶାସକମାନେ ଯେଉଁ ବାଟରେ ରାଜ୍ୟର ଏହି ବିଶାଳ ସଂଖ୍ୟାର ‘ଭୋଟର’ ଓ ସେମାନଙ୍କ ପରିବାରଗୁଡ଼ିକ ‘ବିକାଶ’ କରୁଛନ୍ତି ବୋଲି କହୁଛନ୍ତି, ପ୍ରଥମେ ସେହି ଧାରାଟିକୁ ନିରୀକ୍ଷଣ କରିବା। ପୂର୍ବରୁ ‘କାଳିଆ’ ନାମରେ କୃଷକଙ୍କୁ ଟଙ୍କା ବଣ୍ଟା ଯାଉଥିଲା, ଏବେ ସେମାନଙ୍କୁ ‘ପି. ଏମ୍. କିଷାନ ନାମରେ ବଣ୍ଟାଯାଉଛି। ଓଡ଼ିଶା ଚାଷୀଙ୍କର ଦୁଇଟି ବଡ଼ ସମସ୍ୟା: ଜଳସେଚନ,ଜମି ମାଲିକାନା। ଏକ ସୂତ୍ରରୁ ପ୍ରକାଶ ଯେ ୩୬% ଚାଷୀ ଭୂମିହୀନ, ଯେଉଁମାନେ ଭାଗଚାଷରେ ନିୟୋଜିତ। ଗୋ–ସମ୍ପଦ, ଜୈବିକ ଖତ, ବିହନ ସଂରକ୍ଷଣ ଏସବୁ ଦିନେ ଚାଷୀ ହାତରେ ଥିଲା; ଆଧୁନିକ କୃଷି ନାମରେ ସେହି ସାଧୀନତା ସେମାନଙ୍କ ହାତରୁ ଚାଲିଗଲା। ଧାନର ବିକ୍ରି ମୂଲ୍ୟ କିଛି ବଢ଼ିଲା,ହେଲେ ଅନ୍ୟ ପଟେ ସାର ବଜାର ଉପରେ ସରକାର ନିୟନ୍ତ୍ରଣ ହରାଇବା ଅର୍ଥ ଚାଷୀଙ୍କୁ ବିପଦ ମୁହଁକୁ ଠେଲିଦେବା।

‘ସୁଭଦ୍ରା’ ନାମରେ ମହିଳାଙ୍କୁ କିସ୍ତିୱାରି ଟଙ୍କା ପଠାଯାଉଛି ଏବଂ ଏହାକୁ ମହିଳା ସଶକ୍ତୀକରଣର ଏକ ‘ଐତିହାସିକ’ ପଦକ୍ଷେପ କୁହାଯାଉଛି। ଗତ କିଛି ଦଶନ୍ଧି ଧରି ‘ମିଶନ ଶକ୍ତି’ ନାମରେ ମହିଳାଙ୍କ ଆର୍ଥିକ ଉନ୍ନତି ଚାଲିଆସିଛି। ତାହାକୁ ଏବର ସରକାର ଚଳାଇ ରଖିଛନ୍ତି‘ଲକ୍ଷପତି ଦିଦି’ ନାମରେ। ଏହି ଯୋଜନା ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ବ୍ୟାଙ୍କ ସହ ଯୋଡ଼ି ହଜାର ହଜାର ଗୋଷ୍ଠୀଙ୍କୁ ଲଗାଇ, ସେମାନଙ୍କ ଶ୍ରମ ଓ କୌଶଳ ଶସ୍ତାରେ ଉପଯୋଗ କରି, ବ୍ୟାଙ୍କଗୁଡ଼ିକ ବ୍ୟବସାୟ କଲେ। ହଁ, ଲୋକେ କିଛି କିଛି ଧନ୍ଦା ପାଇଲେ, ରୋଜଗାର କଲେ, ପରିବାରର ଖର୍ଚ୍ଚ ତୁଲାଇଲେ, କିନ୍ତୁ ବଳକା ପଇସା ସଞ୍ଚି ସ୍ଥାୟୀ ସମ୍ବଳ କରିପାରିଛନ୍ତି କି? ରୋଜଗାରରୁ ଯଦି ବ୍ୟକ୍ତିର ସ୍ଥାୟୀ ସମ୍ପତ୍ତି ସୃଷ୍ଟି ନ ହୁଏ, ତେବେ ସ୍ଥାୟୀ ଆୟର ପନ୍ଥା ଆସିବ କେଉଁଠୁ? ଜଣେ ସଶକ୍ତ ହେବ କିପରି? ବିକାଶ’ର ଇଏ କି ନୂଆ ପାଠ?

ଇଂଲିଶ ଶବ୍ଦ ‘ଡେଭଲପମେଣ୍ଟ’ ଭାରତରେ ପ୍ରଥମେ ବ୍ୟବହାର ହୋଇଥିଲା ପ୍ରଥମ ପଞ୍ଚବାର୍ଷିକ ଯୋଜନା ଦସ୍ତାବେଜରେ। କୁହାଯାଏ ଯେ ୧୯୪୯ରେ ଆମେରିକୀୟ ରାଷ୍ଟ୍ରପତି ହ୍ୟାରୀ ଟ୍ରୁମ୍ୟାନ ନୂଆ କରି ସ୍ୱାଧୀନ ହୋଇଥିବା ଏସିଆ, ଆଫ୍ରିକା, ମଧ୍ୟ–ପ୍ରାଚ୍ୟର ଦେଶଗୁଡ଼ିକ ପ୍ରଥମେ ‘ଅଣ୍ଡର–ଡେଭଲପ ବୋଲି ଉଲ୍ଲେଖ କରିଥିଲେ, ଏବଂ ପୁଞ୍ଜିବାଦୀ ଆଦର୍ଶ ଅନୁସରଣରେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟତା କରିବା ପାଇଁ ଧନୀ ଦେଶଗୁଡ଼ିକୁ ଆହ୍ୱାନ କରିଥିଲେ। ୨ୟ ବିଶ୍ୱଯୁଦ୍ଧ ପରେ ଏହି ଦେଶଗୁଡ଼ିକୁ ସୋଭିଏଟ୍ କମ୍ୟୁନିଜମ ପ୍ରଭାବରୁ ଦୂରରେ ରଖିବା ଏବଂ ଆମେରିକୀୟ ବିକାଶ ନୀତି ଗ୍ରହଣ କରାଇବା ଥିଲା ତାଙ୍କର ଉଦ୍ଦେଶ୍ୟ। ସେଥିରୁ ଡେଭଲପମେଣ୍ଟ ଓ ତା’ର ଅନୁବାଦରେ ବିକାଶ ଶବ୍ଦର ଉତ୍ପତ୍ତି। ଦେଶଗୁଡ଼ିକ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ ବିକାଶ ତତ୍ତ୍ୱର ସମର୍ଥକ ଓ ପ୍ରସାରକ ଥିଲେ ଜାତିସଂଘ, ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା କୋଷ। ଏହାର ପ୍ରତିଫଳନ ଦେଖାଯାଇଥିଲା ଭାରତର ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ। ସ୍ୱାଧୀନତା ପରବର୍ତ୍ତୀ କେତୋଟି ପଞ୍ଚବାର୍ଷିକ ଯୋଜନାରେ ଲୋକଙ୍କ ଜୀବନଧାରଣର



ମାନ ଉନ୍ନତ କରିବା ତଥା ଜମିଦାର ଭଳି ମଧ୍ୟସ୍ଥଙ୍କୁ ହଟାଇ ଚାଷୀଙ୍କ ମଧ୍ୟରେ ସମାନୁପାତିକ ଜମି ବଣ୍ଟନ ପାଇଁ ଭୂସଂସ୍କାର ଆଇନ ପ୍ରଣୟନ ହୋଇଥିଲା। ଦାରିଦ୍ର୍ୟ ନିରାକରଣର ଅଂଶ ଭାବେ ଷାଠିଏରୁ ଅଶୀ ଦଶକ ମଧ୍ୟରେ ସଘନ କୃଷି ବିକାଶ, ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ, ଗ୍ରାମୀଣ ଜୀବିକା ଅଭିଯାନ, ଯୁବଗୋଷ୍ଠୀ ପାଇଁ କୌଶଳ ତାଲିମ, ଏହିପରି ଅନ୍ୟାନ୍ୟ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେତେବେଳେ ଗ୍ରାମାଞ୍ଚଳରେ ଲୋକଙ୍କ ସଂଗଠନ ତିଆରି କରିବା, ଗ୍ରାମପାଣ୍ଠି ଲାଗି ମହାଜନି ଶୋଷଣ ବନ୍ଦ କରିବା, ଦୁର୍ଗମ ଅଞ୍ଚଳରେ ଶିକ୍ଷାକେନ୍ଦ୍ର ଖୋଲିବା ଏବଂ ଲୋକଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଜୋର୍ ଦେଇଥିଲେ। ବିକାଶ ଅର୍ଥ ଆମେ ଏପରି ବୁଝିଥିଲୁ ଯେ, ଜୀବନଧାରଣର ମାନ ପରିବର୍ତ୍ତନ, ଆର୍ଥିକ ଉନ୍ନତି, ଦରିଦ୍ରଙ୍କୁ ମୂଳଚାଲ କରିପାରିବାର ଶକ୍ତିଦେବା, ଅସହାୟ ଅବସ୍ଥାରୁ ମୁକ୍ତ କରି ସୁଖ ଓ ସ୍ୱାଧୀନତାର ଅଧିକାର ଦେବା। ମୋଟାମୋଟି, ଆର୍ଥିକ ଉନ୍ନତି ଥିଲା ଶକ୍ତି ଓ ସ୍ୱାଧୀନତା ଦିଗରେ ପ୍ରଥମ ପାହାଚ। କିନ୍ତୁ କାଳକ୍ରମେ ଶାସକ ଗୋଷ୍ଠୀ ପୁଞ୍ଜିବାଦ ଦ୍ୱାରା ପ୍ରେରିତ ହୋଇ ନୀତି ବଦଳାଇ ଦେଲେ; ଭୂ–ବଣ୍ଟନ ଓ ଲୋକଙ୍କ ସ୍ୱାବଲମ୍ବନ ପରିବର୍ତ୍ତେ କର୍ମ ଯୋଗାଣ ଓ ମାଗଣା ସାମଗ୍ରୀ ବଣ୍ଟନ ଆଡ଼କୁ ମୁହାଁଇଲେ।

ବିଭିନ୍ନ ପ୍ରକଳ୍ପ ନାମରେ ବିନା ସମ୍ମତିରେ ଆଦିବାସୀଙ୍କ ଜମି କମ୍ପାନୀମାନଙ୍କୁ ଦିଆଯାଉଛି ଏବଂ ପ୍ରତ୍ୟେକ ଅଞ୍ଚଳରେ ଲୋକେ ପ୍ରତିବାଦ କରିଆସୁଛନ୍ତି। ଛୋଟ ଚାଷୀ ଓ ଶ୍ରମିକଙ୍କୁ ଜମି ପ୍ରଦାନ କରିବା ପରିବର୍ତ୍ତେ ସେମାନଙ୍କୁ ଜମିରୁ ଉଚ୍ଛେଦ କରିବା ହେଉଛି ବିକାଶର ନୂଆ ସଂଜ୍ଞା!

ଖାଲି ଓଡ଼ିଶା ନୁହେଁ, ସାରା ଭାରତରେ ବିକାଶ ନାମରେ ସରକାରଙ୍କର ଯେଉଁ ଲୋକ ବିରୋଧୀ ଓ ପରିବେଶ ଧ୍ୱଂସକାରୀ ନୀତି କାର୍ଯ୍ୟକାରୀ ହେଉଛି,ଆଗକୁ ତା’ର ପରିଣାମ ଭୟାବହ ମନେହୁଏ। ଛତିଶଗଡ଼ ହସଦେଓ ଅରଣ୍ୟରୁ ଏକ ଲକ୍ଷ ସତୁରି ହଜାର ହେକ୍ଟର ଘନଜଙ୍ଗଲରେ ପ୍ରାୟ ନବେ ହଜାର ଗଛ କଟା ସରିଲାଣି, କୋଇଲା ଖଣି ପ୍ରକଳ୍ପ ଉଦ୍ଦେଶ୍ୟରେ। ନିକୋବର ଦ୍ୱୀପପୁଞ୍ଜର ଶହେ ତିରିଶ ବର୍ଗ କିଲୋମିଟର ପରିମିତ ଆଦିବାସୀଙ୍କ ପାଇଁ ସଂରକ୍ଷିତ ପ୍ରାକୃତିକ ଅରଣ୍ୟ ହସ୍ତାନ୍ତର ହୋଇସାରିଛି ଏକ ବୃହଦାକାର ପ୍ରୋଜେକ୍ଟ ନିର୍ମାଣ ଉଦ୍ଦେଶ୍ୟରେ, ଯେଉଁଥିରେ ଆଠ ଲକ୍ଷ ପଚାଶ ହଜାର ଗଛ କଟାଯିବ ବୋଲି ଜଣାପଡ଼ିଛି। ତାହା ଦ୍ୱାରା ପ୍ରଥମେ କ୍ଷତିଗ୍ରସ୍ତ ହେଉଛନ୍ତି ସେଠାକାର ଅଳ୍ପ ସଂଖ୍ୟକ ମୂଳ ଅଧିବାସୀ ଶୋମ୍ପେନ ଓ ନିକୋବରୀ ଆଦିମ ଜନଜାତି। ଉତ୍ତରାଖଣ୍ଡରେ ମଧ୍ୟ ପରିବେଶ କର୍ମୀମାନେ ‘ଖାଲଗଙ୍ଗା’ ସଂରକ୍ଷିତ ଜଙ୍ଗଲ କଟା ବିରୋଧରେ ପ୍ରତିବାଦ କରୁଛନ୍ତି। କର୍ଣ୍ଣାଟକର ‘ନାଗରହୋଲେ’ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରୁ ଦୀର୍ଘ କାଳ ବିତାଡ଼ିତ ହୋଇ କୃତ୍ରିମ ଜୀବନ ଯାପନ କରୁଥିବା ‘ଜେନୁ କୁରୁବା’ ଜାତିର କେତେକ ପରିବାର ନିକଟରେ ପୁଣି ଥରେ ତାଙ୍କ ମୂଳ ଭିଟାମାଟିକୁ ଫେରିଛନ୍ତି ଏବଂ ପୋଲିସ ଆକ୍ରମଣର ଶିକାର ହେଉଥିବା ଖବର‘ସର୍ଭାଇଭାଲ ଇଣ୍ଟରନ୍ୟାଶନାଲ’ ସୂତ୍ରରୁ ପ୍ରକାଶ। ପୁଣି ସେହି ପ୍ରଶ୍ନ ଉଠୁଛି– ଲୋକଙ୍କ ବିରୋଧ ସତ୍ତ୍ୱେ ଏ ବିକାଶଧାରା କାହିଁକି?

ବିକାଶର ବିଶାଳ ସଡ଼କ ତିଆରି ହେଉଥିବା ବେଳେ ଦୁର୍ଗମ ଗାଆଁଗୁଡ଼ିକରେ ଆମ୍ବୁଲାନ୍ସ ଯାଇ ପାରୁନାହିଁ, ଯେ ରୋଗୀଙ୍କୁ ଖଟିଆରେ ବୁହାହୋଇ ଡାକ୍ତରଖାନା ଆସିବା ପ୍ରତିଦିନର ଖବର। ବଡ଼ ବଡ଼ ସୋଲାର ପ୍ରୋଜେକ୍ଟ ଯୋଜନାର ବିଜ୍ଞାପନ ବାହାରୁଛି, ଅଥଚ ନିକଟରେ ଖବର ଆସିଥିଲା ଯେ ଗଞ୍ଜାମର ସୋରଡା ବ୍ଲକର ଏକୋଇଶଟି ଗ୍ରାମର ଲୋକେ ଡିବିରି ଜାଳୁଛନ୍ତି। କେବଳ ମାଗଣା ବଣ୍ଟନର ହରିହାଟ ଲଗାଇ ବିକାଶ ବିକାଶ ଜପ କରିବା ଏକ ଐତିହାସିକ ଛଳନା ଛଡ଼ା ଅନ୍ୟ କିଛି ନୁହେଁ।

ବାରିପଦା, ମୟୂରଭଞ୍ଜ
ମୋ: ୯୯୩୮୦୦୯୧୮୧

## ଚିରନ୍ତନୀ

ଯୌବନ ତବ ତୋଳି ଧରିଅଛି
ପୂଜାଫୁଲ ସମ ରୂପ
ପୀରତି–ବେଦୀରେ ଜାଳିଦିଅ ସେହି
ସୁବାସିତ ଦେହ–ଧୂପ।
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ବସ୍ ସେବାର ସୁଫଳ

ମହାଶୟ,

ମୁଖ୍ୟମନ୍ତ୍ରୀ ବସ୍‌ସେବା ଯୋଜନାରେ ଯୋଗ୍ୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍‌ସେବା ବ୍ୟବସ୍ଥା କ୍ଷମତାସୀନ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏହା କେବଳ ଓଏସ୍‌ଆର୍‌ଟିସି(ସରକାରୀ) ବସ୍‌ଗୁଡ଼ିକରେ ଉପଲବ୍ଧ ହେବ ବୋଲି ତଥ୍ୟଗତ ସୂଚନାରୁ ଜାଣିବାକୁ ମିଳୁଛି। ପ୍ରାଇଭେଟ୍ ବସ୍ ଓ ଘରୋଇ ମାଲିକ ସଂଘ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ ଏହି ଗାଡ଼ିରେ ଚଢ଼ି ଛାତ୍ରୀଛାତ୍ର ମାଗଣା ବସ୍‌ସେବା ଦାବି ରଖିବା ନିରର୍ଥକ ହୋଇପାରେ। ତେଲଖର୍ଚ୍ଚ ଉଠୁନାହିଁ ବୋଲି ଦର୍ଶାଇ ଘରୋଇ ବସ୍ ମାଲିକ ଓ କର୍ମଚାରୀ କୁମ୍ଭୀର କାନ୍ଦଣାରେ ମାତି ଥିବାରୁ ଗୋଛାଏ ଛାତ୍ରୀଛାତ୍ର ମାଗଣାରେ ବସ୍‌ଭର୍ତ୍ତି ହୋଇଗଲେ ସେମାନଙ୍କ ଭେଳା ମଧ୍ୟ ବୁଡ଼ିଯାଇପାରେ। ଏହି ପ୍ରେକ୍ଷାପଟ୍ଟରେ ସରକାର ଓ ପରିବହନ ବିଭାଗ ପ୍ରାଇଭେଟ୍ ବସ୍ ଲାଗି ଛାତ୍ରୀଛାତ୍ରଙ୍କ ନିମନ୍ତେ ତେଲଖର୍ଚ୍ଚ ଦେବା ନିମନ୍ତେ ଅପ୍ରସ୍ତୁତ କାହିଁକି?

–ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ହୁଇପ୍ ଜାରିକଲା ବିଜେଡି**

# ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ

## ରାୟଗଡ଼ା ପୌର ଉପାଧକ୍ଷାଙ୍କ ବିରୋଧରେ ଅନାସ୍ଥା

ରାୟଗଡ଼ା,୮।୧୦
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ଉପାଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଗୁରୁବାର ଭୋଟ ଦେବାକୁ ପ୍ରଶାସନ ତାରିଖ ଧାର୍ଯ୍ୟ କରିଛି। ତେବେ ଏହି ମାମଲାରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସମସ୍ତ ବିଜେଡି କାଉନସିଲରଙ୍କୁ ହୁଇପ୍ ଜାରି କରିଛନ୍ତି। ଅନାସ୍ଥା ପ୍ରସ୍ତାବ ପାଇଁ ଗୁରୁବାର ହେବାକୁ ଥିବା ଭୋଟିଂରେ ସମସ୍ତେ ଉପସ୍ଥିତ ରହି ପୌର ଉପାଧକ୍ଷାଙ୍କ ବିରୋଧରେ ଭୋଟ ଦେବାକୁ ନୋଟିସ ଜାରି କରିଛନ୍ତି। ଯଦି କୌଣସି କାଉନସିଲର ଏହି ନିର୍ଦ୍ଦେଶ ବିରୋଧରେ ଯାଆନ୍ତି ତେବେ ଓଡ଼ିଶା ମ୍ୟୁନିସିପାଲ ଆମେଣ୍ଡମେଣ୍ଟ ନିୟମାବଳୀ ୨୦୧୮ର ରୁଲ୍ ୪୬(ଖ) ଅନୁଯାୟୀ ଦଳ ପଦକ୍ଷେପ ଗ୍ରହଣ କରିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଏହି ଚିଠିରେ ଜିଲା ସଭାପତି ଜଗନ୍ନାଥ ସାରକାଙ୍କୁ ଦଳର ଏଜେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ଜଗନ୍ନାଥ ଦଳର ଏହି ହୁଇପ୍ ନୋଟିସେ ବୁଧବାର ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶ ଥାଉକି, ଗତ ସେପ୍ଟେମ୍ବରରେ ବିଜେଡି ଜିଲା ସଭାପତି ଘୋଷଣା ହେବା ପରେ ଦଳରେ ଦୀର୍ଘ ବର୍ଷ ଧରି ରହିଥିବା ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଥିଲା। ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ଜିଲା ସଭାପତି ହେବା ପରେ ଦଳର ବରିଷ୍ଠ ନେତା ତଥା ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ସମେତ ବହୁ ସମିତିସଭ୍ୟ, ବରିଷ୍ଠ ନେତା ଓ ବିଜେଡି ସମର୍ଥିତ କାଉନସିଲରମାନେ ଦଳ ଛାଡ଼ିଥିଲେ। ଏ ନେଇ କାଉନସିଲରମାନେ ବିଧିବଦ୍ଧ ଭାବେ ଜିଲା ସଭାପତି ଓ ରାଜ୍ୟ ନେତୃବୃନ୍ଦଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଏହାପରେ ସେପ୍ଟେମ୍ବର ୧୨ରେ ରାୟଗଡ଼ା ପୌର ପରିଷଦର ୧୯ଜଣ କାଉନସିଲର ପୌର ଉପାଧକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଉକ୍ତ ଅନାସ୍ଥା ପ୍ରସ୍ତାବ ଆବେଦନପତ୍ର ବିଚାରକୁ ନେଇ ସେପ୍ଟେମ୍ବର ୧୨ରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଲିଖିତ ପ୍ରସ୍ତାବ ପତ୍ର ଦେଇଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ସେପ୍ଟେମ୍ବର ୨୦ରେ ଉକ୍ତ ୧୯ଜଣ କାଉନସିଲରଙ୍କ ଦସ୍ତଖତ ଯାଞ୍ଚକରି ଉପଜିଲାପାଳ ରମେଶ କୁମାର ଜେନା ଜିଲାପାଳ କୁଲକର୍ଣ୍ଣିଙ୍କୁ ରିପୋର୍ଟ ଦାଖଲ କରିଥିଲେ। ତେବେ ଗୁରୁବାର ଭୋଟିଂ ପରେ ଜଣାପଡ଼ିବ ଅନାସ୍ଥା କାଟ୍ ଖାଇ ବିଜେଡି ସପକ୍ଷରେ ରହୁଛି ନା ବିରୋଧୀ ଗୋଷ୍ଠୀ ହାତରେ ଜିତାପଟ ରହିବ।



ବିଜେଡି ଜିଲା ସଭାପତି ଜଗନ୍ନାଥ ସାରକା ଅନାସ୍ଥା ଭୋଟିଂ ପାଇଁ ଦଳ ଜାରି କରିଥିବା ହୁଇପ୍ ନୋଟିସ ଏବଂ ଅଥରାଇଜେଶନ ଚିଠି ଜିଲାପାଳଙ୍କୁ ପ୍ରଦାନ କରୁଛନ୍ତି।

# କିଟ୍‌କୁ ଫିକି ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର


କେନ୍ଦ୍ର ସଡ଼କ, ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ କିଟ୍ କୁଳପତି ପ୍ରଫେସର ଶରଣଜିତ ସିଂହ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୮।୧୦
(ଅନୁରାଧା ମହାରଣା)

ଉତ୍ତମ ଷ୍ଟୁଡେଣ୍ଟ ସପୋର୍ଟ ସର୍ଭିସ୍ ତଥା ଆର୍ଥିକ ସ୍ଥିରତା ଏବଂ ଛାତ୍ର ପ୍ରବେଶାଧିକାର ଉତ୍କର୍ଷ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟକୁ ପ୍ରତିଷ୍ଠିତ ଏଫ୍‌ଆଇସିସିଆଇ(ଫିକି) ଉଚ୍ଚ ଶିକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଫିକି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ବିଶ୍ୱବିଦ୍ୟାଳୟର ଛାତ୍ର ସମର୍ଥନ, ଆତ୍ମନିର୍ଭରଶୀଳ ଆର୍ଥିକ ମଡେଲ ପ୍ରତି ସେବା, ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତି ଏବଂ ସୁଗମତା ପ୍ରତି ଏହାର ଗଭୀର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଥିବା କିଟ୍ ପକ୍ଷରୁ କୁହାଯାଇଛି। ପ୍ରଫେସର ସିଂହ କହିଲେ, କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା କିଟ୍ ପାଇଁ ଅତ୍ୟନ୍ତ ଗୌରବର ବିଷୟ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଭିତ୍ତିଭୂମି ଏବଂ କିଟ୍‌ର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସାମୂହିକ ଉତ୍ସର୍ଗୀକୃତ ପ୍ରୟାସର ସ୍ୱୀକୃତି ବୋଲି ସେ କହିଥିଲେ।

# ମାଓବାଦୀ ନେତା ମାଣ୍ଡା ରୁବେନ୍‌ଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୧୦
(ଦୁର୍ଯ୍ୟୋଧନ ପାତ୍ର)

ମାଓବାଦୀ ସଙ୍ଗଠନକୁ ପୁଣି ଏକ ଶକ୍ତ ଧକ୍କା ଲାଗିଛି। ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନା ୱାରାଙ୍ଗଲ ପୋଲିସ କମିଶନରଙ୍କ ଉପସ୍ଥିତିରେ ଜଣେ ମାଓବାଦୀ ନେତା ମାଣ୍ଡା ରୁବେନ୍ ଓରଫ ମଙ୍ଗନ୍ନା ବୁଧବାର ଆତ୍ମସମର୍ପଣ କରିଛନ୍ତି। ମାଣ୍ଡା ଦକ୍ଷିଣ ବସ୍ତର ମାଓବାଦୀ ଡିଭିଜନ କମିଟିର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ସେ ଦୀର୍ଘ ୪୪ ବର୍ଷ ଧରି ମାଓବାଦୀ ସଙ୍ଗଠନରେ ସକ୍ରିୟ ନେତା ଭାବେ କାର୍ଯ୍ୟ କରି ଆସୁଥିଲେ। ଛତିଶଗଡ଼, ଆନ୍ଧ୍ର, ଓଡ଼ିଶା ଓ ତେଲଙ୍ଗାନାର ବହୁ ବଡ଼ ବଡ଼ ମାଓବାଦୀ ହିଂସାକାଣ୍ଡରେ ସେ ଜଡ଼ିତ ଥିଲେ।

ପ୍ରକାଶଥାଉ କି ଗତବର୍ଷ ଛତିଶଗଡ଼ ପୋଲିସ ମାଣ୍ଡା ରୁବେନ୍‌ଙ୍କୁ ଗିରଫକରି ଜଗଦଲପୁର ଜେଲରେ ରଖିଥିବା ବେଳେ ସେ କିଛିଦିନ ପରେ ସେଠାରୁ ଫେରାର ହୋଇଯାଇଥିଲେ। ସରକାରଙ୍କ ତରଫରୁ ତାଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶିମଧ ଘୋଷଣା କରାଯାଇଥିଲା। ସରକାରଙ୍କ ପକ୍ଷରୁ ଆତ୍ମସମର୍ପଣକାରୀଙ୍କୁ ଥଇଥାନ ବ୍ୟବସ୍ଥା, ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ସେ ତାଙ୍କ ପରିବାର ସହ ସମାଜର ମୁଖ୍ୟସ୍ରୋତରେ ସାମିଲହୋଇ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ରୁବେନ୍ କହିଛନ୍ତି। ତେଲଙ୍ଗାନା ପୋଲିସ ପକ୍ଷରୁ ରୁବେନ୍‌ଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।


ଆତ୍ମସମର୍ପଣ କରିଥିବା ମାଓବାଦୀ ମାଣ୍ଡା ରୁବେନ୍।

# ବିଜେଡି ଘୋଷଣାକଲା ୧୧ ଜଣିଆ ପଦାଧିକାରୀ ଟିମ୍

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

- ଜଣେ ଉପସଭାପତି, ୨ ବରିଷ୍ଠ ସାଧାରଣ ସମ୍ପାଦକ ରହିଲେ
- ୫ ସାଧାରଣ ସମ୍ପାଦକ, ୩ ସମ୍ପାଦକଙ୍କୁ ନିଯୁକ୍ତିକଲା ଦଳ

ବିଜେଡି ପକ୍ଷରୁ ରାଜ୍ୟ ପଦାଧିକାରୀ ଟିମ୍ ଘୋଷଣା କରାଯାଇଛି। ଏଥିରେ ଜଣେ ଉପସଭାପତି, ୨ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୫ ଜଣ ସାଧାରଣ ସମ୍ପାଦକ ଏବଂ ୩ ଜଣ ସମ୍ପାଦକଙ୍କୁ ମିଶାଇ ମୋଟ୍ ୧୧ ଜଣ ନେତାଙ୍କୁ ନିଯୁକ୍ତି ମିଳିଛି। ବରିଷ୍ଠ ନେତା ଚିରଞ୍ଜୀବୀ ବିଶ୍ୱାଳଙ୍କୁ ଉପସଭାପତି, ପୁଷ୍ପେନ୍ଦ୍ର ସିଂଦେଓ ଏବଂ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ, ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାଏ, ସୁଧୀର ଦାସ ଏବଂ ମନୋଜ ମିଶ୍ରଙ୍କୁ ସାଧାରଣ ସମ୍ପାଦକ, ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ ଏବଂ ରାଜୁ ଘିବାଲାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏହି ଟିମ୍ ବୁଧବାର ଦଳ ପକ୍ଷରୁ ପ୍ରକାଶ ପାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

## ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

କୁତ୍ରା,୮।୧୦(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ କଟଙ୍ଗ ଚୌକିଦାରପଡ଼ା ଅଞ୍ଚଳରେ ବୁଧବାର ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଧରାଅଡ଼ା ଗ୍ରାମର ଲେଉନାଡ଼ ଡୁଙ୍ଗ୍‌ଡୁଙ୍ଗ(୬୮)। ସୂଚନା ଅନୁଯାୟୀ, ଲେଉନାଡ଼ ସକାଳ ପ୍ରାୟ ୮ଟାରେ ଚାଲି ଚାଲି ନିଜ ଗ୍ରାମରୁ କଟଙ୍ଗ ଗ୍ରାମକୁ ଯାଉଥିଲେ। ଚୌକିଦାରପଡ଼ା ଜଙ୍ଗଲ ମଧ୍ୟରେ ଯିବା ସମୟରେ ହଠାତ୍ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ ଜଙ୍ଗଲ ବିଭାଗ ଓ ପ୍ରଶାସନ ସହାୟତା କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ଭାଲୁର ମୃତଦେହ ଠାବ



ହରଭଙ୍ଗା, ୮।୧୦
(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍‌ର ପଲସାକୁରୁଣୀ ଗ୍ରାମ ନିକଟ ଜଙ୍ଗଲରେ ଏକ ଭାଲୁର ମୃତଦେହ ବୁଧବାର ଅପରାହ୍ନରେ ଠାବ ହୋଇଛି। ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିବାବେଳେ ଭାଲୁର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗାଁ ଲୋକେ ସଙ୍ଗେ ସଙ୍ଗେ ପୁରୁଣାକଟକ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁର ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ପୁରୁଣାକଟକ ରେଞ୍ଜର ଜୟନ୍ତ କୁମାର ଦାସ କହିଛନ୍ତି, ଭାଲୁର ମୃତଦେହ ଗୁରୁବାର ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିଲା ପରେ ମୃତର କାରଣ ଜଣାପଡିବ।

# ରବୀନ୍ଦ୍ରନାଥ ଟାଗୋରଙ୍କ 'ପାଥେର ପୁରୀ' ଘର ସଂଗ୍ରହାଳୟ ହେବ

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବୈଠକରେ ୬ ନିଷ୍ପତ୍ତି

ଭୁବନେଶ୍ୱର, ୮।୧୦
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୁରୀସ୍ଥିତ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ। ସେହିପରି ନଭେମ୍ବର ୫ରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଓ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ 'ଥିମ୍ ପାଭିଲିଅନ୍' ନିର୍ମାଣ କରାଯିବ। ସେହିଭଳି ଇଣ୍ଡୋନେସିଆକୁ ସହଭାଗୀ ଦେଶ ହିସାବରେ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ। ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରକୁ ସେମାନଙ୍କ ସାଂସ୍କୃତିକ ଦଳ ପଠାଇବାକୁ ମଧ୍ୟ ଅନୁରୋଧ କରାଯିବ। ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାକୁ ସହାୟତା ପ୍ରଦାନ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ପାଇଁ ସଂସ୍କୃତି ବିଭାଗ ତରଫରୁ ଆର୍ଥିକ ସହାୟତା ରାଶି ଯୋଗାଇଦିଆଯିବ। ସଂସ୍କୃତି ବିଭାଗ ଅଧୀନ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୂତି କାନୁନ୍‌ଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଶୀଘ୍ର ପୂରଣ କରାଯିବ। କେନ୍ଦ୍ରାପଡ଼ା ଜିଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ନେବ। ଏଥିସହ ଭୁବନେଶ୍ୱର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦିଆଯାଇଛି।

# ଆଖିକୁ ଭଲପାଅ

**ଆଜି ବିଶ୍ୱ ଦୃଷ୍ଟି ଦିବସ**

ଅକ୍ଟୋବର ମାସର ଦ୍ୱିତୀୟ ଗୁରୁବାରରେ ପାଳିତ ହୋଇଆସୁଛି ବିଶ୍ୱ ଦୃଷ୍ଟି ଦିବସ। ଦୃଷ୍ଟି ଏବଂ ଚକ୍ଷୁ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ସମ୍ପର୍କିତ ଜନସଚେତନତା ଏହି ଦିବସର ଅସଲ ଉଦ୍ଦେଶ୍ୟ। ୨୦୦୦ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଅନ୍ତର୍ଜାତୀୟ ଅନ୍ଧତ୍ୱ ନିବାରଣ ଏଜେନ୍ସି (ଆଇଏପିବି) ପକ୍ଷରୁ ପ୍ରଥମ ଥର ଲାଗି ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଥିଲା। ସୂଚନାଯୋଗ୍ୟ ୧୯୮୮ରେ ଲାୟନ୍ସ କ୍ଲବସ ଇଣ୍ଟରନାଶନାଲ ଫାଉଣ୍ଡେଶନ 'ପ୍ରଥମେ ଦୃଷ୍ଟି' ନାମରେ ଅଭିଯାନ ଆରମ୍ଭ କରିଥିଲା। ତେବେ ୧୯୯୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭିଜନ ୨୦୨୦ ପଦକ୍ଷେପ ଅଧୀନରେ ବିଶ୍ୱ ଦୃଷ୍ଟି ଦିବସକୁ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠା କରିବା ପାଇଁ ଅନ୍ତର୍ଜାତୀୟ ଅନ୍ଧତ୍ୱ ନିବାରଣ ଏଜେନ୍ସି ସହିତ ସହଭାଗିତା କରିଥିଲା। ତେବେ ଚଳିତ ବର୍ଷ ଉକ୍ତ ଦିବସ ଲାଗି ବିଷୟବସ୍ତୁ ରହିଛି 'ଆଖିକୁ ଭଲପାଅ'। ଏହି ବିଷୟବସ୍ତୁ ଲୋକଙ୍କୁ ସେମାନଙ୍କର ଦୃଷ୍ଟିକୁ ପ୍ରାଥମିକତା ଦେବାକୁ ଉତ୍ସାହିତ କରୁଥିବାବେଳେ ଚକ୍ଷୁ ସ୍ୱାସ୍ଥ୍ୟରେ ନିବେଶ କରିବାକୁ ସମର୍ଥନ କରେ।



**HDFC BANK** We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 15-October-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75131967 | TULSI MANOJ KAR | 81000 | HDFC BANK LTD, GROUND FLOOR, OPP. BHARAT PETROL PUMP, AT- DHANUPALI, DIST. SAMBALPUR-768005 |
| 2 | 75860071 | PRIYADARSHINI MOHANTY | 659000 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 3 | 75061821 | BANDITA PATNAIK | 527387 | |
| 4 | 75955981 | PRADIPTA RAY | 176900 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 5 | 75185603 | MDQUMAR RAZA KHAN | 101400 | |
| 6 | 75501191 | RANAJIT RAUL | 38400 | |
| 7 | 74684989 | RADHASHYAM PATRA | 57700 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 8 | 75706569 | ANSUMAN MAITY | 46500 | |
| 9 | 74752638 | PRASANT KUMAR NAYK | 26920 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 10 | 74814484 | NIRANJANA SWAIN | 45000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 11 | 465336780 | SUSHREE SANGEETA DAS | 75000 | HDFC BANK LTD, BURLA I.G. MARKET, PLOT NO. 17, NEAR SHYAM SWEETS, BURLA, SAMBALPUR, ODISHA - 768017 |
| 12 | 75819943 | PRADIP GURIA | 27600 | |
| 13 | 75975879 | SIMAN KUMAR DIGAL | 112000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 14 | 75937896 | SIMAN KUMAR DIGAL | 88400 | |
| 15 | 75424768 | SANGRAM KISHOR MOHANTY | 25800 | |
| 16 | 76025566 | RAJAUDDIN KHAN | 407800 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 17 | 75486450 | TUSHAR LENKA | 320400 | |
| 18 | 75231173 | MANORANJAN MOHARANA | 305700 | |
| 19 | 75423140 | SK AZHAR UDDIN | 281100 | |
| 20 | 75629450 | RAJKISHORE PARIDA | 178800 | |
| 21 | 75218668 | RAJKISHORE PARIDA | 177400 | |
| 22 | 75959187 | SURYAKANTA DAS | 156800 | |
| 23 | 75389211 | RAJKISHORE PARIDA | 129000 | |
| 24 | 75073691 | RASHMI REKHA SAHOO | 113500 | |
| 25 | 75448638 | RAJKISHORE PARIDA | 108800 | |
| 26 | 75797980 | RAKESH KUMAR DAS | 21000 | |
| 27 | 74355548 | SHANTANU BUDA | 51000 | HDFC BANK LTD, DURGA COMPLEX, JHARSUGUDA-768201 |
| 28 | 463028699 | BIPIN KUMAR SINGH | 153300 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 29 | 74238479 | MOHAMMED PERWAIZ ANWAR | 43894 | |
| 30 | 4000474770 | UTTAM KUMAR TRIPATHY | 282000 | HDFC BANK LTD, F M CIRCLE, BALASORE-756001 |
| 31 | 73634513 | PIYUSH RANJAN NAYAK | 109874 | |
| 32 | 4000598399 | RAJESH KUMAR PANDA | 79800 | |
| 33 | 75237763 | KARIM KHAN | 23000 | |
| 34 | 73628634 | KARIM KHAN | 14500 | |
| 35 | 75111985 | LITU MUDULI | 29000 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 36 | 465496318 | RAJESH KUMAR BALIARSINGH | 299900 | HDFC BANK LTD, GRD FLOOR, MAIN ROAD, NEAR RELIANCE TRENDS, UMARKOTE, NABARANGAPUR, ODISHA - 764073 |
| 37 | 74832401 | PINKY DALAI | 1152000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 38 | 75358011 | ANJANA PANDA | 31400 | HDFC BANK LTD, GROUND FLOOR, KINGSTON BUSINESS PARK SHOP NO-1, MANGULI CHOWK, CHOUDWAR, NELIA, TANGI, DIST:CUTTACK - 754025 |
| 39 | 75784183 | S SUKANTI REDDY | 392000 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 40 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 41 | 75515537 | BHARATI BEHERA | 503200 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 42 | 75208442 | KAMAKSHYA PRASAD SAHU | 470000 | |
| 43 | 76010056 | RAMCHANDRA JENA | 377000 | |
| 44 | 75474986 | PRASANTA KUMAR PRADHAN | 201000 | |
| 45 | 75391107 | MANJULA SAHU | 130000 | |
| 46 | 75396898 | MANJULA SAHU | 80500 | |
| 47 | 75514196 | SAMIR PALAI | 1583000 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 48 | 76059896 | SARTHAKA KUMAR PATI | 337000 | |
| 49 | 76059788 | SARTHAKA KUMAR PATI | 333400 | |
| 50 | 76058667 | SARTHAKA KUMAR PATI | 311300 | |
| 51 | 75746252 | SUJIT KUMAR SWAIN | 220000 | |
| 52 | 74677143 | SUDHIR KUMAR NAYAK | 12000 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 53 | 4000628673 | MAHAMMAD ANAWAR KHAN | 1468000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 54 | 75821698 | RANJITA KHOSHLA | 103000 | |
| 55 | 4000501432 | TUNA HARIJAN | 80400 | |
| 56 | 75564879 | RAJALAXMI SAHOO | 109500 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 57 | 75544198 | NARAYAN SWAIN | 73300 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 58 | 75461399 | KAILASH SUANSIA | 18400 | |
| 59 | 75469378 | MAMATA BEHERA | 16000 | |
| 60 | 75735824 | BABITA BISHOYI | 670800 | |
| 61 | 75867154 | MOHAMMED RIZWAN | 152600 | HDFC BANK LTD, MAHIPAL, KENDRAPARA-754211 |
| 62 | 74047045 | KALANDI CHANDRA PARIDA | 19200 | |
| 63 | 76023477 | SUMANTA DASH | 196000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 64 | 75282097 | P ANITA PATRA | 23400 | |
| 65 | 75821989 | SARBESWAR BHUNYA | 350000 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 66 | 75823429 | SARBESWAR BHUNYA | 349000 | |
| 67 | 75136810 | DIPTI RANJAN SETHI | 143000 | |
| 68 | 75154237 | ASHOK SETHI | 121000 | |
| 69 | 75293259 | S RENUKA | 436900 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 70 | 75624856 | S RENUKA | 338000 | |
| 71 | 75304647 | MAHESWAR MUDULI | 180581 | |
| 72 | 75564672 | KALUCHARANA BEHERA | 121000 | |
| 73 | 75457365 | ANSHUMAN SAMANTARAY | 36000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 74 | 75847632 | CHANDAN KUMAR MALLIK | 503000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 75 | 4000507233 | DEBADAS BHAKTA | 124000 | |
| 76 | 74674253 | TAPAN RANA | 29900 | |
| 77 | 75818261 | SOUDAMINI DILA | 54000 | HDFC BANK LTD, MISSION ROAD, SUNDARGARH-770001 |
| 78 | 75761829 | SUSANTA KUMAR DASH | 987200 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 79 | 75419732 | PRABIN KUMAR KHOSLA | 191420 | |
| 80 | 75275127 | PRASHODINI NAIK | 189400 | |
| 81 | 75273675 | PRASHODINI NAIK | 118400 | |
| 82 | 75903275 | PRASANT KUMAR NAYAK | 76000 | |
| 83 | 74340649 | SRIKANTA KUMAR RANA | 71700 | |
| 84 | 74453520 | SRIKANTA KUMAR RANA | 66500 | |
| 85 | 75822409 | RANJAN KUMAR JANI | 58200 | |
| 86 | 75666014 | ABINASH MAHAPATRA | 451500 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 87 | 76016534 | SAMONATH GOUDA | 90000 | |
| 88 | 76005400 | SAMONATH GOUDA | 71000 | |
| 89 | 74757626 | PRABIN KUMAR KHOSLA | 38500 | |
| 90 | 75591862 | BIJAYA KUMAR DAS | 71000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 91 | 75079251 | SANTOSH BISOYI | 19600 | HDFC BANK LTD, OPPOSITE TOWN POLICE STATION, PURI-752001 |
| 92 | 73604325 | SARASWATI SAHU | 131824 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 93 | 75730640 | PRIYABRATA PALAI | 958000 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 94 | 74835722 | AJAY KUMAR SWAIN | 536000 | |
| 95 | 76054836 | PRIYABRATA PALAI | 301500 | |
| 96 | 75899719 | SURYAKANTA PRADHAN | 226000 | |
| 97 | 75712411 | BHRAMAR GHADEI | 138000 | |
| 98 | 75723309 | JAMUNA REDDY | 100400 | |
| 99 | 75038852 | RAKESH KUMAR PATI | 85700 | |
| 100 | 75860929 | NARAYAN SAMAL | 71000 | |
| 101 | 75362552 | HATA KISHOR SAHU | 47200 | |
| 102 | 4000289905 | BADAL KUMAR ROUT | 192800 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 103 | 75450792 | TRILOCHANA PRADHAN | 46400 | |
| 104 | 75653304 | SUKANT KUMAR MAHAPATRA | 32000 | |
| 105 | 75879255 | SIBARAM PANDA | 640100 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 106 | 75554529 | AMARENDRA SETHY | 47900 | |
| 107 | 75193362 | GYANARANJAN PARIDA | 553600 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 108 | 75784869 | RASMITA MOHAPATRA | 231000 | |
| 109 | 75819537 | BIBHU RANJAN BEHERA | 137000 | |
| 110 | 4000511311 | UMESH CHANDRA PANDA | 62700 | |
| 111 | 75584785 | BIDYADHARA MOHARANA | 66000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 112 | 75402267 | BADI KANHEYA | 563000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 113 | 75103405 | FAKIR MOHAN BEHERA | 40000 | |
| 114 | 75793575 | BINAPANI NAIK | 33000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 115 | 75882315 | AMARENDRA DALEI | 169400 | HDFC BANK LTD, PLOT NO-N5/537, IRC VILLAGE, NAYAPALLI, BHUBANESWAR-751015 |
| 116 | 75536525 | GANESH CHANDRA PRADHAN | 83000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 117 | 75173964 | DEEPTI RANJAN DAS | 53500 | |
| 118 | 75286846 | DEEPTI RANJAN DAS | 50400 | |
| 119 | 75821093 | ANUTAP SAHU | 45600 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 120 | 74652160 | JITENDRA KUMAR JENA | 99900 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 121 | 75163406 | AJIT KUMAR SAHOO | 69100 | |
| 122 | 75607109 | SULTAN SAIFULLAH KHAN | 79500 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 123 | 75911905 | YOGESH JOSHI | 504600 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 124 | 75492639 | TAHER KHAN | 76400 | |
| 125 | 75131480 | TAHER KHAN | 50000 | |
| 126 | 74831104 | K ASHISH | 500000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 127 | 76001978 | JYOTI PARIDA | 400000 | |
| 128 | 76024953 | SANTOSH KUMAR HOTA | 373000 | |
| 129 | 75535787 | AMARA DHALA | 59600 | HDFC BANK LTD, SHANKAR CINEMA ROAD, ANGUL, ODISHA - 759122 |
| 130 | 75679384 | SABYASACHI JENA | 74800 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 131 | 75779717 | PRADEEPTA DAS | 52000 | HDFC BANK LTD, VIP PLAZA, VIP ROAD, PURI-752001 |
| 132 | 75820900 | SUDHAKAR SAHOO | 36000 | |
| 133 | 75784058 | ALOK RANJAN BISWAL | 68457 | HDFC BANK LTD, WARD NO- 08, BADABAZAR, DEULASAHI, BARIPADA, MAYURBHANJ-757001 |
| 134 | 75558022 | AMIN MOHAMMAD | 181900 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 135 | 75426583 | RANAJIT SUNA | 100000 | |
| 136 | 75982511 | KALYANI DASH | 1010000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 09/10/2025,
Place : ODISHA

Sd/- Authorized Officer,
HDFC BANK LTD.

## ବଡ଼ଭାଇ ଆକ୍ରମଣରେ ସାନ ଗୁରୁତର

ବାସୁଦେବପୁର,୮।୧୦(କାଳିପଦ ରାୟ)

ବାସୁଦେବପୁର ବ୍ଲକସ୍ଥ ଅଧୀନ ଲକ୍ଷ୍ମୀଦାସପୁର ଗ୍ରାମରେ ବଡ଼ଭାଇ ଆକ୍ରମଣରେ ସାନ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ଭାସ୍କର ନାୟକଙ୍କ ବଡ଼ପୁଅ ରାଜେଶ ଓ ସାନପୁଅ ଗୁକୁନା(୩୨)ଙ୍କ ମଧ୍ୟରେ ଲକ୍ଷ୍ମୀଦାସପୁର ବଜାରରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ବଜାରରେ ଉପସ୍ଥିତ ଥିବା ଭଉଣୀ ସେମାନଙ୍କୁ ବୁଝାଇ ଘରକୁ ପଠାଇ ଦେଇଥିଲେ। ଗୁକୁନା ଘର ଫାଟକ ପାଖରେ ପହଞ୍ଚିବା ପରେ ରାଜେଶ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ନାୟକାଣିଡିହୀ ଥାନାରେ ଏକ ମାମଲା (ନଂ.୨୫୧/୨୫) ରୁଜୁ ହୋଇଛି। ବୁଧବାର ସକାଳେ ଘଟଣାସ୍ଥଳରେ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, ଏଏସ୍ଆଇ ଅନୀଲ ସେଠୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ପିସି ବନ୍ଦ ପାଇଁ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ

### ବାସୁଦେବପୁର ବ୍ଲକ୍

### ଉନ୍ନୟନମୂଳକ କାର୍ଯ୍ୟର ମାନ ଠିକ୍ ନ ରଖିଲେ ନିଆଯିବ ଦୃଢ଼ ପଦକ୍ଷେପ

ବାସୁଦେବପୁର,୮।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଦିନକୁ ଦିନ ପିସି କାରବାର ବୃଦ୍ଧି ପାଉଛି। ଏଥିଯୋଗୁ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କାର୍ଯ୍ୟର ମାନ ଠିକ୍ ରହୁ ନ ଥିବା ବିଭିନ୍ନ ଘଟଣା ବ୍ଲକ ଅଧ୍ୟକ୍ଷଙ୍କ ନଜରକୁ ଆସିବା ପରେ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବୁଧବାର ଅପରାହ୍ନ ୨ଟାରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବ୍ଲକ ପରିସରରେ ଥିବା ତାଙ୍କ ସରକାରୀ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ବିଡିଓ ତନ୍ମିତା କରଙ୍କୁ ଭେଟି ବ୍ଲକରେ ପିସି କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି। ବ୍ଲକରେ


ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ।

ଅଧ୍ୟକ୍ଷ ବିଭାଗୀୟ ମୁଖ୍ୟ ହୋଇଥିବାରୁ ସମସ୍ତ ବିଭାଗର ଫାଇଲ ପତ୍ର ଯାଞ୍ଚ ଲାଗି ତାଙ୍କ ନିକଟକୁ ପଠାଇବା ପାଇଁ ସେ ବିଡିଓଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଏତଦ୍‌ଭିନ୍ନ ପଞ୍ଚାୟତ ସମିତିର ଧାରା ଓ ଆଇନ ଅନୁସାରେ କାର୍ଯ୍ୟ କରିବାକୁ ଚିଠି ନଂ. ୨୯୭୩/୮।୧୦।୨୫ ରିଖ ବଳରେ ବିଡିଓଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ଏଇଇ ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଯେ କୌଣସି ଫାଇଲକୁ ସେ ସରକାରୀ ନିୟମ ଅନୁସାରେ ୧୫ ଦିନ ନିଜ ପାଖରେ ରଖି ଏହାର ଯାଞ୍ଚ ଓ କ୍ଷେତ୍ରୀୟ ତଦନ୍ତ କରିପାରିବେ ବୋଲି ସମ୍ମିଳନୀରେ ମତ ରଖିଛନ୍ତି। ପ୍ରକାଶଯୋଗ୍ୟ ସେପ୍ଟେମ୍ବର୧୯ ତାରିଖରେ ରାଜ୍ୟ ସରକାରଙ୍କ ନିଷ୍ପତି ମୁତାବକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଲ୍ କରାଇବା ପାଇଁ ବିଡିଓଙ୍କ ପରିସରଭୁକ୍ତ ଥିବା ବେଳେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଲ୍ ପାଇଁ ବ୍ଲକ ଅଧ୍ୟକ୍ଷଙ୍କ ପରିସରଭୁକ୍ତ ରଖାଯାଇଛି। ଏହିକ୍ରମେ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କ୍ଷେତ୍ରୀୟ ତଦନ୍ତ ଓ ଫାଇଲ ଯାଞ୍ଚ ବ୍ଲକ ଅଧ୍ୟକ୍ଷଙ୍କ ପରିସରଭୁକ୍ତ ବୋଲି ସେ କହିଛନ୍ତି। ବ୍ଲକରେ ଯଦି କେହି ବ୍ୟକ୍ତି, ସରକାରୀ କର୍ମଚାରୀ, ଅଧିକାରୀ ଲାଞ୍ଚ ଦେବାନେବା କାରବାର କିମ୍ବା ପିସି କାରବାରରେ ସମ୍ପୃକ୍ତ ରହନ୍ତି ତାଙ୍କ ନଜରକୁ ଆଣନ୍ତୁ ନତୁବା ସରକାରୀ ଫୋରମରେ ଅଭିଯୋଗ କରିବାକୁ ସେ କହିଥିଲେ। ଏହାଦ୍ୱାରା ବ୍ଲକର ଗୌରବ ବଢ଼ିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି।

## 'ଡ. ନରହରି ବେହେରାଙ୍କ ସୃଷ୍ଟି ଚିର ଅମର'



ନରହରି ବେହେରା ଟ୍ରଷ୍ଟର ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥି।

### ଟ୍ରଷ୍ଟର ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା ସମାରୋହ

ଭଦ୍ରକ,୮।୧୦(ରବିନାରାୟଣ ଖିଲାର)

କାଳର କରାଳ ଚକ୍ରରେ ସାରସ୍ୱତ ସାଧକଙ୍କ ମରଶରୀର ବିଲୀନ ହୋଇଗଲେ ବି ତାଙ୍କ ସୃଷ୍ଟି, ରଚନା, କୀର୍ତ୍ତି ଓ ଯଶ କାଳଜୟୀ ହୋଇ ରହେ। ସ୍ୱର୍ଗତ ଡ. ନରହରି ବେହେରାଙ୍କ ସାରସ୍ୱତ ପ୍ରତିଭା, ଗବେଷଣା, ସୃଷ୍ଟି ଓ ରଚନା ଚିର ଅମର। ରବିବାର ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଡ. ନରହରି ବେହେରା ଟ୍ରଷ୍ଟର ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ସାମ୍ବାଦିକ ଦୋଳଗୋବିନ୍ଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ସାହିତ୍ୟିକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଲେଇ, ଡ. ପ୍ରମୋଦ କୁମାର ନାୟକ, ସାହିତ୍ୟିକ ଗଗନ ବିହାରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାହିତ୍ୟିକ ଅଭୟ ସୂତାର ସଭାପତିତ୍ୱ କରିଥିବା ବେଳେ ଟ୍ରଷ୍ଟ ସମ୍ପାଦକ ଅଧ୍ୟକ୍ଷ ନୀହାର ରଞ୍ଜନ କର ସଭା ସଂଯୋଜନା କରିଥିଲେ। ଆବାହକ ଦେବଦତ୍ତ ବେଦାନ୍ତ, ଖବରଦାତା ତପନ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଏସ୍ଏସ୍‌ରେ ସଫଳତା ପାଇଁ ମିର୍ଜା ଫୈଜଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୮।୧୦(ସନାତନ ରାଉତ)

ଓଏସ୍ଏସ୍-୨୦୨୩ ପରୀକ୍ଷାରେ ଚତୁର୍ଥ ସ୍ଥାନରେ ସଫଳତା ଅର୍ଜନ କରିଥିବା ଭଦ୍ରକ ପୁରୁଣାବଜାରସ୍ଥିତ ଶଙ୍କରପୁର (ମିର୍ଜାପଟ୍ଟି) ଗ୍ରାମର ଆମିନ ଜାୱେଦ ଇକବାଲ(ବବି) ଓ ସିତାରା ଖାତୁନଙ୍କ ବଡ଼ପୁଅ ମିର୍ଜା ଫୈଜ ଅହମ୍ମଦ କାଦ୍ରୀଙ୍କୁ ଭଦ୍ରକ ମୁସଲିମ ଜମାତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପୁରୁଣାବଜାରସ୍ଥିତ ମଦିନା ମଇଦାନଠାରେ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦଙ୍କ ସହଯୋଗ ଏବଂ ବିଶିଷ୍ଟ କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଦିଲୀପ ରାଉତରାଏ, ବରେଣ୍ୟ ଅତିଥି ଭାବେ ଏସ୍‌ପି ମନୋଜ ରାଉତ, ମୁସଲିମ ଜମାତର ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ଜମିଲ ଅଖତର ଖାନ, ଇଂ. ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାନ, ଅସରଫ୍ ଅଲ୍ଲି ଖାନ, ମିର୍ଜା ଏକ୍ରାମ ବେଗ୍, ଶେଖ ଅବୁକଲାମ ପ୍ରମୁଖ ଯୋଗଦେଇ ଫୈଜ ଅହମ୍ମଦଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ ନାୟକ, ପ୍ରାଧ୍ୟାପକ ନାସିର ବକ୍ସ, ସୁଧାକର ରାଉତ, ଅବସରପ୍ରାପ୍ତ ବିଚାରପତି ନୌସାଦ ଅଲି ଖାନ, ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କ ପିତାମାତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଫୈଜ ତାଙ୍କ ବକ୍ତବ୍ୟରେ କହିଥିଲେ ବହୁ ଚେଷ୍ଟା କରି ଏହି ସଫଳତା ମିଳିଛି। ଯେଉଁ ଚାକିରୀ ମିଳିବ ସେହି ବିଭାଗରେ ମଣିଷ ପଣିଆ ରୂପେ କାର୍ଯ୍ୟ କରିବି ଓ ଆଗ୍ରହର ସହ ତୁଲାଇବି ବୋଲି କହିଛନ୍ତି। ସେ ଏବେ ନୂଆଦିଲ୍ଲୀ ସ୍ଥିତ ଜାମିଆ ଇସଲାମିଆ ବିଶ୍ୱ ବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଜି କରୁଛନ୍ତି। ସଭାରେ ଜମାତର ବରିଷ୍ଠ କର୍ମକର୍ତ୍ତା ଏସ୍ଏମ୍ ଫାରୁକ, ହାଜି କାଶିମ ଖାଁ, ହାଜି ହିଫଜୁର ରହେମାନ, ହାଜି କୟୁମ ଅଲି, ହାଜି ସଇଦ ସାହା, ଖବରଦାତା ଓ ମିଡିଆ ସେଲର ସଂଯୋଜକ ଶେଖ ଅନୱର (ବାବୁ) ଓ ସମସ୍ତ ବସ୍ତିର ସରଦାର ଛାତ୍ରୀଛାତ୍ର ଓ ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ଥିଲେ।


ମିର୍ଜା ଫୈଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଭଦ୍ରକ ଓକିଲ ସଂଘର ବିକ୍ଷୋଭ


ବିକ୍ଷୋଭ ସମାବେଶରେ ଉପସ୍ଥିତ ଆଇନଜୀବୀମାନେ।

ଭଦ୍ରକ,୮।୧୦(ରବିନାରାୟଣ ଖିଲାର/ସନାତନ ରାଉତ)

ବ୍ରହ୍ମପୁର କୋର୍ଟରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା, ତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ଓ ଆଇନଜୀବୀଙ୍କ ସୁରକ୍ଷା ଦାବିରେ ଭଦ୍ରକ ଓକିଲ ସଂଘ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ବିକ୍ଷୋଭ ଓ ପ୍ରତିବାଦ ସଭା ଭଦ୍ରକ ଜିଲା ନ୍ୟାୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ବାର୍ କାଉନସିଲ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଭଦ୍ରକ ଓକିଲ ସଂଘ କଲମ ଛାଡ଼ କରିଛି। ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ଓ ଭଦ୍ରକ ଓକିଲ ସଂଘର ବରିଷ୍ଠ ସଭ୍ୟ ବିଜୟ ଜେନାଙ୍କ ସ୍ମୃତିରେ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଭଦ୍ରକ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭ ସମାବେଶରେ ଓକିଲ ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟ, ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ଉପସଭାପତି ଅଶୋକ କୁମାର ନାୟକ, ସହ ସମ୍ପାଦକ ନିକୁଞ୍ଜ କୃଷ୍ଣ ପୂହାଣ, କୋଷାଧ୍ୟକ୍ଷ ସୁରେନ୍ଦ୍ର କର, ଓକିଲ ସଂଘ ପୂର୍ବତନ ସମ୍ପାଦକ ଦିବ୍ୟସିଂହ ନାୟକ, ଓଡ଼ିଶା ରାଜ୍ୟ ବାର୍ କାଉନସିଲର ପୂର୍ବତନ ସଭ୍ୟ ପବନ କୁମାର ଶର୍ମା, ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ, ବିଜନ ଯେନା, ପ୍ରଫୁଲ୍ଲ ସାମଲ, ଅଗଣି ଚରଣ ଜେନା, ବିନୟ ସ୍ୱାଇଁ, ଯୁବ ଆଇନଜୀବୀ ବିକାଶ ନାଥ, ବିନୋଦ ସାହୁ, ଉଜ୍ଜ୍ୱଳ ଯେନା, ସୁକାନ୍ତ ସେଠୀ, ପ୍ରତାପ ସେଠୀ, ସଞ୍ଜୟ ମାଝି, ବସନ୍ତ ମହାନ୍ତି, ମନୋରଞ୍ଜନ ଦାସ, ଶ୍ରୀକାନ୍ତ ବିଶ୍ୱାଳ, ବିଚିତ୍ରାନନ୍ଦ ଯେନା, ଅକ୍ଷୟ ମଲ୍ଲିକ, ନିଶିକାନ୍ତ ନାୟକ, ପ୍ରଫୁଲ୍ଲ ପାଢୀ, ବିମଳ କୁମାର ମହାନ୍ତି, ପ୍ରଦୀପ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

ଧାମନଗର, ୮।୧୦(ଦେବେନ୍ଦ୍ର ଆଦ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନା ଓ ସାମାଜିକ ସମୀକ୍ଷା ସମ୍ପର୍କିତ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଦ୍ରକ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଅଶୋକ ପୁହାଣ, ମନୋରଞ୍ଜନ ମଲିକ, ଚୁନିବାଳା ବିଶାଳ, ବିଡ଼ିଓ ବନ ବିହାରୀ ଦିଣ୍ଡା, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବ୍ଲକ୍ ସାମାଜିକ ସମୀକ୍ଷା ସଂଯୋଜକ ଜଗନ୍ନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏପିଓ ପୀୟୁଷ ରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷରେ ଧାମନଗର ପଞ୍ଚାୟତ ସମିତି ତରଫରୁ କାର୍ଯ୍ୟକାରୀ ହୋଇଥିବା ସମସ୍ତ କାର୍ଯ୍ୟର ସାମାଜିକ ସମୀକ୍ଷାରୁ ଆସିଥିବା ଅର୍ଥ ଓ ତାର ଖର୍ଚ୍ଚର ଆଲୋଚନା କରାଯାଇଥିଲା। କାର୍ଯ୍ୟର ତ୍ରୁଟି ଓ ଆର୍ଥିକ ଅନିୟମିତତାକୁ ସାମାଜିକ ସଂଯୋଜକ ପଣ୍ଡା ସୂଚନା ପ୍ରଦାନ କରିଥିଲେ। କିଛି ମୃତ ବ୍ୟକ୍ତିଙ୍କ ନାମରେ ସେମାନଙ୍କର ପରିବାର ଲୋକେ ଚାଉଳ ନେଉଥିବାର ପରିଲକ୍ଷିତ ହୋଇଥିଲା ଏବଂ ଏହା ବାବଦରେ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପଞ୍ଚଦଶ ଅର୍ଥ ଆୟୋଗରେ କିଛି ପଞ୍ଚାୟତରେ କାର୍ଯ୍ୟର ତାଳମେଳ ରହି ନ ଥିଲା। କାର୍ଯ୍ୟ ନିକଟରେ ସୂଚନା ଫଳକ ନ ଥିଲା ବୋଲି ଅଭିଯୋଗ ହୋଇଥିଲା। ବିଶେଷ କରି ବିଭିନ୍ନ ସ୍ଥାନରେ ଚାରାରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସାମାଜିକ ସମୀକ୍ଷାରେ ଅଂଶ ଗ୍ରହଣ କରୁଥିବା ଭିଆରପିମାନେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପ୍ରତିପାଦନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସେମାନଙ୍କୁ ସାମାଜିକ ସମୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ପାଇଁ ଏହି ଶିବିରରେ ଆଲୋଚନା କରାଯାଇଥିଲା। ଯୋଜନାର ସହକାରୀ ଅଧିକାରୀ ସନ୍ଧ୍ୟାରାଣୀ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ଭଦ୍ରକରୁ ୪ ଖେଳାଳି ମନୋନୀତ

### ୪୯ତମ ଜାତୀୟସ୍ତରୀୟ ବରିଷ୍ଠ ଟେନିକଏଟ୍ ପ୍ରତିଯୋଗିତା

ଭଦ୍ରକ,୮।୧୦(ସନାତନ ରାଉତ)

ଦିଲ୍ଲୀସ୍ଥିତ ନୋଏଡ଼ା ଶାରୀରିକ ଶିକ୍ଷା ଶିକ୍ଷକ ବିଦ୍ୟାଳୟରେ ୮ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ବରିଷ୍ଠ ଟେନିକଏଟ୍ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଟେନିକଏଟ୍ ସଂଘ ୬ ଜଣ ପୁରୁଷ ଓ ୬ ମହିଳା ଖେଳାଳିଙ୍କ ନାମ ଘୋଷଣା କରିଛି। ପୁରୁଷ ଦଳରେ ଭଦ୍ରକ ଜିଲାରୁ ନାରାୟଣ ବେହେରା, ରାଜେଶ ନାୟକ , ନିର୍ମଳ ସେନ ଓ ମହିଳା ବିଭାଗରେ ମଧୁସ୍ମିତା ନାୟକ ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଖେଳାଳିମାନେ ରାଜ୍ୟସ୍ତରୀୟ ଟେନିକଏଟ୍ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ରାଜେଶ ଚାମ୍ପିଅନ, ନିର୍ମଳ ରନର୍ସ ଅପ୍, ନାରାୟଣ ଚତୁର୍ଥ ଓ ମହିଳା ବିଭାଗରେ ମଧୁସ୍ମିତା ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ସଫଳତା ନିମନ୍ତେ ଭଦ୍ରକ ଜିଲା ଟେନିକଏଟ୍ ସଂଘର ସମ୍ପାଦକ ମନୋଜ କୁମାର ସାହୁ, ସଭାପତି ଗୋଲକ ନାୟକ, ସୁବାସ ଦୀକ୍ଷିତ, ଭବେଶ ଦାସ, ଚନ୍ଦନ ଦେ, ରାଜତିଲକ ସ୍ୱାଇଁ, ସତ୍ୟଜିତ୍ ପରମାଣିକ, ଗୁରୁ ଚରଣ ପହି, ବିଶ୍ୱରଞ୍ଜନ ସାହୁ, ଲକ୍ଷ୍ମୀ ନାରାୟଣ ମହାନ୍ତି, ଶିବ ଚରଣ ସୌରଭ, ରାଜେଶ ଦାସ, ସମସ୍ତ ସଦସ୍ୟ ଓ ବରିଷ୍ଠ ଖେଳାଳିମାନେ ଶୁଭେଚ୍ଛା ଜଣାଇବା ସହ ଉତ୍ତମ ପ୍ରଦର୍ଶନ କରିବା ପାଇଁ ଶୁଭକାମନା ଜଣାଇଛନ୍ତି। ଏହି ଦଳ ସହ ଭଦ୍ରକ ଜିଲାରୁ ରାଜ ତିଲକ ସ୍ୱାଇଁ ପ୍ରଶିକ୍ଷକ ରୂପେ ଯାତ୍ରା କରିଛନ୍ତି।


ମନୋନୀତ ୪ ଖେଳାଳି।

## ବିଭିନ୍ନ ସ୍ଥାନରେ ଧନଦାତ୍ରୀଙ୍କୁ ଆରାଧନା

ଧାମନଗର,୮।୧୦ (ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ସୋମବାର ରାତିରୁ ଆରମ୍ଭ ହୋଇଯାଇଛି। ବ୍ଲକ୍‌ର ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ବାଲିପାଟଣା, ଶିଶୁ ମନ୍ଦିର ଛକ, ନାଥସାହି, ଚମ୍ପାବାଗ, ଚନ୍ଦସାହି, ଧାମନଗରସ୍ଥିତ ଦକ୍ଷିଣବାଡ଼ ଛକ, ଦୋବଲ ପଞ୍ଚାୟତ ସୋଧ କୁଣ୍ଡସାହି, କଲ୍ୟାଣୀ, କରଦା, ସୋହଡ଼ା, ମୁସ୍ତାଫାପୁର ପଞ୍ଚାୟତ ରଘୁନାଥପୁର ଆଦି ସ୍ଥାନରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ମା'ଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ପ୍ରତ୍ୟେକ ପୂଜା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ସହିତ ସନ୍ଧ୍ୟା ଆଳତିରେ ବହୁ ଶ୍ରଦ୍ଧାଳୁଙ୍କ ଗହଳି ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ମଣ୍ଡପରେ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହେଉଛି। ସେହିପରି ସୋଧ କୁଣ୍ଡସାହିରେ ମଧ୍ୟ ବହୁ ବର୍ଷ ଧରି ମା'ଙ୍କୁ ପୂଜା କରାଯାଉଛି। ଏହି ମଣ୍ଡପରେ ଗ୍ରାମବାସୀଙ୍କ ଦ୍ୱାରା ଯାତ୍ରା ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ଅନୁଷ୍ଠିତ ହେଉଛି। ବିଭିନ୍ନ ପୂଜା ମଣ୍ଡପଗୁଡିକ ସାଜସଜା ଓ ରଙ୍ଗ ବେରଙ୍ଗ ଆଲୋକ ମାଳା ସାଙ୍ଗକୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଭଣ୍ଡାରିପୋଖରୀରେ ଗଜଲକ୍ଷ୍ମୀ ପୂଜା

ଭଣ୍ଡାରିପୋଖରୀ,୮।୧୦
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବଜାର ମା' ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। କମିଟି ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ(ବାବୁନା) ଘଟ ଉତ୍ତୋଳନ କରି ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। କମିଟି ସଭାପତି ମହେନ୍ଦ୍ର ପରିଡ଼ା, ସୁଧାଂଶୁ ମୋହନ ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ସଂଗ୍ରାମ କେଶରୀ ସାହୁ, ଜିତେନ୍ଦ୍ର ନାୟକ, ରାଜେନ୍ଦ୍ର ଦାସ, ଜ୍ଞାନେନ୍ଦ୍ର ସାହୁ, ରାଜେନ୍ଦ୍ର ରାଉତ, ନାରାୟଣ ଚନ୍ଦ୍ର ଜେନା, ଅର୍ଜ୍ଜୁନ ସାହୁ, ଶୁଭମ କେଶରୀ ସାହୁ, ବାବୁଲି ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ହିମାଂଶୁ ପଣ୍ଡା, ନାରାୟଣ ଜେନା, ଗିରିଧାରୀ ଜେନା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ଶୁକ୍ରବାର ଭସାଣ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ଲକ୍ଷ୍ମୀନାରାୟଣଙ୍କ ପୂଜାରେ ଶ୍ରଦ୍ଧାଳୁଙ୍କ ସମାଗମ

ତିହିଡ଼ି,୮।୧୦(ସଞ୍ଜିତ ବଳ)

ତିହିଡି ବ୍ଲକ୍ ଅଧୀନ ସିନ୍ଦୋଳ ଓ ମଙ୍ଗଳପୁର ପଞ୍ଚାୟତର ୩ଟି ସ୍ଥାନରେ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହେଉଛି। ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳା ପୂଜାସ୍ଥଳକୁ ବେଶ ଆକର୍ଷଣୀୟ କରିଛି। ଏହି ସବୁ ପୂଜା ମଣ୍ଡପରେ ପ୍ରତିଦିନ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ତେବେ ସୋମବାର କଳସ ବୁଡ଼ା ହେବାଠାରୁ ନିୟମିତ ବର୍ଷା ହେବା ଯୋଗୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିବା ସହ ବିଭିନ୍ନ ସମସ୍ୟା ଉପୁଜୁଥିବା ଜଣାପଡ଼ିଛି। ସିନ୍ଦୋଳ, ନୂଆପାଟଣା ଓ ମଙ୍ଗଳପୁର ପଞ୍ଚାୟତର କନାଟିଆ ଗ୍ରାମରେ ଚାଲିଥିବା ଏହି ପୂଜା ବୁଧବାର ୪ର୍ଥ ଦିନରେ ପହଞ୍ଚିଥିବା ବେଳେ ଏହା ୭ଦିନ ଧରି ଅନୁଷ୍ଠିତ ହେବ। ନୂଆପାଟଣାରେ କଳା ମୁଗୁନି ପଥରରେ ନିର୍ମିତ ଲକ୍ଷ୍ମୀନାରାୟଣଙ୍କ ସହ ସରସ୍ୱତୀଙ୍କୁ ଏଠାରେ ପୂଜାର୍ଚ୍ଚନା କରାଯାଉଛି। ତେବେ କଳସ ବୁଡ଼ା ହେବା ପରେ ମାନସିକଧାରୀମାନେ ଛେରାପହଁରା କରିବାର ନିଆରା ପରମ୍ପରା ଏଠାରେ ରହିଛି। ପୂଜା କମିଟି ସଭାପତି କାଳନ୍ଦୀ ଦାସ, ସମ୍ପାଦକ କପିଳେନ୍ଦ୍ର ବାରିକ, ଉପସଭାପତି ଘନଶ୍ୟାମ ପରିଡ଼ା, ସହ ସମ୍ପାଦକ ପ୍ରଦୀପ କୁମାର ଦାସ, ମନୋଜ ସାହୁ, ସୁଧାକର ଜେନା, ରତିକାନ୍ତ ବାରିକ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ସେହିପରି ସିନ୍ଦୋଳରେ ମଧ୍ୟ ଲକ୍ଷ୍ମୀନାରାୟଣଙ୍କ ସହ ସରସ୍ୱତୀଙ୍କ ମାର୍ବଲ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି। ପୂଜା କମିଟି ସଭାପତି ଭାଗିରଥି ବେହେରା, ସମ୍ପାଦକ ହରିହର ସେନାପତି, ଉପସଭାପତି ପରମାନନ୍ଦ ନାୟକ, ସହସମ୍ପାଦକ ରବୀନ୍ଦ୍ର କୁମାର ଦାସ, କୋଷାଧ୍ୟକ୍ଷ କମଳାକାନ୍ତ ଦାସ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। କନାଟିଆ ଗ୍ରାମ ଲକ୍ଷ୍ମୀନାରାୟଣ ପୂଜାକୁ ହରିହର ଲେଙ୍କା, ମଧୁସୂଦନ ଲେଙ୍କା, କମଳାକାନ୍ତ ଲେଙ୍କା, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ପ୍ରମୁଖ ପରିଚାଳନା କରୁଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

### ଜେଜେ ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପରେ ଗାଧୋଇବା ପାଇଁ ଯାଇଥିଲେ

ଭଣ୍ଡାରିପୋଖରୀ,୮।୧୦(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ଟେସିଙ୍ଗା ପଞ୍ଚାୟତ ସମସମାଦୌଲତପୁର (କୁଶଗଡ଼ିଆ) ଗ୍ରାମର ଯୁବକ ବିକାଶ ମଲ୍ଲିକ(୨୮) ବୁଧବାର ଅପରାହ୍ନ ୧.୩୦ ସମୟରେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ମୃତ୍ୟୁବରଣ କରିଥିବା ଜେଜେମା'ଙ୍କ ଅନ୍ତେଷ୍ଟିକ୍ରିୟା ବୁଧବାର ମଧ୍ୟାହ୍ନରେ ସରିଥିଲା। ପରେ ସେ ଗ୍ରାମ ପୋଖରୀକୁ ସ୍ନାନ ପାଇଁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ଆସି ବିକାଶଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୧/୨୫) ରୁଜୁ ହୋଇଛି। ବିକାଶ ୧୬ନଂ. ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲପ୍ଲାଜାରେ କାର୍ଯ୍ୟ କରୁଥିଲେ।

# ସରକାରୀ ଜମିରୁ ୨ ମହଲା କୋଠା ଉଚ୍ଛେଦ

ଭଦ୍ରକ,୮।୧୦ (ସନାତନ ରାଉତ)

ଭଦ୍ରକ- ଚାନ୍ଦବାଲି ରାସ୍ତାର ବାଇପାସ୍ ରାସ୍ତାର ସରକାରନଗରଠାରେ ସରକାରୀ ଜମିରେ ଥିବା ୨ ମହଲା କୋଠାକୁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ସରକାରୀ ଜାଗାରେ ୨ ଜଣ ବ୍ୟକ୍ତି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଭଡ଼ା ଲଗାଇ ଅର୍ଥ ରୋଜଗାର କରୁଥିଲେ ବୋଲି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ କହିଛନ୍ତି। ନୟନଯୋରି କିସମ ଜମିରେ ଏହି କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। ଗରିବ ଲୋକଙ୍କ ନାମରେ ଧନୀ ଲୋକମାନେ ସରକାରୀ ଜାଗା ମାଡ଼ି ବସିଥିବା କହିଛନ୍ତି। ବାରମ୍ବାର ନୋଟିସ୍ ଦିଆଯାଇଥିଲା। ସରକାରୀ ଜାଗାକୁ ଅବରୋଧ ମୁକ୍ତ କରିବା ଓ ସୁରକ୍ଷିତ ରଖିବା ତହସିଲଦାରଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। କିଛି ଜାଗାରେ କୋର୍ଟ କଚେରି ବିବାଦ ପାଇଁ ଭଙ୍ଗାଯାଇନି ପରେ ସେସବୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି। ଉଚ୍ଛେଦ ପ୍ରକ୍ରିୟାରେ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ୧ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ତେବେ ବିଭିନ୍ନ ସ୍ଥାନରେ ଉଚ୍ଛେଦ କରାଯାଇଥିବା ବେଳେ ସେମାନଙ୍କୁ ଥଇଥାନ କରାଯାଇ ନ ଥିବାରୁ ବ୍ୟବସାୟୀ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହ ଏକାଧିକବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଭଦ୍ରକ ସହରରେ ସରକାରୀ ଯାଗା ଉଚ୍ଛେଦ ବର୍ଷେ ହେଲା ଚାଲିଥିବା ବେଳେ ଦୁର୍ଗାପୂଜା ପାଇଁ ବନ୍ଦ ରହିଥିଲା।


ଜବରଦଖଲ ଉଚ୍ଛେଦ କରାଯାଉଛି।

## ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ଚାନ୍ଦବାଲି,୮।୧୦ (ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ଦାଖା ହାଇସ୍କୁଲର ପୂର୍ବତନ ଶିକ୍ଷକ, ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ରଘୁନାଥ ଦାଶଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବିଷ୍ଣୁପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ଭଗବାନ ବେହେରା, ସାମାଜିକକର୍ମୀ ତାରାପଦ ମହାନ୍ତି, ଶିଳ୍ପପତି ରାମ ପ୍ରସାଦ ମୋର୍, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, କବି ଦ୍ୱାରିକାନାଥ ଦାଶ, ସାମାଜିକକର୍ମୀ ପୂର୍ଣ୍ଣଚନ୍ଦ୍ର ପାଣି, ଅବସରପ୍ରାପ୍ତ ଏନ୍‌ସିସି ଶିକ୍ଷକ ଏମ୍ଏ ଦୟାନ, ସ୍ୱର୍ଗତ ଦାଶଙ୍କ ନାତି ଦୁର୍ଗା ପ୍ରସାଦ ଦାଶ, ଶିକ୍ଷକ ସୁରେନ୍ଦ୍ର ତ୍ରିପାଠୀ, ଆଇନଜୀବୀ ପ୍ରଶାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅମୂଲ୍ୟ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ମିଶ୍ର ସଭା ସଂଯୋଜନା କରିଥିଲେ। ଆଇନଜୀବୀ ଦେବୁଲା ମହାନ୍ତି, ସାମାଜିକକର୍ମୀ ଅଭିମନ୍ୟୁ ଖୁଣ୍ଟିଆ, ଅଭୟ ସାମଲ, ଶରତ ପଲାଇ, ଶାନ୍ତିଭୂଷଣ ବିଶ୍ୱାଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସବ୍ୟସାଚୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଝଲସୁଛି ବିଶୁନପୁର ହରିହାଟ ଲକ୍ଷ୍ମୀମଣ୍ଡପ


ହରିହାଟ ଲକ୍ଷ୍ମୀ ମଣ୍ଡପରେ ପୂଜା ପାଉଥିବା ମା' କମଳାଙ୍କ ମୃଣ୍ମୟ ମୂର୍ତ୍ତି।

**ଖଇରା, ୮।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଶୁନପୁର ଗ୍ରାମର ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାଳିତ ହୋଇଆସୁଥିବା ହରିହାଟ ଲକ୍ଷ୍ମୀମଣ୍ଡପ ପୂଜା ଧୁମ୍‌ଧାମ୍‌ରେ ଚାଲିଛି। ପୂଜା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ପୂଜାକୁ ମନଲୋଭା କରିବାକୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ସୋମବାର ସନ୍ଧ୍ୟାରେ କମିଟି ସଦସ୍ୟ ଲକ୍ଷ୍ମଣ ସାହୁ, ଦୟାନିଧି ଜେନା ଓ ପର୍ଶୁରାମ ନାୟକଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପରମାନନ୍ଦ ପଣ୍ଡା ଓ ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ଗଜଲକ୍ଷ୍ମୀଙ୍କ ପୂଜା ଓ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଜଗତାନନ୍ଦ ମହାନ୍ତି, ନୀଳମଣି ପ୍ରଧାନ, ଯଦୁନାଥ ସାହୁ, ଦୟାନିଧି ସାହୁ, ସୁରେଶ ଜେନାଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଚଳିତବର୍ଷ ପୂଜାର ସମସ୍ତ କାର୍ଯ୍ୟ ସମ୍ପନ୍ନ ହେଉଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି।

# ଷ୍ଟେଶନ ସମ୍ମୁଖରେ ମହିଳାଙ୍କୁ ଗୋଇଠାମାଡ଼

## ଭିଡିଓ ଭାଇରାଲ ପରେ ଅଭିଯୁକ୍ତ କୋର୍ଟଚାଲାଣ

**ବାଲେଶ୍ୱର, ୮।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ରେଳଷ୍ଟେଶନ ସମ୍ମୁଖ ରାସ୍ତା ଉପରେ ଜଣେ ମହିଳାଙ୍କୁ ଗୋଇଠା ମାରିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଭଳି ଅମାନବୀୟ ଘଟଣାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ବହୁ ଜନପ୍ରତିନିଧି ଓ ସଚେତନ ନାଗରିକ ଉକ୍ତ ଭିଡିଓକୁ ପୋଷ୍ଟ କରି ତୀବ୍ର ନିନ୍ଦା କରିବା ସହିତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବାଲେଶ୍ୱର ଆରପିଏଫ୍ ଥାନା ଆଇଆଇସି ଦୀପକ କୁମାର ନିଜ ଆଡୁ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୩୪୨/୨୫) ରୁଜୁ କରାଯାଇ ଅଭିଯୁକ୍ତ ସହଦେବଖୁଣ୍ଟା ଥାନା ଭାସ୍କରଗଞ୍ଜ-ବି ଅଞ୍ଚଳର ବିଜୟ କୁମାର ଗିରିଙ୍କୁ ବୁଧବାର ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ବିଶ୍ୱକର୍ମା ପୂଜା ପୂର୍ବରାତିରେ ମହିଳାଙ୍କ ସ୍ୱାମୀ ଷ୍ଟେଶନ ସମ୍ମୁଖରେ ଥିବା ଏକ ବାଇକ୍ ଲୁଟ୍ ଉଦ୍ଦେଶ୍ୟରେ ଭଙ୍ଗାରୁଜା କରୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ବିଜୟ ଷ୍ଟେଶନ ନିକଟରେ ଥିଲେ। ଏନେଇ ବିଜୟ ବାଇକ୍ ମାଲିକଙ୍କୁ ବନ୍ଧୁ ହୋଇଥିବାରୁ ସେ ତାଙ୍କୁ ଜଣାଇଥିଲେ। କାହିଁକି ବାଇକ୍ ଭଙ୍ଗାରୁଜା କରୁଛ ବୋଲି ସେମାନେ ମହିଳାଙ୍କ ସ୍ୱାମୀଙ୍କୁ ପଚରାଉଚୁରା କରିଥିଲେ। ମହିଳାଜଣକ ସ୍ୱାମୀଙ୍କୁ ଛାଡ଼ି ଦିଅ କହି ସେମାନଙ୍କ ଗୋଡ଼ ଧରିଥିଲେ। ବିଜୟ ଗୋଡ଼ ଛାଟିବା ସହ ତାଙ୍କୁ ଗୋଇଠା ମାରୁଥିବା ଭିଡିଓ ଭାଇରାଲ ହୋଇଥିଲା। ମହିଳା ଓ ତାଙ୍କ ସ୍ୱାମୀ ଯାଯାବର ଭାବେ ବିଭିନ୍ନ ଷ୍ଟେଶନରେ ଆଶ୍ରୟ ନେଇଥାନ୍ତି। ସେମାନଙ୍କ ପରିଚୟ ଜଣାପଡିନାହିଁ।

# ଆତ୍ମାହୁତି ଦେବାକୁ ଚନ୍ଦନଙ୍କ ଚେତାବନୀ

## ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣା

■ ଗିରଫ ହେବା ନେଇ ମିଥ୍ୟା ପ୍ରଚାରରେ ମର୍ମାହତ

**ବାଲେଶ୍ୱର, ୮।୧୦(ବାଞ୍ଛାନିଧି ଦେ):** ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାକୁ ନେଇ ସମଗ୍ର ରାଜ୍ୟରେ ଚର୍ଚ୍ଚା ଥମୁ ନାହିଁ। ଏହି ଘଟଣାରେ ଗିରଫ ହୋଇନାହାନ୍ତି ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ରଣସାହି ପଞ୍ଚାୟତ ତପସୀ ଗ୍ରାମର ଚନ୍ଦନ ମଲ୍ଲିକ। ମାତ୍ର ବିଭିନ୍ନ ଗଣମାଧ୍ୟମରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚନ୍ଦନଙ୍କୁ ଗିରଫ କରାଯାଇଥିବା ଖବର ପ୍ରସାରଣ ହେବା ପରେ ସେ ନିଜର ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ସ୍ଥାନୀୟ ଷ୍ଟେଶନ କ୍ଲବ ପରିସରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କାନ୍ଦି କାନ୍ଦି ଗଣମାଧ୍ୟମ ସମ୍ମୁଖରେ କ୍ଷୋଭ ପ୍ରକାଶ କରିଛନ୍ତି। ଗିରଫ ହୋଇଥିବା ନେଇ ପ୍ରସାରିତ ଓ ପ୍ରକାଶିତ ହୋଇଥିବା ଖବରକୁ ସେ ଖଣ୍ଡନ କରିଛନ୍ତି। ଯେଉଁଭଳି ଭାବେ ସେ ଲୋକଙ୍କ ସହ ମିଶନ୍ତି ଓ ସମାଜ ପାଇଁ କାର୍ଯ୍ୟ କରନ୍ତି ସେଥିରେ ଆଘାତ ଦିଆଗଲା। ସାରା ରାଜ୍ୟରେ ତାଙ୍କୁ କଳଙ୍କିତ କରିଦିଆଗଲା। ଏଥିପାଇଁ ପରିବାରର ସମସ୍ତେ ଦୁଃଶ୍ଚିନ୍ତାରେ ରହିଛନ୍ତି। ଘରୁ ବାହାରି ପାରୁନାହାନ୍ତି। ଆଗାମୀ ଦିନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଲୋକଙ୍କ ସହ ସେ ଆତ୍ମାହୁତି ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ବାଲେଶ୍ୱରରୁ ୨ ନମ୍ବର ଦଲାଲ ଭାବେ ଚନ୍ଦନ ମଲ୍ଲିକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଖବର ଗତ ଦୁଇଦିନ ଧରି ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ କରାଯାଇଥିଲା। ତାଙ୍କୁ ବ୍ରହ୍ମପୁର ଜେଲରେ ରଖାଯାଇଥିବା ଖବର ପ୍ରକାଶିତ ହୋଇଥିଲା। ମାତ୍ର ସେ ଗିରଫ ହୋଇନାହାନ୍ତି କି କ୍ରାଇମବ୍ରାଞ୍ଚ ପକ୍ଷରୁ ତାଙ୍କୁ କୌଣସି ପଚରାଉଚରା ମଧ୍ୟ କରାଯାଇନାହିଁ। ଗିରଫ ଖବର ସମ୍ପୂର୍ଣ୍ଣ ମିଛ। କ୍ରାଇମବ୍ରାଞ୍ଚର କୌଣସି ଅଧିକାରୀଙ୍କ ବିନା ପ୍ରତିକ୍ରିୟାରେ ଗଣମାଧ୍ୟମ କିଭଳି ମିଛ ଖବର ପ୍ରସାରଣ କଲା ସେନେଇ ପ୍ରଶ୍ନ ଉଠାଇଛନ୍ତି ଚନ୍ଦନ। ମିଛ ଖବର ପ୍ରସାରଣ ଦ୍ୱାରା ସାରା ରାଜ୍ୟରେ ତାଙ୍କର ସମ୍ମାନ ଓ ସାମାଜିକ ପ୍ରତିପତି କ୍ଷୁର୍ଣ୍ଣ ହୋଇଥିବା ସେ କହିଛନ୍ତି। ଏନେଇ ସେ ଆଇନର ଆଶ୍ରୟ ନେବେ ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଚନ୍ଦନ ମଲ୍ଲିକ।

# ଜାତୀୟ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ



ସାଇକେଲ ଶୋଭାଯାତ୍ରାରେ ସାମିଲ ଅନୁଷ୍ଠାନର କର୍ମକର୍ତ୍ତା।

**ବାଲେଶ୍ୱର, ୮।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱରର ମୁନ୍ କମ୍ୟୁନିକେଶନ ପକ୍ଷରୁ ବୁଧବାର ଜାତୀୟ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସପ୍ତାହବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ୟଜନ୍ତୁ ସୁରକ୍ଷା ସମ୍ବନ୍ଧୀୟ ଏକ ସାଇକେଲ ଶୋଭାଯାତ୍ରା ମୁନ କମ୍ୟୁନିକେଶନ ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ରଣସାହି ହିଡିଗାଁ, ସାରଗାଁ, ଗୁଡୁଗାଁ ଆଦି ଗ୍ରାମ ପରିକ୍ରମା କରିଥିଲା। କର୍ମକର୍ତ୍ତା ଜଳଧର ବେହେରା, ରାଜେନ୍ଦ୍ର ବେହେରା, ଜଗନ୍ନାଥ ବେହେରା, କାର୍ତ୍ତିକ ଚନ୍ଦ୍ର ନାୟକ, ସୂର୍ଯ୍ୟପ୍ରସାଦ ମାହାନ୍ତି, ଅମ୍ବିକା ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲର ସୁରକ୍ଷା ସହ ଆକାର ବୃଦ୍ଧି ପାଇଁ ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ବର୍ଷାଋତୁରେ ଗ୍ରାମାଞ୍ଚଳରେ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ବୃଦ୍ଧି ହେତୁ ଆକ୍ରାନ୍ତକୁ ଅନ୍ଧବିଶ୍ୱାସ ଶିକାର ନ ହୋଇ ଡାକ୍ତରଖାନାର ସାହାଯ୍ୟ ନେବାକୁ କୁହାଯାଇଥିଲା। ମହିଁଶାଳୀ ମୁହାଣଠାରେ ନୀଳ ରକ୍ତ କଙ୍କଡ଼ା ସୁରକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ମୁରଲୀଧର ମହାନ୍ତି ଯୋଗଦେଇ ନୀଳରକ୍ତ କଙ୍କଡ଼ାର ଜୀବନଶୈଳୀ ସମ୍ପର୍କରେ ଆଲୋଚନା କରି ଜାଲ ଦ୍ୱାରା ମନୁଷ୍ୟକୃତ ମୃତ୍ୟୁସଂଖ୍ୟାକୁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ମତ୍ସଜୀବୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଯୁବ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଥିଲେ।

### ବଜ୍ରପାତରେ ପୂଜକଙ୍କ ମୃତ୍ୟୁ

**ସିମୁଳିଆ, ୮।୧୦(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ରାମବିନ୍ଧା ଅଞ୍ଚଳର ସୁରେନ୍ଦ୍ର ଦାଶ(୨୫) ନାମକ ଜଣେ ଯୁବକଙ୍କ ବୁଧବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସୁରେନ୍ଦ୍ର କଲାଶୁଣୀ ଅଞ୍ଚଳକୁ ଠାକୁର ପୂଜା କରିବା ପାଇଁ ଯାଇଥିଲେ। ତେବେ ସେ ପୂଜା କରୁଥିବା ବେଳେ ବଜ୍ରପାତ୍ର ଯୋଗୁ ଟଳିପଡ଼ିଥିଲେ। ତୁରନ୍ତ ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଭୋଗରାଇର ଶିବାଂଶୀ



**ଭୋଗରାଇ, ୮।୧୦(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନିମାତପୁର ପଞ୍ଚାୟତ କୁଚିଲାଡାଙ୍ଗ ଗ୍ରାମର ମା' ବନ୍ଦିତା ମହାପାତ୍ର ଓ ବାପା ଶିବାଶିଷ ମହାପାତ୍ରଙ୍କ ୩ ବର୍ଷର ଝିଅ ଶିବାଂଶୀ ମହାପାତ୍ର ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ଓଡିଶା ଓ ଭାରତର ବିଭିନ୍ନ ରାଜ୍ୟରେ ହୋଇଥିବା ଶିଶୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହୋଇ ଭାରତରେ ଗୌରବ ଅର୍ଜନ କରିଛନ୍ତି। ଇଣ୍ଡିଆ ବୁକ ଅଫ ରେକର୍ଡ ବୋର୍ଡ ଦ୍ୱାରା ପରିଚାଳିତ ଏହି ଶିଶୁ ପ୍ରତିଯୋଗିତାରେ ଓଡ଼ିଶାର ୩୦ଟି ଜିଲା ଓ ଭାରତର ବିଭିନ୍ନ ରାଜ୍ୟରୁ ଶିଶୁମାନଙ୍କ ମଧ୍ୟରେ ଭାରତର ରାଜ୍ୟ ଓ ରାଜଧାନୀ, ୮ଟି ଗଛ ଓ ପ୍ରାଣୀର ନାମ, ୧୧ଟି ଯାନବାହନ ନାମ, ସପ୍ତାହରେ କେତୋଟି ବାର ଓ ନାମ, ବର୍ଷକର କେତେମାସ ଓ ନାମ, ଇଂଲିଶରେ କେତୋଟି ଅକ୍ଷର ସହିତ ବିଭିନ୍ନ ଜ୍ଞାନ ପରୀକ୍ଷା କରାଯାଇ ପ୍ରତିଭା ଚୟନ କରାଯାଇଥିଲା। ଏହି ମେଧା ପରୀକ୍ଷାରେ ଶିବାଂଶୀ ସମସ୍ତ ରାଜ୍ୟର ପ୍ରତିଯୋଗୀଙ୍କୁ ପଛରେ ପକାଇ ନିର୍ଭୁଲ ଭାବେ ଠିକ୍ ଉତ୍ତର ଦେଇ ବୋର୍ଡ ଦ୍ୱାରା ସର୍ବୋଚ୍ଚ ସମ୍ମାନର ଅଧିକାରୀ ହୋଇ ପୁସ୍ତକ, ପ୍ରମାଣପତ୍ର ଓ ସ୍ୱର୍ଣ୍ଣ ମେଡଲ ପାଇବାର ଗୌରବ ଅର୍ଜନ କରିଥିବାରୁ ତାଙ୍କୁ ସବୁସ୍ତରରୁ ପ୍ରଶଂସାର ସୁଅ ଛୁଟିଛି।

### ଭାଲୁ ଆକ୍ରମଣରେ ମହିଳା ମୃତ

**ଆମ୍ବୁଲାନ୍ସ ସୁବିଧା ନ ହେବାରୁ କାନ୍ଧେଇ ମେଡିକାଲକୁ ଆଣିଲେ**



**ନୀଳଗିରି, ୮।୧୦(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ ଅଧୀନ ପାଣବନ୍ଧ ଗାଁର ଚନ୍ଦ୍ରମୋହନ ନାୟକଙ୍କ ସ୍ତ୍ରୀ ଶାନ୍ତିଲତା (୫୪)ଙ୍କ ଭାଲୁ ଆକ୍ରମଣରେ ମୃତ୍ୟୁ ହୋଇଛି। ବୁଧବାର ଗାଁ ନିକଟସ୍ଥ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ସ୍ୱାମୀ, ସ୍ତ୍ରୀ ଛତୁ ତୋଳିବାକୁ ଯାଇଥିଲେ। ଜଙ୍ଗଲ ଭିତରେ ଅଚାନକ ଏକ ଭାଲୁ ମହିଳାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଶାନ୍ତିଲତାଙ୍କ ଚିତ୍କାରରେ ଭାଲୁଟି ସେଠାରୁ ଛାଡ଼ି ପଳାଇଥିଲେ ମଧ୍ୟ ମହିଳାଙ୍କ ବେକକୁ କାମୁଡି ଧରିଥିଲେ। ଫଳରେ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ୱାମୀ ଚନ୍ଦ୍ରମୋହନ ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ସୁବିଧା ନ ହେବାରୁ ଶାନ୍ତିଲତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧରେ କାନ୍ଧେଇ ସଜନାଗଡ଼ ମେଡିକାଲକୁ ଆଣିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଅଟୋ ଭଡ଼ା କରି ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚାଷୀଙ୍କୁ ଦଳିଦେଲା ହାତୀ

**ଜଳେଶ୍ୱର, ୮।୧୦(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଓଡ଼ିଶା ସୀମାଠାରୁ ମାତ୍ର କିଛି ଦୂରତାରେ ଥିବା ପଶ୍ଚିମବଙ୍ଗର ନୟାଗ୍ରାମ ବ୍ଲକ ପାଞ୍ଚାମୀ ଗ୍ରାମରେ ମଙ୍ଗଳବାର ରାତି ୧୦ଟାରେ ଜଣେ ଚାଷୀଙ୍କୁ ଏକ ହାତୀ ଦଳି ଦେଇଛି। ଫଳରେ ଘଟଣାସ୍ଥଳରେ ହିଁ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଧୀରେନ୍ଦ୍ର ଦେଉ (୪୫)। କେଶରେଖା ରେଞ୍ଜ ଅଧୀନ ରାମକ୍ରିଷ୍ଣପୁର ବିଟ୍‌ର ପାଞ୍ଚାମୀ ଗାଁ ବିଲରେ ରାତିରେ ୭/୮ଟି ଶିମିଳିପାଳ ହାତୀ ଧାନ ଫସଲ ଖାଉଥିଲେ। ତେବେ ହାତୀପଲ ଜମିରେ ଧାନ ଖାଉଥିବା ଦେଖି ଧିରେନ୍ଦ୍ର ହାତୀକୁ ଘଉଡ଼ାଇବାକୁ ବିଲ ଭିତରକୁ ପଶିଥିଲେ। ଏହି ସମୟରେ ଏକ ଦନ୍ତା ହାତୀ ରାଗିଯାଇ ପାଖକୁ ମାଡ଼ି ଆସି ଧୀରେନ୍ଦ୍ରଙ୍କୁ ଶୁଣ୍ଢରେ ଟେକି ନେଇ ବିଲ ଭିତରେ ଥିବା ପାଣି କାଦୁଅ ମଧ୍ୟରେ କଚାଡ଼ି ଦେଇଥିଲା। ଏହାପରେ ଧୀରେନ୍ଦ୍ରଙ୍କୁ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ଧିରେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ହାତୀପଲ ସେଠାରୁ ବହୁ ବିଳମ୍ବରେ ଯିବା ପରେ ଗ୍ରାମବାସୀ ଓ କେଶରେଖା ରେଞ୍ଜର ବନ କର୍ମଚାରୀମାନେ ଧୀରେନ୍ଦ୍ରଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଧିରେନ୍ଦ୍ରଙ୍କ ମୃତ୍ୟୁରେ କେଶରେଖା, ନୟାଗ୍ରାମ ଓ ରାଇବଣିଆ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି।

### ତୁଳସୀ ଗଣନାଟ୍ୟ ଗାଡ଼ିକୁ ଅଟକ ରଖିଲେ ଯାତ୍ରା କମିଟି ସଦସ୍ୟ

**ବାଲିଆପାଳ (ଅମୂଲ୍ୟ କୁମାର ଦାସ)/ ବସ୍ତା(ହରିଶଙ୍କର ପାଢୀ)**

ଅଗ୍ରୀମ ଟଙ୍କା ନେଇ ଯାତ୍ରା ପରିବେଷଣ କରିବାକୁ ନ ଆସିବାରୁ ତୁଳସୀ ଗଣନାଟ୍ୟର ଗାଡ଼ିକୁ ଯାତ୍ରା କମିଟିର ସଦସ୍ୟ ଅଟକ ରଖିଥିଲେ। ତୁଳସୀ ଗଣନାଟ୍ୟ ଯାତ୍ରା ପରିବେଷଣ କରିବା ପାଇଁ ବାଲେଶ୍ୱର ଜିଲା ବସ୍ତା ବ୍ଲକର ମା' ମଙ୍ଗଳା ଯାତ୍ରା କମିଟି ଗତ ଜାନୁଆରୀରେ ପାର୍ଟିର ମାଲିକ ଅନନ୍ତ ନାରାୟଣ ଧଳଙ୍କୁ ସାକ୍ଷାତ୍ କରିବା ସହ ଅଗ୍ରୀମ ଟଙ୍କା ଦେଇଥିଲେ। ମାତ୍ର କିଛି ସମୟ ପରେ ତୁଳସୀ ଗଣନାଟ୍ୟ ପକ୍ଷରୁ ବୁକିଂ କରିଥିବା ତାରିଖ ବଦଳାଇବା ପାଇଁ କୁହାଯାଇଥିଲା। ଏଥିରେ ଯାତ୍ରା କମିଟି ରାଜି ନ ହେବାରୁ ଅଗ୍ରୀମ ଟଙ୍କା ଫେରାଇ ଦେବା ପାଇଁ କହି ଆଉ ଧରା ଛୁଆଁ ଦେଉ ନ ଥିଲେ ଯାତ୍ରା ପାର୍ଟିର ମାଲିକ ଧଳ। ବୁଧବାର ଯାତ୍ରା ପାର୍ଟି ବାଲିଆପାଳରୁ ଯାତ୍ରା ସାରି ଫେରୁଥିବା ବେଳେ ବସ୍ତା ଥାନା ଗାନ୍ଧୀ ଛକସ୍ଥିତ କୁଡ଼ିଆ ବ୍ରିଜ ନିକଟରେ କମିଟିର ସଦସ୍ୟମାନେ ଗାଡ଼ିକୁ ଅଟକ ରଖିଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ସମସ୍ତ ଟଙ୍କା ଫେରାଇବା ପରେ କମିଟିର ସଦସ୍ୟମାନେ ଗାଡ଼ି ଛାଡ଼ିଥିବା ଜଣାପଡ଼ିଛି।

### ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ପିକଅପ୍ ଭ୍ୟାନ୍

**ନୀଳଗିରି, ୮।୧୦(ପ୍ରଶାନ୍ତ ବିଶ୍ୱାଳ)**

ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ପିକଅପ୍ ଭ୍ୟାନ୍। ଏଭଳି ଘଟଣା ବୁଧବାର ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ (ପିଡବ୍ଲୁଡି) ରାସ୍ତାରେ ଘଟିଛି। ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଳଖୁଣ୍ଟା ଗ୍ରାମର ମୁରଲୀଧର ନାୟକଙ୍କ ଝିଅ ସେବତୀ ସ୍କୁଟିରେ ନୀଳଗିରିରୁ ଘରକୁ ଫେରିଥିଲେ। ଗୋପଛକ ସ୍କୁଲ ନିକଟରେ ରାସ୍ତା ଖରାପ କାରଣରୁ ଭାରସାମ୍ୟ ହରାଇ ତଳେ ଛିଟିକି ପଡ଼ିଥିଲେ। ପଛରୁ ଆସୁଥିବା ଏକ ପିକଅପ ଭ୍ୟାନ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ଫଳରେ ତାଙ୍କର ଗୋଡ଼ଟି ଗୁଣ୍ଡ ହୋଇଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ ଗୁରୁତର ଭାବେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଜୀବନ ପ୍ରତି ବିପଦ ଥିବାରୁ ଗୋଡ଼ କଟାଯିବ ବୋଲି ଜଣାପଡ଼ିଛି। ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଉଳଗଡ଼ିଆ (ପିଡବ୍ଲୁଡ଼ି) ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ଉନ୍ନତିକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ।

### ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା

**୬ ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା**

**ବାରିପଦା,୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ପେନସନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ସେପ୍ଟେମ୍ବର ମାସରେ ଅବସର ଗ୍ରହଣ କରିଥିବା ୬ ଜଣ ଶିକ୍ଷୟିତ୍ରୀ,ଶିକ୍ଷକତ୍ ଓ ଶିକ୍ଷା କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲାରେ ଥିବା ସମସ୍ତ ସରକାରୀ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ପେନସନର ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ସୁସ୍ଥ ନିରାମୟ କାମନା କରାଯାଇଥିଲା।

ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଓ ଖୁଣ୍ଟା ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ସେକ୍ସନ ଅଫିସର ସୁଦିପ୍ତ କୁମାର ମୌଳିକ,ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ ବରିଷ୍ଠ ସହାୟକ ପିନାକୀ ବେରା, କନିଷ୍ଠ ସହାୟକ କ୍ଷେତ୍ର ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ବିଦାୟୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଡ.ଶଶୀଧର ବିଶ୍ୱାଳ ସ୍ୱାଗତ ଭାଷଣ ଏବଂ ଜିଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଓସ୍ତାର ରାଜ୍ୟ ଉପ ସଭାପତି ଜ୍ଞାନ ରଞ୍ଜନ ପାଣିଗ୍ରାହୀଙ୍କ ସମେତ ଜିଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବସ୍ତାରେ ଆଇନଜୀବୀଙ୍କ କଲମଛାଡ଼ ଆନ୍ଦୋଳନ

**ବସ୍ତା, ୮।୧୦(ହରିଶଙ୍କର ପାଢ଼ି)**

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳି କରି ଦୁର୍ବୃତ୍ତମାନେ ହତ୍ୟା କରିବା ଘଟଣାର ପ୍ରତିବାଦରେ ବୁଧବାର ସାରା ରାଜ୍ୟରେ ଆଇନ୍‌ଜୀବୀମାନେ ସମ୍ପୂର୍ଣ୍ଣ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। କମିଶନ ଗଠନକୁ ବସ୍ତା ବାର୍ କାଉନସିଲ ସମର୍ଥନ କରିଛି। ବାର୍ ସମ୍ପାଦକ ପ୍ରସନ୍ନ କୁମାର ଜେନାଙ୍କ ନେତୃତ୍ୱରେ ବସ୍ତା ବାର୍ କାଉନସିଲର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଆଇନଜୀବୀଙ୍କ କଲମଛାଡ଼ ଆନ୍ଦୋଳନ

**ବାରିପଦା, (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି),୮।୧୦**

ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ନେଇ ଜିଲା ଓକିଲ ସଂଘ ବାରିପଦା ପକ୍ଷରୁ ଏକ ଶୋକସଭା ଓ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରବୀର କୁମାର ବସା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୁଧବାର ସମସ୍ତ ଆଇନଜୀବୀ, ମୋହରୀର ଓ ଭେଣ୍ଡରମାନେ କଲମଛାଡ ଆନ୍ଦୋଳନ କରିଥିଲେ। ସଭାରେ ସଂଘର ସମ୍ପାଦକ ବିପ୍ଳବ କୁମାର ବାରିକ, ଯୁଗ୍ମ ସମ୍ପାଦକ ସ୍ୱରୂପ କୁମାର ମିଶ୍ରଙ୍କ ସମେତ ଆଇନଜୀବୀ ସର୍ବଶ୍ରୀ ହିମାଂଶୁ କୁମାର ପରିଡା, କୃଷ୍ଣଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ମହାନ୍ତି ଓ ବିଭୁ ପ୍ରସାଦ ଦାସ ଉପସ୍ଥିତ ଥିଲେ। ସେହିପରି ରାଇରଙ୍ଗପୁର ବାର ଆସୋସିଏସନ ପକ୍ଷରୁ ବୁଧବାର କଲମ ଛାଡ ଆନ୍ଦୋଳନ କରାଯାଇଛି। ଆସୋସିଏସନର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ନେତୃତ୍ୱରେ କର୍ମକର୍ତ୍ତା ଏବଂ ସଦସ୍ୟାସଦସ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ବିଶ୍ୱ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପୁରସ୍କାର ବିତରଣ ଉତ୍ସବ



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

**ସୋର, ୮।୧୦(ଜନ୍ମେଜୟ ମିଶ୍ର)**

ବିଶ୍ୱ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ସୋର ବ୍ଲକସ୍ତରୀୟ ପ୍ରତିଯୋଗିତା ସମାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ନିରାପତ୍ତା ଅଧିକାରିଣୀ ଜିନାରାଣୀ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ବିଡିଓ ସତ୍ୟନାଥ ନାୟକ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା ମଲିକ, ନାଗରିକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତ, ଉପସଭାପତି ମାୟାଧର ନାୟକ, ସମ୍ପାଦକ ଉଦ୍ଧବଚରଣ ବିଶ୍ୱାଳ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଜିତେନ୍ଦ୍ର କୁମାର ବେହେରା, ସମ୍ପାଦକ ନିତ୍ୟାନନ୍ଦ କର, ସଦସ୍ୟ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ନିଜର ଜେଜେମା, ଜେଜେଙ୍କ ସମେତ ପାଖ ପଡୋଶୀରେ ବୟୋଜ୍ୟେଷ୍ଠମାନଙ୍କ ପ୍ରତି ଶ୍ରଦ୍ଧାସମ୍ମାନ ଅଭ୍ୟାସର ପରିଣତ ହେଲେ ପିଲାମାନେ ଉଜ୍ୱଳ ଭବିଷ୍ୟତ ଗଢିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା ମଲିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସୋମନାଥ ଦାସ ମଞ୍ଚ ଆହ୍ୱାନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଜୀନାରାଣୀ ପାଢ଼ୀ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ହେମପ୍ରଭା ଉଚ୍ଚବିଦ୍ୟାଳୟର ହରିଶକୁମାର ରଣା ପ୍ରଥମ, ସତ୍ୟାନନ୍ଦ ଉଚ୍ଚ ବିଦ୍ୟାଳୟର ଶୁଭମ ଖୁଣ୍ଟିଆ ଏବଂ ପୀୟୁଷ ପରିଡା ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ଅତିଥିମାନଙ୍କଠାରୁ ପ୍ରମାଣପତ୍ର ସହ ଅର୍ଥରାଶି ଗ୍ରହଣ କରିଥିଲେ।

# ଜୋର ଧରିଲା ତୁଡ଼ିଗଡ଼ିଆରେ ବ୍ଲକ, ଥାନା ପ୍ରତିଷ୍ଠା ଦାବି

**ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚର ବୈଠକ**

**ଖଇରା, ୮।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆସ୍ଥିତ ଶହୀଦ ସ୍ମୃତି ଭବନରେ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ଦିବସ ପାଳନ ଅବସରରେ ତୁଡିଗଡିଆରେ ବ୍ଲକ ଓ ଥାନା ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ଗଗନଧୂଳି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବିଷ୍ଣୁମୋହନ ଶତପଥି ଏଥିରେ ସଭାପତିତ୍ୱ କରିଥିଲେ। ଶହୀଦ ସ୍ମୃତି କମିଟି ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ଉପେନ୍ଦ୍ର ପ୍ରସାଦ ପାଢୀ ବକ୍ତବ୍ୟ ରଖିବା ଅବସରରେ ସୋର ବ୍ଲକର ୩ ପଞ୍ଚାୟତ ଆଟପୁର, ମାଣିପୁର, ମଧୁସୂଦନପୁର ଏବଂ ଖଇରା ବ୍ଲକର ୮ ପଞ୍ଚାୟତ ଗଗନଧୂଳି, ଡାଲଙ୍ଗ, ଡଗରପଡା, ଅଚ୍ୟୁତପୁର, ଜଳଦା, ମାଖନପୁର, କୁରୁଣ୍ଟା, ଶ୍ୟାମସୁନ୍ଦରପୁର ପଞ୍ଚାୟତ ମଧ୍ୟସ୍ଥଳ ତୁଡିଗଡିଆ ହୋଇଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବ୍ୟବସାୟ ବାଣିଜ୍ୟ ସହିତ ସବୁଦୃଷ୍ଟିରୁ ନୂତନ ବ୍ଲକ ପାଇଁ ଭିତ୍ତିଭୂମି ସୁଦୃଢ ଅଛି ବୋଲି କହିଥିଲେ। ରାଜ୍ୟ ସରକାର ଏସବୁ ବିଷୟକୁ ଦୃଷ୍ଟିରେ ରଖି ନୂତନ ବ୍ଲକ ପୁନର୍ଗଠନ ପ୍ରକ୍ରିୟାରେ ତୁଡିଗଡିଆକୁ ବ୍ଲକର ମାନ୍ୟତା ପ୍ରଦାନ କରିବା ସହ ଥାନା ପ୍ରତିଷ୍ଠା ପାଇଁ ୧୧ ପଞ୍ଚାୟତରୁ ଆସିଥିବା ଲୋକପ୍ରତିନିଧି ଓ ପୂର୍ବତନ ଲୋକପ୍ରତିନିଧିମାନେ ଦାବି କରିଥିଲେ। ସୋର ବରିଷ୍ଠ ନାଗରିକ ମଞ୍ଚର ସଭାପତି ନବ କିଶୋର ଦାସ ଓ ସମ୍ପାଦକ ଦାମୋଦର ଦାସମହାପାତ୍ର, ତୁଡିଗଡିଆ ବରିଷ୍ଠ ମଞ୍ଚର ଉପଦେଷ୍ଟା ରାଧାକାନ୍ତ ପଣ୍ଡା, ଲୋକନାଥ ପଣ୍ଡା, ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାରଣା, ଉପସଭାପତି ଉପେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷିଆନ କବି ସୁବୋଧ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୁବ୍‌ଶୀଘ୍ର ବ୍ଲକ କ୍ରିୟାନୁଷ୍ଠାନ କମିଟି ଗଠନ କରି ବିଧାୟକଙ୍କଠାରୁ ଆରମ୍ଭ କରି ଏମ୍‌ପି, ଜିଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶହୀଦ ଜନକଲ୍ୟାଣ ପରିଷଦ ସଭାପତି ବସନ୍ତ କୁମାର ସାହୁ ନିଜ ମନ୍ତବ୍ୟରେ ସିମୁଳିଆ ବିଧାୟକ ତୁଡିଗଡିଆରେ ଥାନା ଓ ବ୍ଲକ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିବା କଥା ବୈଠକରେ ଘୋଷଣା କରିଥିଲେ।


ତୁଡିଗଡିଆରେ ବ୍ଲକ ଓ ଥାନା ପ୍ରତିଷ୍ଠା ଦାବିରେ ଆୟୋଜିତ ବୈଠକରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନସାଧାରଣ।

# ଶିମିଳିପାଳ ସୁରକ୍ଷା, ନୂତନ ଜିଲ୍ଲା ଗଠନ ଦାବି

ବାରିପଦା,୮।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଏକ ନୂତନ ଜିଲା ଗଠନ ଦାବିକୁ ନେଇ ଶିମିଳିପାଳ ପ୍ରୋଟେକ୍ସନ ଗ୍ରୁପ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଶିମିଳିପାଳ ଜାତୀୟ ଅଭୟାରଣ୍ୟକୁ ସୁରକ୍ଷା ଦେବା ନିମନ୍ତେ ଶିମିଳିପାଳ ଡେଭଲପମେଣ୍ଟ କାଉନସିଲ ଗଠନ ପୂର୍ବକ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ପର୍ଯ୍ୟଟନର ବିକାଶ ଦିଗରେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମୟୂରଭଞ୍ଜ ପୂର୍ବ ଓ ପଶ୍ଚିମ ଜିଲା ଗଠନ କରିବାକୁ ନିବେଦନ କରାଯାଇଛି।

ରାଜ୍ୟର ବୃହତ ଜିଲା ତଥା ଗଡ଼ଜାତ ରାଜ୍ୟ ଭାବେ ମୟୂରଭଞ୍ଜ ସୁପରିଚିତ ରହିଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜିଲାବାସୀଙ୍କ ମୌଳିକ ସମସ୍ୟା ପ୍ରତି ତତ୍କାଳୀନ ମହାରାଜାମାନେ ଗୁରୁତ୍ୱ ଦେଇ ଆସୁଥିଲେ । ୧୯୪୯ରେ ଏହି ଗଡ଼ଜାତ ରାଜ୍ୟ ଓଡ଼ିଶା ସହିତ ମିଶ୍ରଣ ହେବା ପୂର୍ବରୁ ଭାରତ ସରକାରଙ୍କ ସହିତ ଏକ ଚୁକ୍ତି ହୋଇଥିଲା। ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ସହିତ ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ଚୁକ୍ତିପତ୍ରରେ ସ୍ୱାକ୍ଷରିତ ହୋଇଥିଲା । ସ୍ୱାଧୀନତା ପରଠାରୁ ମୟୂରଭଞ୍ଜ ଜିଲା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇ ବିକାଶ କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କଳକାରଖାନା ବନ୍ଦ ପଡ଼ିଥିବା ବେଳେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରୁ ନାହିଁ । ଫଳରେ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରି ଯୁବତୀଯୁବକମାନେ ଦାଦନ ମୁହାଁ ହେଉଛନ୍ତି। ଏହାକୁ ନେଇ ଶିମିଳିପାଳ ପ୍ରୋଟେକ୍ସନ ଗ୍ରୁପର ଅଧ୍ୟକ୍ଷ ଶିବଜୀ ମୌଳିକ ଜିଲାର କୋଣ ଅନୁକୋଣ ବୁଲି ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ନୂତନ ସରକାରରେ ଜିଲାର ବିକାଶ ହେଉଥିବା ବେଳେ ପୂର୍ବଭାଗ ଲୋକଙ୍କ ମଧ୍ୟରେ ଜିଲା ଦୁଇଫାଳ ହେବା ନେଇ ଭ୍ରମ ସୃଷ୍ଟି କରିଛି । ଏହି ସବୁ ସମସ୍ୟା ଉପରେ ଆଲୋଚନା କରାଯାଇ ଜିଲାର ବାରିପଦା ଓ କପ୍ତିପଦା ସବ୍‌ଡିଭିଜନକୁ ନେଇ ମୟୂରଭଞ୍ଜ ପୂର୍ବ ଜିଲା ଓ ଶିମିଳିପାଳର ପଶ୍ଚିମ ଭାଗରେ ଥିବା ପାଞ୍ଚପୀଢ ଓ ବାମନଘାଟିକୁ ମିଶାଇ ମୟୂରଭଞ୍ଜ ପଶ୍ଚିମ ଜିଲା ଗଠନ କରାଗଲେ ମୟୂରଭଞ୍ଜର ସ୍ୱାଭିମାନ ରହିବା ସହିତ ଅଖଣ୍ଡ ମୟୂରଭଞ୍ଜ ରହିପାରିବ ବୋଲି ଦାବିପତ୍ରରେ ସେ ଉଲ୍ଲେଖ କରିଛନ୍ତି। ସେହିପରି ଜିଲାର ମଧ୍ୟ ଭାଗରେ ଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟର ସୁରକ୍ଷା ପାଇଁ ଶିମିଳିପାଳ ଡେଭେଲପମେଣ୍ଟ କାଉନସିଲ ଗଠନ କରି ପର୍ଯ୍ୟଟନ ଶିଳ୍ପ ବୃଦ୍ଧି କରାଗଲେ ବେକାରୀ ସମସ୍ୟା ଦୂର ହୋଇପାରିବ ବୋଲି ଆଶା ଓ ବିଶ୍ୱାସ କରାଯାଇଛି । ଜିଲାବ୍ୟାପୀ ମତାମତ ଓ ଦସ୍ତଖତ ଅଭିଯାନରେ ୪ଟି ସବଡିଭିଜନ ଭ୍ରମଣ କରି ରାଜ୍ୟ ସରକାର ଓ ରାଜସ୍ୱ ବିଭାଗକୁ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହା ସହିତ ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ, ରାଜ୍ୟ ଆଇନ ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ, ଜିଲାର ଏମପି, ରାଜ୍ୟସଭା ସଦସ୍ୟା, ସମସ୍ତ ବିଧାୟକମାନଙ୍କ ଅବଗତି ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଗ୍ରୁପର ସଦସ୍ୟା ସଦସ୍ୟଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ କୁମାର ବେହେରା, ମଧୁସୂଦନ ନନ୍ଦ, ମହେନ୍ଦ୍ର ମାରାଣ୍ଡି, ଶାନ୍ତନୁ କୁମାର ପାଲ, ସୁସ୍ମିତା ଘୋଷାଲଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୪୫ ବସ୍ତା ବାଣ ଜବତ



ବାରିପଦା,୮।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ପୋଲିସ ବୁଧବାର ବୁଢ଼ାମରା ଗ୍ରାମରେ ଚଢ଼ାଉ କରି ୪୫ ବସ୍ତା ବାଣ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ସନ୍ଦୀପ ସାହୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜବତ ହୋଇଥିବା ବାଣର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଡିଏସ୍‌ପି ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୮୬/୨୫) ରୁଜୁ ହୋଇଛି।

# ଲୋକନାଥ ନଗରରେ ଗଜଲକ୍ଷ୍ମୀ ପୂଜା

ଝାରପୋଖରିଆ,୮।୧୦
(ସୁଧୀର କୁମାର ମହାନ୍ତ)

ଝାରପୋଖରିଆ (ବନ୍ଧେ ଛକ)ସ୍ଥିତ ଘିଆଯୋଡ଼ିସ୍ଥିତ ଲୋକନାଥ ନଗରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ୨୦୧୯ରେ ସ୍ଥାନୀୟ ଜନସାଧାରଣ ଓ ନଗରବସୀଙ୍କ ସହଯୋଗରେ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ସୋମବାର ପୂଜକ ଶିବଶଙ୍କର ପଣ୍ଡାଙ୍କ ଦ୍ୱାରା ସ୍ଥାନୀୟ ବଣବୁଢ଼ାମରା ଗ୍ରାମ ପୋଖରୀରୁ ଘଟ ଉତ୍ତୋଳନ ପରେ ପୂଜା ମଣ୍ଡପରେ ସ୍ଥାପନା କରାଯାଇଥିଲା। ଶ୍ୟାମପଦ ସାହୁ ଓ ତାଙ୍କ ସହ ଧର୍ମିଣୀ ମୋନାଲି ସାହୁ ଏବଂ ଦିଲ୍ଲୀପ କୁମାର ମହାନ୍ତଙ୍କ ସଂକଳ୍ପରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ହଜାର ହଜାର ଭକ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁନି କୁନି ପିଲାଙ୍କ ଦ୍ୱାରା ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୁଗ୍ଧ କରିଥିଲା। କମିଟିର ସଦସ୍ୟ ଆନନ୍ଦ ଶଙ୍କର ମହାପାତ୍ର, କମଳ ଲୋଚନ ମହାନ୍ତ, ଘାସିରାମ ମହାନ୍ତ, ବସନ୍ତ ସେଠୀ, ଶ୍ରୀହରି ସାହୁ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।

# 'ସମ୍ମିଳିତ ପ୍ରୟାସରେ ବନ୍ୟପ୍ରାଣୀ ସୁରକ୍ଷିତ ରହିବେ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ୭୧ତମ ବନ୍ୟପ୍ରାଣୀ ଦିବସ ପାଳିତ

ବାରିପଦା,୮।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ସଙ୍କଳ୍ପ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ୭୧ତମ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଲୋକଯୁକ୍ତ ଡ.ଦେବବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା, କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ, ଅତିରିକ୍ତ ଏସ୍‌ପି ଦୀପକ ଗୋଚ୍ଛାୟତ, ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଯୋଗଦେଇ ଜନସାଧାରଣଙ୍କ ସହଭାଗିତା ଜରିଆରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିମିଳିପାଳକୁ ସୁରକ୍ଷା ଦେଲେ ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ । ବିଶ୍ୱ ଦରବାରରେ ଶିମିଳିପାଳ କଳା ବାଘ ପାଇଁ ପରିଚୟ ହାସଲ କରିଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ସମ୍ମିଳିତ ପ୍ରୟାସ ଜରୁରୀ ବୋଲି ଡ.ସ୍ୱାଇଁ ମତପ୍ରକାଶ କରିଥିଲେ। ଏହି ଅବସରରେ ବାରିପଦା ସବଡିଭିଜନ ଅଧୀନରେ ବାରିପଦା ବନଖଣ୍ଡରୁ ଶ୍ରୀବତ୍ସ ବେହେରା ଓ କରଞ୍ଜିଆ ସବ୍‌ଡିଭିଜନରୁ ଲାଡୁ ବଦ୍ରାଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଭାବେ ପ୍ରତ୍ୟେକକୁ ୨୫ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଏସିଏଫ୍ ପ୍ରଦୀପ କୁମାର ଦେ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ବନ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବାଙ୍ଗିରିପୋଷି ବ୍ଲକ୍ ବଣକାଟି ଏସ୍‌ଏସ୍‌ଡି ବାଳିକା ହାଇସ୍କୁଲର ଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ରାଜ୍ୟସ୍ତରୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏସିଏଫ୍ ମେହରବାନ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଉପଡାକଘରେ ସେବା ବାଧାପ୍ରାପ୍ତ

## ଲୋକେ ହନ୍ତସନ୍ତ

ମୋରଡ଼ା,୮।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବଜାରରେ ଥିବା ଉପଡାକ ଘର (ସବ୍ ପୋଷ୍ଟ ଅଫିସ)ରେ ଇଣ୍ଟରନେଟ ସେବା ବାଧାପ୍ରାପ୍ତ ଯୋଗୁ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଉକ୍ତ ପୋଷ୍ଟ ଅଫିସ ଉପରେ ମୋରଡ଼ା ବ୍ଲକର ୫ ଏବଂ ରାସଗୋବିନ୍ଦପୁର ବ୍ଲକ ଅଧୀନ ୪ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପୋଷ୍ଟ ଅଫିସ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ । ତେବେ ଗତ ଏକ ବର୍ଷ ହେବ ଏଠାରେ ଇଣ୍ଟରନେଟ ସେବା ବାଧାପ୍ରାପ୍ତ ହେଉଥିବାରୁ ଗ୍ରାହକ ଠିକ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ସୋମବାର ମୋରଡ଼ା ଗ୍ରାମର କୁମୁଦିନୀ ମହାକୁଡ଼ ଟଙ୍କା ଉଠାଣ ପାଇଁ ଉକ୍ତ ସବ ପୋଷ୍ଟ ଅଫିସକୁ ଆସିଥିଲେ ମଧ୍ୟ ଇଣ୍ଟରନେଟ ସେବା ଅଭାବରୁ ଟଙ୍କା ଉଠାଣ କରି ପାରି ନ ଥିଲେ। ମଙ୍ଗଳବାର ମଧ୍ୟ ସେ ଟଙ୍କା ଉଠାଣ ପାଇଁ ଆସିଥିଲେ, କିନ୍ତୁ ଇଣ୍ଟରନେଟ ନାହିଁ ବୋଲି ପୋଷ୍ଟମାଷ୍ଟର କହିଥିଲେ। ଏଭଳି ବାରମ୍ବାର ଉକ୍ତ ପୋଷ୍ଟ ଅଫିସକୁ ଆସି ଗ୍ରାହକ ସେବା ନ ପାଇ ଅସନ୍ତୁଷ୍ଟ ହୋଇ ଫେରି ଯାଉଛନ୍ତି। ଏବାବଦରେ ଅଞ୍ଚଳବାସୀ ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଜଣାଇଛନ୍ତି। ଏହାର ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀ ମହାପାତ୍ର ପ୍ରତିଶ୍ରୁତି ମଧ୍ୟ ଦେଇଥିବା ଜଣାପଡ଼ିଛି।



ମୋରଡ଼ା ଉପଡାକ ଘର।

## ୭ ଫୁଟର ଅଜଗର ଉଦ୍ଧାର

ଗୋପବନ୍ଧୁ ନଗର,୮।୧୦
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ଜଗନ୍ନାଥ ମନ୍ଦିର ନିକଟରେ ଏକ ଅଜଗର ସାପ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ସନ୍ଧ୍ୟା ସମୟରେ ଏହି ସାପକୁ ଦେଖି ଭୟଭୀତ ହୋଇପଡ଼ିଥିଲେ। ସାପଟି ମନ୍ଦିର ପଛ ପାଖ ରାସ୍ତା ନିକଟସ୍ଥ ସ୍ୱର୍ଗତ ସଞ୍ଜୀବ ଦତ୍ତଙ୍କ ଘର ବାଡ଼ିରେ ଲଟା ଭିତରେ ଗୁଡ଼ାଇ ହୋଇ ରହିଥିଲା। ଖବର ପାଇ ସ୍ନେକ ହେଲ୍ପ ଲାଇନ, ଉଦଳା ବନ ବିଭାଗ ଓ କୁଆମରା ସେକ୍ସନ ବନ ବିଭାଗ କର୍ମଚାରୀ ଆସି ସାପଟିକୁ ଉଦ୍ଧାର କରିଥିଲେ। ଏହାର ଲମ୍ବ ପ୍ରାୟ ୭ ଫୁଟ ହେବା ଅନୁମାନ କରାଯାଇଛି।

**PARADIP PORT AUTHORITY**
**MARINE DEPARTMENT**
No. MD/ACCTS/WK/R-06/2025/1268 Date: 29/09/2025

Name of the Work : Supply of 01 no. 25 Knots Speed Patrol-cum-Chase Boat along with Manning Crew on hire for a period of 05 (five) years. Estimated cost put to tender : Total Estimated cost including Hire Charges & Fuel: Rs.7,49,26,258/- excluding GST. Estimated cost put to Tender towards Hire Charges only Rs.5,05,69,244/- excluding GST. Last date & time of submission of tender through on-line bidding is **17:30 Hours on 23/10/2025.** Date & time for opening of Technical Bid is **15:30 hours on dt.24/10/2025.** For further details, please log on to the Website:

Sd/- Deputy Conservator, Paradip Port Authority
PPA/PR/47/2025-2026 dtd.07.10.2025

Government of Odisha No.O-906
**Office of the Superintending Engineer**
**Rural Works Division, Dhenkanal**
E-Mail : eerwdivisiondhenkanal@yahoo.co.in
**e-Procurement Notice No.05/Building Works/2025-26**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Works | : | 05 (Three) Nos |
| 3. | Estimated Cost | : | Rs. 61.17 to 69.29 lakh (approx) |
| 4. | Class Contractor | : | "B" Class |
| 5. | Period of Completion | : | 08 (Eight) Months |
| 6. | EMD Required | : | As mentioned in the Annexure at Column-04 |
| 7. | Online for bidding | : | 10.10.2025 at 11.30 A.M. to 24.10.2025 up to 5.00 P.M. |
| 8. | Last Date & Time of seeking tender clarification | : | 23.10.2025 upto 4.00 P.M. |
| 9. | Date & Time of opening of tender (Technical & Financial Bid) | : | 27.10.2025 Technical Bid at 11.00 A.M. & Financial Bid to be announced |

Further details can be seen from the website http://tendersorissa.gov.in
OIPR-25101/11/0024/2526
Sd./- Superintending Engineer
R.W. Division, Dhenkanal

**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office:2nd Floor, JUSNL (SLDC) Building Kusai Colony, Doranda, Ranchi -834002
(E-mail:cetjusnl@gmail.com)

**1st TIME EXTENSION NOTICE**

Important date against **NIT No. 390/PR/JUSNL/2025-26** for Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub-station including construction of Control Room Building & approach road as well as other civil works at Sindri (Hurl) on turnkey basis is hereby extended in following manner:-

| | |
|---|---|
| End date and time of upload of BID | 22.10.2025 up to 04:00 PM |
| BID Opening date for technical & commercial part | 23.10.2025 at 04.00 PM |

This extension notice is also available on the website www.jharkhandtenders.gov.in

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager C&M (NWBP)

PR No. 361530
PR 363607 Jharkhand Urja Sancharan Nigam Ltd(25-26)D

Government Of Odisha No.O-857
**Office of the Superintending Engineer**
**Rural Works Division-I, Nabarangpur**
e-mail - eerwngp@rediffmail.com
Letter No. : 5271 Date : 24.09.2025

**e-Procurement Notice**

Name of the work : Road Works, Total No. of works : 38 (Thirty Eight) No's., Approx. Estimated Cost : Rs. 5.08 lakhs to Rs.13.56 lakhs, Class of Contractor : "C" & "D" Class Contractor, Period of completion : 2 (Two) Calendar Months

| Procurement Officer | Bid Identification No. | No. of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 5 | |
| Rural Works Division-I, Nabarangpur | EERWNGP - Online-07/2025-26 | 38 (Thirty Eight) No's | 10.10.2025 at 10.00 A.M. | 18.10.2025 up to 03.00 P.M. | 20.10.2025 at 11.00 A.M. | |

For details can be seen from the Government website www.tendersorissa.gov.in.
Sd./- Executive Engineer
OIPR-25092/11/0022/2526 Rural Works Division-I, Nabarangpur

Government Of Odisha No.O-894
**Office of the Executive Engineer**
**Rural Works Division-II, Nabarangpur, Umerkote**
e-mail - eerwukt@gmail.com & eerwukt@ymail.com
Letter No. : 3462 Date : 25.09.2025

**e-Procurement Notice**

1. Name of the work : Road Works, 2. Total No. of works : 10 (Ten) Nos., 3. Approx. Estimated Cost : Varies from 51.84 Lakhs to 97.46 Lakhs, 4. Class of Contractor : "B" Class of Contractor, 5. Period of completion : As per TCN

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/10/ RWD-UKT/2025-26 | 13.10.2025 at 11.00 A.M. | 24.10.2025 up to 5.00 P.M. | 23.10.2025 at 01.00 P.M. | 27.10.2025 at 11.00 A.M. | To be intimated separately |

Further details can be seen from the Government website www.tendersodisha.gov.in.
Sd./- Executive Engineer
OIPR-25103/11/0025/2526 Rural Works Division-II, Nabarangpur, Umerkote

**कार्यालय अधीक्षण अभियंता, लोक निर्माण विभाग, बिलासपुर मंडल, बिलासपुर**
**ई-प्रोक्यारमेंट निविदा सूचना**
**Portal: http://eproc.cgstate.gov.in**

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु दिनांक 28.10.2025 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 325 | धनगांव संबलपुर मार्ग कि.मी. 1/2 से 1/10 कुल 1.00 कि.मी. एवं दावो से हरियरपुर (बैहरसरी) पहुंच मार्ग कि.मी. 1/2 से 1/10 कुल 1.00 कि.मी. का विशेष गरम्मत कार्य। प्रथम आमंत्रण। मुंगेली संभाग। | 99.00 |
| 2 | 326 | सिल्ली से बैहाकापा मार्ग कि.मी. 1/2 से 1/10 कुल 1.00 कि.मी. एवं नवागांव घुठेरा बैहाकापा छाता मार्ग के कि.मी. 1/2 से 1/10 कुल 1.00 कि.मी. का विशेष मरम्मत कार्य। प्रथम आमंत्रण। मुंगेली संभाग। | 99.00 |
| 3 | 327 | मुंगेली नवापारा मार्ग के कि.मी. 1/8(100), 1/10 कुल 300 मी. एवं रामाकांपा हेड़सपुर मार्ग के कि.मी. 2/8 से 3/10 (300) कुल 300 मी. का विशेष मरम्मत कार्य। प्रथम आमंत्रण। मुंगेली संभाग। | 39.79 |
| 4 | 328 | कपुआ पहुंच मार्ग के कि.मी. 1/6 (100), 1/8 से 1/10 कुल 400 मी. एवं परसदा से केवईयां मार्ग के कि.मी. 1/2 से 1/4 एवं 2/6 (100) कुल 500 मी. का विशेष मरम्मत कार्य। प्रथम आमंत्रण। मुंगेली संभाग। | 99.88 |
| 5 | 329 | अचानकमार-केंवची मार्ग लंबाई 42.00 कि.मी. (राज्यमार्ग क्रमांक 08) में फेसवॉल, सीमेंट कांक्रीट मार्ग, प्रोटेक्शन वॉल, पेण्ड्रा अमरपुर आमाडांड बस्तीबगरा-आमगांव मार्ग (मुख्य जिला मार्ग 78) के कि.मी 30/8 में भारी बारिश के कारण क्षतिगस्त मार्ग, अचानकमार-केंवची मार्ग लंबाई 42.00 कि.मी. (राज्यमार्ग क्रमांक 08) में फेसवॉल, पुलिया का कॉलम का विशेष मरम्मत अंतर्ग मरम्मत कार्य। प्रथम आमंत्रण। पेण्ड्रा संभाग। | 65.01 |
| 6 | 330 | बसंतपुर-भाड़ी मार्ग (मुख्य जिला मार्ग 79) का विशेष मरम्मत अंतर्गत् मरम्मत कार्य। पेण्ड्रा पसान (राज्यमार्ग क्रमांक 04) में कि.मी. 290/2, 290/4, 290/8, 290/10 एवं 286/4, 291/4 मे पुलिया का बिशेष मरम्मत अंतर्गत मरम्मत कार्य। पेण्ड्रा पसान (राज्यमार्ग क्रमांक 04) में कि.मी. 278/10, 281/6, 289/8 में पुलिया गे रेलिंग, पीपरखुटी आमागोहन खोगसरा मार्ग (मुख्य जिला मार्ग 86) लंबाई 18.80 कि.मी. (राज्यमार्ग क्रमांक 08) में फेसवॉल, एवं रिटेंनिग बॉल का विशेष मरम्मत अंतर्गत मरम्मत कार्य। प्रथम आमंत्रण। पेण्ड्रा संभाग। | 88.49 |
| 7 | 331 | कोटगी-पसान-कटघोरा मार्ग (रा.मा. 04), 29484 (2 मी. स्पॅान रलेव कलवर्ट), 300/10 (100 डाया एव.पी.सी.), 301/2 (50मी. रिटेनिंग वाल), 306/2 to 329 /10, 332/8, 332/10, 333/2, 333/2, 335, 339/10 (पुल पुलिया मरम्मत), 353/2 (एप्रोच मरम्मत), चोटिया-चिरगिरी मार्ग (रा.मा.क. 15) कि.मी. 11/6 पुल पुलिया मरम्मत, कटधोरा बायपास मार्ग कि.मी. 2/10, 3/4 सी.सी. मार्ग निर्माण, राहा से रवा गार्ग कि.मी. 8/8 बनवार नाला पुलिया में एप्रोच रोड निर्माण एवं कोरवी जल्के मार्ग कि.मी. 5/4 पुल पुलिया मरम्मत। प्रथम आमंत्रण। कोरवा संभाग। | 108.60 |
| 8 | 332 | हरनगुंडी पहुंच मार्ग (सी.सी. मार्ग निर्माण), पाली दिपका मार्ग कि.मी. 2/4 में निर्गित पुलिया का विशेष मरम्मत, कि.मी. 11/4, 12/2 में शोल्डर एम्वेंकमेंट का विशेष मरम्मत, कटपोरा कोरबा मार्ग कि.मी. 2/4 में शोल्डर एम्वेंकमेंट का विशेष मरम्मत एवं कटघोरा से जुराली मार्ग अहिरन नदी पहुंच मार्ग का विशेष मराम्मत। प्रथम आमंत्रण। कोरवा संभाग। | 123.50 |
| 9 | 333 | चांपा कोरवा मार्ग (एन.एच. 149वी) कि.मी. 1/8-10 सी.सी. मार्ग निर्माण एवं सीपत बलौदा कोरवा मार्ग कि.मी. 42/4 सी.सी. मार्ग निर्माण। प्रथम आमंत्रण। कोरवा संभाग। | 160.00 |
| 10 | 334 | कोथारी सोहागपुर उमरेली मार्ग 4/2 में सी.सी. मार्ग एवं नाली निर्माण एवं 4/6 मे सड़क उन्नयन कार्य, गड़बारानी लबेद मार्ग 1/8, 2/4, 2/8, 2/10, 3/6 जी.एस.बी., डब्लयू एम.एम. बी.टी. एवं आर.सी.सी. नाली निर्माण। प्रथम आमंत्रण। कोरवा संभाग। | 110.00 |
| 11 | 335 | कुदमुरा बरपाली शयांग मार्ग कि.मी. 15/6, रिटेनिंग बाल, शोल्डर इम्प्रूवमेंट कार्य, लेगरू नकिया विमलता शयांग मार्ग कि.मी. 12/10, 18/10 रिटेनिंग वाल, सी.सी. शोल्डर, मड़वारानी पटियापाली लबेद मार्ग कि.मी. 7/8, 8/4, 8/6 (100) = 500 मीटर बस्ती भाग में सी.सी. रोड निर्माण, कि.मी. 10/4, 13/2 क्षतिग्रस्त पुलिया का मरम्मत एवं जोगीपाली नोनदरहा मार्ग कि.मी. 5/2, 5/4 सी.सी. रोड निर्माण। प्रथम आमंत्रण। कोरबा संभाग। | 99.84 |
| 12 | 336 | जगमहंत से महंत मार्ग के कि.मी. 1/2 से 1/8(50) = 0.650 मी., कि.मी. 1/8 (150) से 2/4 (150) = 0.700 मी., कि.मी. 2/4(50) से 3/2(50) = 0.700 मी., कि.मी. 3/2(150) से 3/8(150) = 0.700 मी., कि.मी. 3/8(50) से 4/4 = 0.650 मी. में विशेष मरम्मत कार्य। प्रथम आमंत्रण। चांपा संभाग। | 97.74 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

स्वा./- अधीक्षण अभियंता
लो.नि.वि. बिलासपुर मण्डल, बिलासपुर
G-252603977/3

**झारखण्ड सरकार**
**पुलिस अधीक्षक का कार्यालय, गुमला**
**(गुमशुदा की तलाश)**



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र–14 वर्ष, पे0– स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था। इस संबंध में अहतु थाना कांड सं0–14/21 दिनांक–28.08.21 दर्ज कर खोजबीन किया जा रहा हैं। **जिसका रंग सावला, भारीर सामान्य, बाल काला, भाषा सादरी एवं हिन्दी बोलती है। पीड़िता का आधार नं0 xxxx-10148-9996** है । इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आवश्यक है।

अतः सभी जन साधारण से अनुरोध है कि उपरोक्त पीड़िता मुक्ता टोप्पो, उम्र–14 वर्ष के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। – 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, अहतु – 8986604606

पुलिस अधीक्षक,
गुमला
PR 363588 Police Wireless Headquarter(25-26)#D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, लातेहार**

ई–प्रोक्योरमेंट सूचना
ई–निविदा प्रसंग सं० :– **RCD/LATEHAR / 910 / 2025-26**
दिनांक :– **07-10-2025**

| | | |
|---|---|---|
| 1. | कार्य का नाम | लातेहार, जुबली चौक (NH-75) - हेरहंज भाया नवादा (SH-10) पथ के चैनेज 0.00 कि0मी0 से 2.50 कि0मी0 में IRQP कार्य (कुल लम्बाई–2.500 कि0मी0) । |
| 2. | प्राक्कलित राशि (रूपये में) | रू० 1,69,70,298.00 (एक करोड़ उनहत्तर लाख सत्तर हजार दो सौ अनठानबे रुपये) मात्र |
| 3. | कार्य समाप्ति की अवधि | 02 (दो) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 12.10.2025 को 10:30 बजे पूर्वाह्न से |
| 5. | निविदा प्राप्ति की अंतिम तिथि एवं समय | 25.10.2025 के 12:00 बजे दिन तक |
| 6. | निविदा खोलने की तिथि एवं समय | 29.10.2025 के 12:00 बजे दिन तक |
| 7. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, लातेहार। |
| 8. | प्रोक्योरमेंट पदाधिकारी का सम्पर्क नं० | 06565–245081 |
| 9. | ई–प्रोक्योरमेट सेल का हेल्प लाईन नं० | 0651–2403007 |

➤निविदा की अन्य शर्ते वेबसाइट **http://jharkhandtenders.gov.in** पर।
➤पथ निर्माण विभाग, झारखण्ड में निबंधित निविदाकारों को यूकैन से संबंधित प्रमाण पत्र की छाया प्रति संलग्न करना अनिवार्य है।
➤कार्य की प्राक्कलित राशि घटने–बढ़ने की स्थिति में, उसी के अनुरूप अग्रधन की राशि एवं परिमाण विपत्र का मूल्य लिया जायेगा।

*E-mail ID : eercdlatehar-jhr@nic.in*
*Tel. No. – 06565-248418*
कार्यपालक अभियंता,
PR 363550 (Road)25-26*D पथ निर्माण विभाग, पथ प्रमण्डल, लातेहार

# ଜାତୀୟ ରାଜପଥରେ ଖାଲ

## ମରାମତି ହେଉନି, ଦୁର୍ଘଟଣା ବଢ଼ୁଛି

ଯୋଡ଼ା,୮।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ୫୨୦ ନଂ. ଜାତୀୟ ରାଜପଥର ବିଲେଇପଦା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁ ସୃଷ୍ଟି ହୋଇଥିବା ବଡ଼ ଖାଲରେ ଦୈନିକ ଦୁର୍ଘଟଣା ଘଟୁଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ବଢ଼ୁଛି।

ପ୍ରକାଶ ଯେ, ରିମୁଲିରୁ ରାଜାମୁଣ୍ଡା ୫୨୦ ନଂ. ଜାତୀୟ ରାଜପଥ ଯୋଡ଼ା ଖଣି ଅଞ୍ଚଳର ମୁଖ୍ୟ ଓ ବ୍ୟସ୍ତବହୁଳ ରାସ୍ତା ଭାବେ ପରିଚିତ। ଗତ ପ୍ରାୟ ୪ ବର୍ଷ ହେବ ଏହି ଜାତୀୟ ରାଜପଥ ନିର୍ମାଣ କରାଯାଇଥିଲା। ଏହାପରେ ବିଲେଇପଦା କଣ୍ଡରାଠାରେ ଟୋଲ୍‌ଗେଟ୍ କରି ଟୋଲ୍ ଫି ଆଦାୟ କରାଯାଉଛି। ଦୀର୍ଘ ୪ ବର୍ଷ ପରେ ମଧ୍ୟ ଯୋଡ଼ାରୁ ଲହଣ୍ଡା ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ିଛି। ନିର୍ମାଣ କରାଯାଇଥିବା ରାସ୍ତାରେ ଏବେ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ବିପଦପୂର୍ଣ୍ଣ ଭାବେ ରହିଛି। ବିଶେଷକରି ବିଲେଇପଦାର ବିଭିନ୍ନ ସ୍ଥାନରେ ରାସ୍ତା ମରାମତି ଅଭାବରୁ ଖାଲ ସୃଷ୍ଟି ହୋଇ ଯାତାୟାତ ସମୟରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ହେବା ପରଠାରୁ ବିଭାଗ ପକ୍ଷରୁ ଅତି ନିମ୍ନମାନର ମରାମତି କରାଯାଉ ଥିବାରୁ ସ୍ଥାୟିତ୍ୱ ରହୁନାହିଁ। ବିଲେଇପଦାଠାରେ ଏକ ଓଭର ବ୍ରିଜ୍ ନିର୍ମାଣ, କଳାପାହାଡ଼ଠାରେ ଏକ ସର୍ଭିସ ରୋଡ ଏବଂ କଳାପାହାଡ଼ଠାରୁ ଲହଣ୍ଡା ପର୍ଯ୍ୟନ୍ତ ୪ ଲେନ ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଖଣି ଅଞ୍ଚଳରୁ ସରକାର ଅନେକ କୋଟି ରାଜସ୍ୱ ପାଉଛନ୍ତି। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ନିର୍ମାଣ ସମ୍ପୂର୍ଣ୍ଣ କରିବା ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ଯୋଡ଼ା ବ୍ଲକର ୨୮ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଉମ୍ବୁଧର କୁଦାଦା ଅଭିଯୋଗ କରିଛନ୍ତି, ଦେଶର ଖଣିଜ ପରିବହନର ମୁଖ୍ୟ କ୍ଷେତ୍ର ହେଉଛି ଯୋଡ଼ା ଖଣି କ୍ଷେତ୍ର। ଏହି ଖଣି କ୍ଷେତ୍ରରୁ ଜାତୀୟ ରାଜପଥ ଦେଇ ଦେଶର ବିଭିନ୍ନ ପ୍ରାନ୍ତକୁ ଅନେକ ହଜାର ଟନ୍ ଲୁହାପଥର ଟ୍ରକ୍ ଦ୍ୱାରା ପରିବହନ ହେଉଛି। ଏଥିରୁ ସରକାର ଓ ପରିବହନ ବିଭାଗ ବିପୁଳ ପରିମାଣର ରାଜସ୍ୱ ପାଉଛନ୍ତି। ତଥାପି ଉକ୍ତ ରାସ୍ତା ପ୍ରତି ଅଣଦେଖା କରାଯାଉଥିବାରୁ ଯାତାୟାତରେ ଲୋକଙ୍କ ସମସ୍ୟା ଓ ରାସ୍ତା ଦୁର୍ଘଟଣା ବୃଦ୍ଧି ପାଉଛି। ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଦୃଷ୍ଟି ଦେବା ପାଇଁ ସେ ଦାବି କରିଛନ୍ତି।


ଜାତୀୟ ରାଜପଥରେ ପିଚୁ ଉଠି ଖାଲ ହୋଇଛି।

# ବିପଦକୁ ଆମନ୍ତ୍ରଣ କରୁଛି ଝୁଲନ୍ତା ବିଦ୍ୟୁତ୍ ତାର



## ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଘା ନାହିଁ

ଚମ୍ପୁଆ,୮।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ମୁଖ୍ୟ ବଜାରରେ ଥିବା ରାଧାକୃଷ୍ଣ ମନ୍ଦିର ରାସ୍ତାକଡ଼ରେ ବିପଦଜନକ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲି ରହିଛି। ଏହି ଉଚ୍ଚଶକ୍ତି ସମ୍ପର୍ଣ୍ଣ ତାର ସଂସ୍ପର୍ଶରେ ହେଉ କିମ୍ବା ସର୍ଟସର୍କିଟ ଯୋଗୁ କେତେବେଳେ ଅଘଟଣ ନ ଘଟିବ ତାହା କହି ହେବ ନାହିଁ। ତେଣୁ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

ସୂଚନା ଅନୁଯାୟୀ, ଏଠାରେ ଚା ଦୋକାନ, ହୋଟେଲ, ଏନ୍‌ଏସିର ମାର୍କେଟ କମ୍ପ୍ଲେକ୍ସ ଓ ରାମ ମନ୍ଦିର ଯିବାକୁ ରାସ୍ତା ରହିଛି। ଝୁଲି ରହିଥିବା ତାର ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରୁଛି। ଦୈନିକ ବହୁ ଲୋକ ଏହି ବାଟ ଦେଇ ଯାତାୟାତ କରୁଛନ୍ତି। ଦୀର୍ଘ ଦିନ ଧରି ଏହି ଖୁଣ୍ଟରୁ ୨୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଲାଇନ୍ ସଂଯୋଗ ହୋଇଛି। ଏହାର ସୁରକ୍ଷା ପ୍ରତି ନେସ୍କୋ ଦୃଷ୍ଟି ନ ଦେବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ପାଲଟଣା ଦୋକାନ ଘର ସହ ଖୁଣ୍ଟକୁ ଲାଗି ଏକ ଗଛ ଥିବାରୁ ବିପଦର ସମ୍ଭାବନାକୁ ଅଧିକ ଜଟିଳ କରିଛି। ନେସ୍କୋ ଦେୟ ଆଦାୟକୁ ଯେତିକି ଗୁରୁତ୍ୱ ଦେଉଛି ଉପଭୋକ୍ତାଙ୍କ ସେବାକୁ ସେତିକି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଅଭିଯୋଗ କଲେ ମଧ୍ୟ ମାସ ମାସ ଧରି ଉପଯୁକ୍ତ ସେବା ମିଳିବାରେ ବିଳମ୍ବ ଘଟୁଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଜଗନ୍ନଜୟ ମହାରଣାଙ୍କୁ ପଚାରିବାରୁ କହିଛନ୍ତି, ସଂଯୋଗ ଦିଆଯାଇଥିବା ତାରା ଆବଶ୍ୟକଠାରୁ ଅଧିକ ରହିଥିବାରୁ ଏଭଳି ପରିସ୍ଥିତି ହୋଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଏ ସମସ୍ୟା ଦୂର ପାଇଁ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବଡ଼ବିଲ ବାର୍ ଆସୋସିଏଶନର ଆନ୍ଦୋଳନ

ବଡ଼ବିଲ,୮।୧୦ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ବାର ଆସୋସିଏଶନ ପକ୍ଷରୁ ବୁଧବାର ଦିନିକିଆ ଆନ୍ଦୋଳନ କରାଯାଇଛି। ବ୍ରହ୍ମପୁରର ଆଇନଜୀବୀ ତଥା ଓଏସ୍‌ବିସି (ଓଡ଼ିଶା ଷ୍ଟେଟ ବାର କାଉନ୍‌ସିଲ) ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତ ଗୁଳିକରି ହତ୍ୟା ଘଟଣାର ପ୍ରତିବାଦ ସ୍ୱରୂପ ରାଜ୍ୟ ବ୍ୟାପୀ ଆଇନ୍‌ଜୀବୀମାନେ ଆନ୍ଦୋଳନ କରିଥିଲେ। ଏହି କ୍ରମରେ ବଡ଼ବିଲରେ ମଧ୍ୟ ଆଇନ୍‌ଜୀବୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ପୂଜା ଛୁଟି ପରେ ବୁଧବାର କୋର୍ଟ ଖୋଲିଥିଲା। ତେବେ ଓଏସ୍‌ବିସି ନିର୍ଦ୍ଦେଶ କ୍ରମେ ଆସୋସିଏଶନର ସଭାପତି ସୂର୍ଯ୍ୟକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନ ୧୦ ଟା ବେଳେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଦିନିକିଆ ଆନ୍ଦୋଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଆଇନଜୀବୀ ପୀତବାସଙ୍କ ସ୍ମୃତିରେ ସଦସ୍ୟମାନେ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପୀତବାସଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ସହ ରାଜ୍ୟରେ ଆଇନଜୀବୀଙ୍କ ସୁରକ୍ଷା ନିମନ୍ତେ ସରକାର ଯତ୍ନବାନ ହେବା ଜରୁରୀ ବୋଲି ଉପ-ସଭାପତି ବଳରାମ ମହାନ୍ତି କହିଥିଲେ।

# ନୂତନ ପଞ୍ଚାୟତରେ ଗ୍ରାମ ମିଶ୍ରଣକୁ ବିରୋଧ


ଓ୍ୱାର୍ଡବାସିନ୍ଦା ବିଡିଓଙ୍କୁ ଭେଟି ଅଭିଯୋଗ କରୁଛନ୍ତି।

## ଗ୍ରାମବାସୀଙ୍କ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ପାଟଣା,୮।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌ରେ ପଞ୍ଚାୟତ ପୁନର୍ଗଠନ ନେଇ ସାହାରପଡ଼ା ବ୍ଲକ୍ ପ୍ରଶାସନ ଡିପିଓଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି। ଏଥିରେ ବଡ଼ବିଲ ପଞ୍ଚାୟତର ତିଳବେଡ଼ା ଗ୍ରାମ ନୂତନ ପଞ୍ଚାୟତ ମାଟିଆଗୁନରେ ମିଶ୍ରଣ ହୋଇଥିବା ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଚିଠିରେ ସୂଚିତ ହୋଇଛି। ଏହାକୁ ବିରୋଧ କରି ଗ୍ରାମର ଶତାଧିକ ମହିଳା, ପୁରୁଷ ସାହାରପଡ଼ା ବିଡ଼ିଓ ରଞ୍ଜିତ୍ ମହାନ୍ତଙ୍କୁ ଭେଟି ପୁନର୍ଗଠନ ହେବାକୁ ଥିବା ମାଟିଆଗୁନି ପଞ୍ଚାୟତରେ ତିଳବେଡ଼ା ନ ମିଶାଇବାକୁ ଦାବିପତ୍ର ଦେଇଛନ୍ତି।

ସୂଚନା ଅନୁଯାୟୀ, ସାହାରପଡ଼ା ବ୍ଲକର ୧୮ ମୌଜାକୁ ପଞ୍ଚାୟତ ପୁନର୍ଗଠନ ପ୍ରକ୍ରିୟାରେ ସାମିଲ କରି ତଣ୍ଡ, ଜାମୁଦା, କମାରମରା, ମହୁଦିପା, ମାଟିଆଗୁନିଭାବେ ନୂତନ ପଞ୍ଚାୟତ ଗଠନ ନେଇ ବ୍ଲକ୍ ପକ୍ଷରୁ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ନୂଆ ପଞ୍ଚାୟତରେ ବାଲିତୋଟା ଓ ଗୋଜିଟାଙ୍ଗିରୀ ଗ୍ରାମଗୁଡ଼ିକୁ ନେଇ ତଣ୍ଡଠାରେ ଏବଂ କମାରମରା, ଅସ୍ତଯୋଡ଼ି, ବାଉଁଶନାଳୀ ଗ୍ରାମଗୁଡ଼ିକୁ ନେଇ କମାରମରାଠାରେ ଏବଂ ଯାମଦା, ବାଲିପଶି, ମୟୂରପଙ୍ଖା, ଅର୍ଜୁନପଶି, ଗନିଆବରେଇ ଗ୍ରାମଗୁଡ଼ିକୁ ନେଇ ଯାମଦାଠାରେ ଏବଂ ବାରଟଣିଆ, ମାଟିଆଗୁନି, ରାଧାପୁର, ମେଦିନୀପୁର, ପିଙ୍ଗୁପାଟଣା, ତିଳବେଡ଼ା ଗ୍ରାମଗୁଡ଼ିକୁ ନେଇ ମାଟିଆଗୁନିଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ହେବାକୁ ପ୍ରସ୍ତାବ ରହିଛି। ବଡ଼ବିଲ ପଞ୍ଚାୟତର ୬ ନମ୍ବର ଓ୍ୱାର୍ଡ ତିଳବେଡାର ଶତାଧିକ ମହିଳା ଓ ପୁରୁଷ ମିଳିତ ଭାବେ ବୁଧବାର ପ୍ରସ୍ତାବିତ ନୂତନ ପଞ୍ଚାୟତ ମାଟିଆଗୁନିରେ ମିଶ୍ରଣକୁ ବିରୋଧ କରି ସାହାରପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତିଳବେଡ଼ାଠାରୁ ମାଟିଆଗୁନି ୧୨ କି.ମି. ଦୂର ହେଉଥିବାରୁ ଗମନାଗମନର ଅସୁବିଧା ହେବ। ତେଣୁ ସେମାନେ ବଡ଼ବିଲ ପଞ୍ଚାୟତରେ ରହିବାକୁ ଦର୍ଶାଇଛନ୍ତି। ସାହାରପଡ଼ା ବିଡ଼ିଓ ରଞ୍ଜିତ ମହାନ୍ତ କହିଛନ୍ତି, ଗ୍ରାମଗୁଡ଼ିକୁ ନେଇ ନୂତନ ପଞ୍ଚାୟତ ଗଠନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏଯାବତ୍ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଲୋକେ ସୋସିଆଲ ମିଡ଼ିଆରୁ ଚିଠି ଦେଖି ଭୟଭିତ ହୁଅନ୍ତୁ ନାହିଁ। ନୂତନ ପଞ୍ଚାୟତ ହେଲେ ପଲ୍ଲିସଭା, ଗ୍ରାମସଭା ହେବ। ଲୋକେ ସେମାନଙ୍କ ଦାବି ରଖିପାରିବେ। ଲୋକଙ୍କ ସୁବିଧା ପାଇଁ ପଞ୍ଚାୟତ ହେବ। ଗ୍ରାମବାସୀଙ୍କ ଦାବି ଗ୍ରହଣ କରିଛନ୍ତି। ସେମାନଙ୍କୁ ବଡ଼ବିଲ ପଞ୍ଚାୟତରେ ରହିବାକୁ ସରକାରଙ୍କୁ ସୁପାରିଶ କରିବେ ବୋଲି କହିଥିଲେ।

## ହଦଗଡ଼ ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ

ବଉଳା,୮।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ହାଟଡ଼ିହୀ ବ୍ଲକ୍‌ର ହଦଗଡ଼ ବନଖଣ୍ଡ ପକ୍ଷରୁ କାଠକଟା ସେକ୍ସନଠାରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଏଥିରେ ଡିଏଫ୍‌ଓ ପ୍ରଶାନ୍ତ କୁମାର ପଣ୍ଡା, ଏସିଏଫ୍ ଅଶୋକ କୁମାର ବିଶ୍ୱାଳ, ହଦଗଡ଼ ବନାଞ୍ଚଳ ଖଣ୍ଡ ଅଧିକାରୀ ମାର୍ଶଲ କିସ୍କୁ, ଫରେଷ୍ଟର ମଳୟ କୁମାର ସାହୁ ଓ ଲକ୍ଷ୍ମୀଧର କିସ୍କୁ ଯୋଗଦେଇ ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସମ୍ପର୍କ ଓ ସୁରକ୍ଷାକୁ ନେଇ ଆଲୋଚନା କରାଯାଇଥିଲା। ଏଥିରେ ବନ ସୁରକ୍ଷା ସମିତିର ସଦସ୍ୟା, ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଯୋଗଦେଇ ବନ୍ୟ ସୁରକ୍ଷା ଉପରେ ମତ ରଖିଥିଲେ। ଲୋକମାନେ କିଭଳି ବନ୍ୟପ୍ରାଣୀ ସପ୍ତାହ ଉପରେ ସଚେତନ ହୋଇ ଜଙ୍ଗଲର ସୁରକ୍ଷା କରିହେବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ସମୟରେ ବନ ସୁରକ୍ଷା ସମିତିର ମାଆମାନେ ଯୋଗଦେଇଥିଲେ।

# ନାରାୟଣ ସଭାପତି, ସନ୍ତୋଷ ସମ୍ପାଦକ ମନୋନୀତ


ନୂତନ ସଭାପତି ଓ ସମ୍ପାଦକଙ୍କ ସହ କ୍ଲବ କର୍ମକର୍ତ୍ତା।

## ଆନନ୍ଦପୁର ପ୍ରେସ୍ କ୍ଲବ୍ ନିର୍ବାଚନ

ବାଞ୍ଛୋ,୮।୧୦(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ୍ କ୍ଲବ୍ ଭବନରେ ବୁଧବାର କ୍ଲବ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପୂର୍ବ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ବରିଷ୍ଠ ସଦସ୍ୟ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲା। ବରିଷ୍ଠ ସଦସ୍ୟ କିଶୋର କୁମାର ଆଚାର୍ଯ୍ୟ ପୂର୍ବ କାର୍ଯ୍ୟକର୍ତ୍ତା ପୂର୍ବ ଭଳି ଦାୟିତ୍ୱ ନିର୍ବାହ କରିବାକୁ ପ୍ରସ୍ତାବ ରଖିଥିଲେ। ଅନ୍ୟତମ ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ପରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ମତ ଉପସ୍ଥାପନା କରିଥିଲେ। ଏହିକ୍ରମରେ ନାରାୟଣ ସାହୁ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସନ୍ତୋଷ ରାଉତ ସମ୍ପାଦକ ମନୋନୀତ ହୋଇଥିଲେ। ସେହିଭଳି ଉପସଭାପତି ଭାବେ କିଶୋର ଆଚାର୍ଯ୍ୟ, ସଞ୍ଜୟ ଦଳେଇ, ସଂଗଠନ ସମ୍ପାଦକ ଦିଲୀପ ମିଶ୍ର, ସହ ସମ୍ପାଦକ ଉମାକାନ୍ତ ସାହୁ ଏବଂ ପ୍ରଦ୍ୟୁମ୍ନ ହଜାରୀ, କୋଷାଧ୍ୟକ୍ଷ ସପ୍ନେଶର ପଣ୍ଡା, ଆଇନ ପରାମର୍ଶ ଦାତା ଭାବେ ସରୋଜ କାନ୍ତ ପରିଡ଼ା ମନୋନୀତ ହୋଇଥିଲେ। ବରିଷ୍ଠ ସଦସ୍ୟ ନାରାୟଣ ପଣ୍ଡା, ସୁବାସ ମହାପାତ୍ର, ଶତ୍ରୁଘ୍ନ ସାହୁ, ଗୋପାଳ କୃଷ୍ଣ ରାଉତ, ମାନସ ହୋତା ପ୍ରମୁଖ କ୍ଲବ୍‌ର ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ।

## ‘ଅଭିନନ୍ଦନ’ ଗ୍ରନ୍ଥ ଉନ୍ମୋଚିତ

ବଉଳା,୮।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ଜଳସରପୁର ଗ୍ରାମର ବାସୁଦେବ ନାୟକଙ୍କ ଦ୍ୱାରା ରଚିତ ‘ଅଭିନନ୍ଦନ’ ଗ୍ରନ୍ଥ ଉନ୍ମୋଚିତ କରାଯାଇଛି। ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡ. ନାରାୟଣ ଚନ୍ଦ୍ର ସେନାପତି, ମୁଖ୍ୟବକ୍ତା ରତ୍ନାକର ଦାସ, ସମ୍ମାନିତ ଅତିଥି କୈଳାଶ ଚନ୍ଦ୍ର ପଣ୍ଡା, ଶଙ୍ଖାଳୀ ଚରଣ ରାଉଳ, ବିଦ୍ୟୁତପ୍ରଭା ଦେଓ ପ୍ରମୁଖ ଯୋଗଦେଇଥିଲେ। ସାହିତ୍ୟିକ ତଥା ବରିଷ୍ଠ କବି ନାରାୟଣ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। କବି ଅରୁଣ କୁମାର ଜେନା, ବ୍ୟଙ୍ଗ କବି ମୁରଲି ବେହେରା, ରମେଶ ଚନ୍ଦ୍ର ସାହୁ, ନାରାୟଣ ସାହୁ, ବଳରାମ ଜେନା, ଶ୍ରୀକାନ୍ତ ପଣ୍ଡା, ବାସୁଦେବ ଦାସ, ହେମନ୍ତ କୁମାର ନାୟକ, ବାବନ ବେହେରା, ଇନ୍ଦ୍ରମଣୀ ସେଠୀ, ଗୋପାଳ ଚନ୍ଦ୍ର ବେହେରା, ନୃସିଂହ ଚରଣ ପଣ୍ଡା, ବିଦ୍ୟାଧର ସାମଲ ପ୍ରମୁଖ ଯୋଗଦେଇ ନିଜସ୍ୱ କବିତା ପାଠ କରିବା ସହିତ ଭାଗବତ ଚର୍ଚ୍ଚା କରିଥିଲେ। ପରେ ‘ଅଭିନନ୍ଦନ’ ଗ୍ରନ୍ଥ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ମାନସ କୁମାର ନାୟକ ଓ ପରିବାର ସଦସ୍ୟ ସହଯୋଗ କରିଥିଲେ।

## ନୀଳାଚଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ



କେନ୍ଦୁଝର,୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀଶ୍ରୀଠାକୁର ପରମହଂସ ପରିବ୍ରାଜକାଚାର୍ଯ୍ୟ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ନୀଳାଚଳ ସାରସ୍ୱତ ସଂଘର କେନ୍ଦୁଝର ଶାଖାର ୪୮ତମ ବାର୍ଷିକ ଉତ୍ସବ କୁମାରପୂର୍ଣ୍ଣମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀଳାଚଳ ସାରସ୍ୱତ ସଂଘ, ପୁରୀର ଉପସଭାପତି ତଥା କେନ୍ଦୁଝର ଜିଲା ସଂଘର ସଭାପତି କୀର୍ତ୍ତନ ବିହାରୀ ପାତ୍ର ଏବଂ ନୀଳାଚଳ ସାରସ୍ୱତ ସଂଘ, ପୁରୀର ସହ ସମ୍ପାଦକ ଡ଼. ରବୀନ୍ଦ୍ର ନାଥ ପରିଡ଼ା କେନ୍ଦ୍ର ପ୍ରତିନିଧିଭାବେ ସଭା ପରିଚାଳନା କରିଥିଲେ। କେନ୍ଦୁଝର ଶାଖାର ସଭାପତି ମାଗୁଣି ଚରଣ ବାରିକ ସହଯୋଗ କରିଥିଲେ। ଶାଖା ସଂଘର ଉପସଭାପତି ଦୀପକ କୁମାର ଗିରି, ସମ୍ପାଦକ ଦୁର୍ଗାମାଧବ ପଟ୍ଟନାୟକ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କିସ୍ ପୂର୍ବତନ ଛାତ୍ର ସଙ୍ଗଠନର ବାର୍ଷିକ ବୈଠକ

କେନ୍ଦୁଝର,୮।୧୦(ଦୀପକ ମିଶ୍ର)

କେନ୍ଦୁଝର ନରଣପୁରସ୍ଥିତ କିସ୍ ଶାଖା କାର୍ଯ୍ୟାଳୟ ପରିସରରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପୂର୍ବତନ ଛାତ୍ରୀଛାତ୍ରଙ୍କ ପ୍ରଥମ ବାର୍ଷିକ ପୂର୍ବତନ ଛାତ୍ର ସମ୍ମିଳନୀ ଆୟୋଜିତ ହୋଇଯାଇଛି। କିସ୍‌ର ଜିଲା ସଂଯୋଜକ ଜଗବନ୍ଧୁ ଦାସ ସ୍ୱାଗତ ଭାଷଣ ସହିତ ବୈଠକ ଆରମ୍ଭ ହୋଇଥିଲା। ମୁଖ୍ୟ ବକ୍ତାଭାବେ ପୂର୍ବତନ ଛାତ୍ର ମାନସ କୁମାର ଦେହୁରୀ, ଜିଲା ଅଭିଭାବକ ସଂଗଠନର କର୍ମକର୍ତ୍ତା ଶ୍ୟାମ ସୁନ୍ଦର ନାଏକ ଉପସ୍ଥିତ ରହି ନିଜ ନିଜର ଅଭିଭାଷଣରେ ଅନୁଷ୍ଠାନକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ଛାତ୍ର ବାଦଲ କୁମାର ସିଦୁଙ୍କ ଦ୍ୱାରା ଅନୁଷ୍ଠାନର ନୂତନ ପଦକ୍ଷେପ ଏବଂ ପ୍ରକଳ୍ପ, ପୂର୍ବତନ ଛାତ୍ରଙ୍କ ସଫଳତା କାହାଣୀ ଏବଂ କ୍ୟାରିୟର ବିକାଶ ଉପରେ ଗୋଟିଏ ବିସ୍ତୃତ ଆଲୋଚନା ଉପସ୍ଥାପନା କରାଯାଇଥିଲା। ପୂରାତନ ଛାତ୍ର ଅରୁଣ କୁମାର ମହାପାତ୍ରଙ୍କ ସଂଯୋଜନାରେ ଏକ ପ୍ରଶ୍ନୋତ୍ତର ଅଧିବେଶନରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ନିଜର ନାମ ଓ ବୃତ୍ତିଗତ ପରିଚୟ ପ୍ରଦାନ ସହ ନିଜ ନିଜର ବିଭିନ୍ନ ପ୍ରକାରର ସମସ୍ୟା, ପ୍ରଶ୍ନୋତ୍ତର ଓ ପରାମର୍ଶଗୁଡିକ ଆଲୋଚନା କରିଥିଲେ। ପୂର୍ବତନ ଛାତ୍ର ସୁରେଶ କୁମାର ନାଏକ ସଂଯୋଜନା କରିଥିବା ବେଳେ ପୂରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରମୋଦ ନାଏକ, ଯୋଗେନ୍ଦ୍ର ହେମ୍ବ୍ରମ, ଶୁକଦେବ ମୁଣ୍ଡା, ଲକ୍ଷ୍ମୀପ୍ରିୟା ନାଏକ, ପାର୍ବତୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଛାତ୍ର ଚିନ୍ମୟ ସଏ ସମାପନୀ ମନ୍ତବ୍ୟ ରଖିବା ପରେ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ୫ ମଦ ବେପାରୀ ଗିରଫ


ଗିରଫ ଅଭିଯୁକ୍ତମାନେ।

ରାଇରଙ୍ଗପୁର,୮।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ପୋଲିସ ବୁଧବାର ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ମହିଳା ସମେତ ୫ ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମୋଟ ୧୦୮ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଲେଇଶିଳା ଗ୍ରାମର ନୁନୁରାମ ସୋରେନ, ଛତ୍ରମଣ୍ଡଳ ଗ୍ରାମର ଶାକ୍ର ସୋରେନ ଏବଂ ବିନି ସୋରେନ, କୁକୁଡ଼ମୁଣ୍ଡି ଗ୍ରାମର ସାଲଗେ ମାଝୀ ଓ ବେଲପୁର ଗ୍ରାମର ରାଇମଣି ନାଏକ। ଚଢ଼ାଉ ବେଳେ ରାଇରଙ୍ଗପୁର ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୌମ୍ୟ ରଞ୍ଜନ ବେହେରା, ସର୍କଲ ଇନ୍ସପେକ୍ଟର ବିନୟ ପ୍ରକାଶ ତିର୍କୀ, ରାଇରଙ୍ଗପୁର ଅବକାରୀ ଥାନା ଅଧିକାରୀ ବ୍ରଜ ମୋହନ ମଲ୍ଲିକ ଏବଂ ଏସଆଇ ସୁଧାଂଶୁ କୁମାର ବେହେରା ସାମିଲ ଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ପାଟଣା,୮।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଦୁର୍ଗାଦେଇପୁର୍ ଶାସନର ଧର୍ମପରାୟଣ ଓ ସାମାଜିକ କର୍ମୀ ରାହସ ବିହାରୀ ଦାଶ(୯୭)ଙ୍କ ବୁଧବାର ପରଲୋକ ହୋଇଛି। ସେ କୃଷି ବିଭାଗର ପରିଦର୍ଶକ କାର୍ଯ୍ୟରୁ ଅବସର ପରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ପାଟଣାରେ ରାଧାକୃଷ୍ଣ ଓ ରାମ ମନ୍ଦିର ନିର୍ମାଣରେ ତାଙ୍କର ପ୍ରମୁଖ ଅବଦାନ ଥିଲା। ଏଥିସହ ପାଟଣା ପାରାୟଣ କମିଟିର ସଭାପତି ରହିଥିଲେ। ପାଟଣା ପୂର୍ବତନ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ବଡ଼ ପାଟଣା ସରପଞ୍ଚ ବିନତୀ ବାନରା, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାସ, କଂଗ୍ରେସ ପୂର୍ବତନ ବ୍ଲକ୍ ସଭାପତି ଲକ୍ଷ୍ମଣ ଦାଶ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଶେଷ ସମୟରେ ପରିବାର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ବୈତରଣୀ ନଦୀର ଦୁର୍ଗା ଦେଇପୁର ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ବଡ଼ ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ।

# ବିଦ୍ୟାଳୟ ପରିସର କାଦୁଅ ପଚପଚ


ବିଦ୍ୟାଳୟ ପରିସରରେ ବର୍ଷାଜଳ ଜମି କାଦୁଅ ହୋଇଛି।

## ଯାତାୟାତରେ ଛାତ୍ରୀଛାତ୍ର ହୀନସ୍ତା

ଚମ୍ପୁଆ,୮।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଶିକ୍ଷା ବିଭାଗ ଅଧୀନ ରଜିଆ ପଞ୍ଚାୟତ ଚତରି ସାହି ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଦିନକୁ ଦିନ ଦୟନୀୟ ହେବାରେ ଲାଗିଛି। ଅସରାଏ ବର୍ଷାରେ ବିଦ୍ୟାଳୟ ପରିସରରେ ଆଣ୍ଠୁଏ ଉପରେ ପାଣି ଜମୁଛି। ଫଳରେ ପ୍ରବେଶ ଦ୍ୱାରଠାରୁ ଆରମ୍ଭ କରି ଶ୍ରେଣୀଗୃହ ପର୍ଯ୍ୟନ୍ତ ପାଣି ଜମା ହେଉଥିବାରୁ କାଦୁଅ ପଚପଚ ହେଉଛି। ବିଦ୍ୟାଳୟକୁ ଆସିବା ସମୟରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ୨୦୦୦ରେ ଏହି ଚତରି ସାହିଠାରେ ଶିକ୍ଷାଦାନ ପାଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ମାତ୍ର ବିଭିନ୍ନ ଘାତପ୍ରତିଘାତ ଦେଇ ଗତି କରୁଥିବା ବିଦ୍ୟାଳୟ ଦିନକୁ ଦିନ ତାର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଚଳିତବର୍ଷ ଲଗାଣ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଅସରାଏ ବର୍ଷା ହେଲେ ଏହି ବିଦ୍ୟାଳୟ ପରିସରରେ ଆଣ୍ଠୁଏ ଲେଖାଏ ପାଣି ଜମା ହେଉଛି। ମାତ୍ର ଏଥିପ୍ରତି ଶିକ୍ଷା ବିଭାଗ ବା ପଞ୍ଚାୟତ ଅଧିକାରୀଙ୍କ କାହାର ନଜର ପଡ଼ିପାରୁନାହିଁ। କୁନିକୁନି ପିଲାମାନେ ବିଦ୍ୟାଳୟକୁ ଆସୁଥିବା ବେଳେ ଏହି ପାଣି ଭିତରେ ପଶି କାଦୁଅ ସରସର ହୋଇ ବିଦ୍ୟାଳୟକୁ ଆସୁଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ସନ୍ତୋଷ ନାଏକ କହିଛନ୍ତି, ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନାହିଁ। ବୁଧବାର ବିଦ୍ୟାଳୟ ଖୋଲିଲା। ଦିନେ ଦୁଇଦିନ ମଧ୍ୟରେ ଉକ୍ତ ବିଦ୍ୟାଳୟକୁ ଯାଇ ଆବଶ୍ୟକ ପଦକ୍ଷେପ ନିମନ୍ତେ ଖର୍ଚ୍ଚ ଅଟକଳ କରାଯିବ। ଏଥିସହିତ ଚମ୍ପୁଆ ବିଡିଓଙ୍କ ଦୃଷ୍ଟିକୁ ଅଣାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

# ଆଇନଜୀବୀଙ୍କ କଲମଛାଡ଼ ଆନ୍ଦୋଳନ

ବେତନଟୀ,୮।୧୦(ଧରଣୀଧର ମହାନ୍ତି)


ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା ଘଟଣାର ପ୍ରତିବାଦରେ ବୁଧବାର ବେତନଟୀ ବାର ଆସୋସିଏସନ ଆଇନଜୀବୀଙ୍କ ପକ୍ଷରୁ କଲମଛାଡ଼ ଆନ୍ଦୋଳନ କରାଯାଇଛି। ରାଜ୍ୟ ବାର କାଉନସିଲର ନିଷ୍ପତ୍ତି କ୍ରମେ ବେତନଟୀ ଜେଏମଏଫସି କୋର୍ଟ ପରିସରରେ ଆଇନଜୀବୀମାନଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ବସି କଲମ ଛାଡ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନରେ ଓକିଲ ସଂଘ ସଭାପତି ଦେବବ୍ରତ ପରିଡା, ସମ୍ପାଦକ ପ୍ରବୀର କୁମାର ବାରିକ, ଆଇନଜୀବୀ ରଣଜିତ ଗନ୍ତାୟତ, ସଚ୍ଚିଦାନନ୍ଦ ମହାନ୍ତି, ରବି ନାରାୟଣ ମହାପାତ୍ର, ଦୁଖିଆ ମୁର୍ମୁ, ଅର୍ଣ୍ଣବ ଘୋଷ, ଲମ୍ବୋଦର ନାୟକ, ଲମ୍ବୋଦର ମହାନ୍ତ, କିଶୋର କୁମାର ମହାନ୍ତଙ୍କ ସମେତ ଅନେକ ଆଇନଜୀବୀ ଉପସ୍ଥିତ ଥିଲେ।

# ଅପରାଧୀଙ୍କୁ ଧରିବାକୁ ୬ ଟିମ୍

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା

ବ୍ରହ୍ମପୁର, ୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

କୁମାରପୂର୍ଣ୍ଣିମା ରାତି ପ୍ରାୟ ୧୦ଟାରେ ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କ ଘର ନିକଟରେ ଦୁଇଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଥିଲେ। ବିଭିନ୍ନ ସଙ୍ଗଠନ ପକ୍ଷରୁ ଅପରାଧୀମାନଙ୍କୁ ତୁରନ୍ତ ଧରିବାକୁ ଦୃଢ଼ ଦାବି ହେଉଥିବାବେଳେ ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ଗିରଫ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ବୁଧବାର ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ୬ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ୨ ଡିଏସ୍‌ପି, ୨ ଏସ୍‌ଡିପିଓ ୩ ଜଣ ଇନ୍ସପେକ୍ଟର ଓ ୩ ଜଣ ସବ୍‌ଇନ୍ସପେକ୍ଟର ରହିଛନ୍ତି। ବ୍ରହ୍ମପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏମାନେ ଘଟଣାର ତଦନ୍ତ କରିବେ। ଅନ୍ୟପକ୍ଷରେ ଅପରାଧୀମାନେ



ଯେଉଁ ବାଇକ୍‌ରେ ଆସିଥିଲେ ସେହି ବାଇକ୍‌ର ନମ୍ବର ନକଲି ବୋଲି ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଅପରାଧୀମାନଙ୍କ ସମ୍ପର୍କରେ ସୁରାକ୍ ମିଳିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ। ତେବେ ଗଠିତ ୬ ଟିମ୍ ଭିତରୁ ଗୋଟିଏ ଟିମ୍ ଘଟଣା ଦିନ ସନ୍ଧ୍ୟାଠାରୁ ରାତି ପର୍ଯ୍ୟନ୍ତ ପୀତବାସ କେଉଁ ରାସ୍ତାରେ ଯାଉଥିଲେ ତାହାର ତଥ୍ୟ ସଂଗ୍ରହକରି ଯାଞ୍ଚ କରୁଛି। ଆଉ ଏକ ଟିମ୍ ସାଇଣ୍ଟିଫିକ୍ ରିପୋର୍ଟ ଓ ଅଞ୍ଚଳବାସୀଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରୁଛି। ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଅନ୍ୟ ଏକ ଟିମ୍ ଆଇନଜୀବୀଙ୍କ ମୋବାଇଲକୁ କାହାର ଫୋନ୍ ଆସିଥିଲା, ସେହି ଅଞ୍ଚଳର ମୋବାଇଲଗୁଡ଼ିକର କଲ ରେକର୍ଡ ଯାଞ୍ଚ କରୁଛି। ଆଉ ଏକ ଟିମ୍ ତାଙ୍କ ସହ କାହାର ଶତ୍ରୁତା ଥିଲା ତାହାକୁ ନେଇ ଯାଞ୍ଚ କରୁଛି। ୬୦ରୁ ୭୦ଟି ଜାଗାର ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି। ସେ ଚାମ୍ବରରୁ ବାହାରିବା ପରେ ଏକ ହୋଟେଲକୁ ଯାଇ କିଛି ସାମଗ୍ରୀ କିଣିଥିବାର ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ରାଜନୈତିକ ଶତ୍ରୁତାରୁ ଏହି ଘଟଣା ଘଟିଛି କି ତାକୁ ନେଇ ମଧ୍ୟ ତଦନ୍ତ ଜାରି ରହିଛି। ଏଥିସହିତ ତାଙ୍କର କେଉଁଠି ବ୍ୟବସାୟିକ କିମ୍ବା ବ୍ୟକ୍ତିଗତ ଶତ୍ରୁତା, ତାଙ୍କ ଆଇନଜୀବୀ ପେସାକୁ ନେଇ କୌଣସି ଅପରାଧୀ ଏଭଳି କରିଛନ୍ତି କି ଏଭଳି ସମସ୍ତ ଦିଗକୁ ଛାନ୍‌ଭିନ୍ କରାଯାଇ ତଦନ୍ତ କରାଯାଉଛି। ଅପରାଧୀ ଖସିପାରିବେ ନାହିଁ। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୀତବାସଙ୍କ ସତ୍ୟନାରାୟଣ ମନ୍ଦିର ନିକଟରେ ଥିବା ଚାମ୍ବର ନିକଟକୁ ଏସ୍‌ପି ଯାଇ ଅନୁଧ୍ୟାନ କରି ପାଖ ପଡ଼ୋଶୀ ଓ ସମ୍ପୃକ୍ତ ଅଞ୍ଚଳର ବ୍ୟବସାୟୀମାନଙ୍କୁ ପଚରାଉଚରା କରିଛନ୍ତି। ଏସ୍‌ପିଙ୍କ ସହ ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡା ଥିଲେ।

# ଭାଇରାଲ ହେଉଛି ମାଷ୍ଟରମାଇଣ୍ଡ ଜ୍ୟୋସ୍ନାଙ୍କ ଫଟୋ

## ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ଘଟଣା

## ଲୁକ୍ ଆଉଟ ସର୍କୁଲାର ଜାରି କରିବ ପୋଲିସ

ଭୁବନେଶ୍ୱର,୮।୧୦ (ସତ୍ୟଜିତ ରାଉତ)

ଟ୍ୟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁକୁ ୨୦ଦିନ ବିତିଥିବାବେଳେ ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜ୍ୟୋସ୍ନା ଖୁଣ୍ଟିଆଙ୍କୁ ଧରିବାରେ କମିଶନରେଟ ପୋଲିସ ବିଫଳ ହୋଇଛି। ବଡ଼ଗଡ଼ ଥାନା ପୋଲିସ ତାଙ୍କୁ ଖୋଜୁଥିବାବେଳେ ଜ୍ୟୋସ୍ନାଙ୍କ ଠିକଣା ପାଇବାକୁ ଛାନଭିନ୍ ଚଳାଇଛି। ଏଭଳି ସ୍ଥିତିରେ ବୁଧବାର ଜ୍ୟୋସ୍ନାଙ୍କ ଏକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜ୍ୟୋସ୍ନା ଫେରାର



ଥିବାବେଳେ ପୋଲିସ ତାଙ୍କ ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ ଚଳାଇଛି। ପୋଲିସ ପକ୍ଷରୁ ତାଙ୍କର କିଛି ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଫ୍ରିଜ୍ କରାଯାଇଛି। ଅଭିଯୁକ୍ତା ଜ୍ୟୋସ୍ନାଙ୍କ ବିରୋଧରେ କମିଶନରେଟ୍ ପୋଲିସ ଖୁବଶୀଘ୍ର ଲୁକ୍ ଆଉଟ ସର୍କୁଲାର ଜାରି କରିବ ବୋଲି ସୂଚନା ମିଳିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି।

ସୂଚନାଯୋଗ୍ୟ, ବିଦ୍ୟାଧର ଓଲା/ଉବର ଡ୍ରାଇଭର ଥିବାବେଳେ ଜ୍ୟୋସ୍ନାଙ୍କ ବରମୁଣ୍ଡାସ୍ଥିତ କନ୍‌ସଲ୍‌ଟାନ୍ସି ସଂସ୍ଥା ପାଇଁ କାମ କରୁଥିଲେ। ସମୟକ୍ରମେ ଚାକିରି ଠକେଇ ରାକେଟ୍‌ରେ ଫସି ଯାଇଥିଲେ ବିଦ୍ୟାଧର। ଜ୍ୟୋସ୍ନାଙ୍କ ନିର୍ଦ୍ଦେଶ ଅନୁଯାୟୀ, ବହୁ ଚାକିରୀ ଆଶାୟୀଙ୍କଠାରୁ ସେ ଟଙ୍କା ଓ ସାର୍ଟିଫିକେଟ୍ ଆଦି ନେଇଥିଲେ। ତେବେ ଠକେଇର ଶିକାର ଲୋକେ ଜ୍ୟୋସ୍ନାଙ୍କୁ ନ ପାଇ ବିଦ୍ୟାଧରଙ୍କୁ ଗତ ସେପ୍ଟେମ୍ବର ୧୫ରେ ଭୁବନେଶ୍ୱରରୁ ଅପହରଣ କରିନେଇ ଯାଜପୁରରୋଡ ନେଇଯାଇଥିଲେ। ସେଠାରୁ ବିଦ୍ୟାଧରଙ୍କ ସ୍ତ୍ରୀଙ୍କୁ ଫୋନ କରି ଟଙ୍କା ଦାବି କରିଥିଲେ। ହେଲେ ଅପହର୍ତ୍ତାଙ୍କ ନଜର ବନ୍ଦିରେ ଥିବାବେଳେ ବିଦ୍ୟାଧର ଆତ୍ମହତ୍ୟା କରିଥିଲେ। ପରେ ଅଭିଯୁକ୍ତମାନେ ବିଦ୍ୟାଧରଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ସେପ୍ଟେମ୍ବର ୧୯ ବିଳମ୍ବିତ ରାତିରେ ବାରଙ୍ଗ-ପିତାପଲ୍ଲୀ ରୋଡରେ ଫିଙ୍ଗି ଦେଇଥିଲେ।

# ଟାଙ୍ଗିଆରେ ହାଣି ବାପାଙ୍କୁ ହତ୍ୟା

- ଅଭିଯୁକ୍ତ ପୁଅ ଅଟକ
- ମାଟିତଳୁ ମୃତଦେହ ବାହାର କରାଗଲା
- ଟାଙ୍ଗିଆ, କୋଦାଳ ଜବତ

ଦେବଗଡ଼,୮।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ଔତଳ ଗ୍ରାମରେ ବୁଧବାର ସକାଳେ ବଳଭଦ୍ର ବେହେରା (୬୨)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ହୃଦାନନ୍ଦ ଘରେ ଥିବା ଏକ ମେଣ୍ଢାକୁ ବିକ୍ରି କରିବା ପାଇଁ ଜିଦ୍ ଧରିଥିଲେ। ବଳଭଦ୍ର ଏଥିରେ ରାଜି ହୋଇ ନ ଥିଲେ। ଏଥିରେ ହୃଦାନନ୍ଦ ଉତ୍‌କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ବାପାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ହୃଦାନନ୍ଦ ମୃତଦେହ ନେଇ ନିକଟସ୍ଥ ଜମିରେ ଗାତ ଖୋଳି ପୋତିଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରିଛି। ଏଥିସହ ଗାତରୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ପାଲଲହଡ଼ା ଡାକ୍ତରଖାନା ପଠାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଏବଂ କୋଦାଳ ପୋଲିସ ଜବତ କରିଛି। ଏନେଇ ମୃତକଙ୍କ ପୁତୁରା ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୩୭୪/୨୫)ରୁଜୁକରିଛି।

# ଭିଜିଲାନ୍ସ ଜାଲରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ

- ଜଣେ କର୍ମଚାରୀଙ୍କଠାରୁ ୨୫ ହଜାର ଲାଞ୍ଚ ନେଉଥିଲେ
- ଅଫିସ୍, ପୈତୃକ ବାସଭବନରେ ଭିଜିଲାନ୍ସର ଖୋଳତାଡ଼

ବେଲଗୁଣ୍ଠା, ୮।୧୦(କୃଷ୍ଣଚନ୍ଦ୍ର ପଟ୍ଟନାୟକ/କୃପାସିନ୍ଧୁ ସ୍ୱାଇଁ)

ବକେୟା ଦରମା ଏବଂ ଏଲ୍‌ପିସି କରାଇଦେବା ପାଇଁ ଜଣେ ପୂର୍ବତନ କର୍ମଚାରୀଙ୍କଠାରୁ ଲାଞ୍ଚ ନେବାବେଳେ ବେଲଗୁଣ୍ଠା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବେଲଗୁଣ୍ଠା ଏନ୍‌ଏସି କାର୍ଯ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଏମ୍‌ଆଇଏସ୍ ସରୋଜ



ବନମାଳୀ ଶତପଥୀ

ଜେନା ନାମକ ଜନୈକ କର୍ମଚାରୀଙ୍କ ବକେୟା ଦରମା ଏବଂ ଏଲ୍‌ପିସି କରାଇଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଶତପଥୀ ଦୀର୍ଘଦିନ ହେଲା ଲାଞ୍ଚ ପାଇଁ ଦାବି କରିଆସୁଥିଲେ। ଏନେଇ କର୍ମଚାରୀ ଜଣକ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ବାଲିପଦର ବସ୍‌ଷ୍ଟପ୍ ନିକଟରେ ସରୋଜ କାର୍ଯ୍ୟନିର୍ବାହୀ ଅଧିକାରୀ ଶତପଥୀଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ଦେଉଥିବାବେଳେ ବ୍ରହ୍ମପୁର ଭିଜିଲାନ୍ସ ଡିଏସ୍‌ପି ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଦୁଇଟି ଟିମ୍ ତାଙ୍କୁ କାବୁ କରିବା ସହିତ ଲାଞ୍ଚ ଟଙ୍କାକୁ ଜବତ କରିଥିଲା। ଏହାସହିତ ଏହି ଟିମ୍ ଶତପଥୀଙ୍କ ବେଲଗୁଣ୍ଠାସ୍ଥିତ ସରକାରୀ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର୍ସ ଏବଂ ଅନ୍ୟ ଏକ କୋଠାରେ ଚଢ଼ାଉ କରିଥିଲେ। କବିସୂର୍ଯ୍ୟନଗର ମର୍ଦ୍ଦରାଜ ହାଇସ୍କୁଲ ନିକଟସ୍ଥ ତାଙ୍କ ବାସଭବନରେ ପହଞ୍ଚି ମଧ୍ୟ ଭିଜିଲାନ୍ସ ଟିମ୍ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୧୪/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ଶତପଥୀ ପୂର୍ବରୁ ଅନେକଥର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। କବିସୂର୍ଯ୍ୟନଗର ମର୍ଦ୍ଦରାଜ ହାଇସ୍କୁଲ ପାର୍ଶ୍ୱ ଓ ମୁଖ୍ୟରାସ୍ତାରେ ତାଙ୍କର ଏକ ମୋବାଇଲ ଦୋକାନ ଭଡ଼ାରେ ଲାଗିଛି। ଅନ୍ୟ ସହରରେ ମଧ୍ୟ ବାସଘର ରହିଛି। ନାରାୟଣପୁର ମନ୍ଦିର ଜମି କିଣାବିକାରେ ମଧ୍ୟ ତାଙ୍କର ହାତ ଥିବା କୁହାଯାଉଛି।

# ଜିଲା ଜଜ୍ କୋର୍ଟକୁ ମାମଲା ସ୍ଥାନାନ୍ତର

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

ବାଲେଶ୍ୱର, ୮।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲା ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର ହୋଇଛି। ଏହି ମାମଲାରେ ଗିରଫ ହୋଇ ଜେଲରେ ଥିବା ୪ ଅଭିଯୁକ୍ତ ବୁଧବାର ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରୀନେତା ଶୁଭ୍ରସମ୍ପିତ ନାୟକ ଉକ୍ତ କୋର୍ଟରେ ହାଜର ହୋଇଥିଲେ। ମାମଲାର ତ୍ୱରିତ୍ ବିଚାର ନିମନ୍ତେ ତଳକୋର୍ଟରୁ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିବା ଏସ୍‌ଡିଜେଏମ୍ ଜଜ୍ କିଶୋର କୁମାର ନାଥ ସୂଚନା ଦେଇଥିଲେ।

ସରକାରୀ ଓକିଲ ବିଜୟ କୁମାର ଦାସ କହନ୍ତି, ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ଚାର୍ଜଶିଟ୍ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ ସରିଛି। ବୁଧବାର ଏହାର କମିଟମେଣ୍ଟ ହେଲା। ଯେହେତୁ ଏହା ୟୁଟିପି (ଅଣ୍ଡର ଟ୍ରାଏଲ ପ୍ରୋସେସ) ମାମଲା ଅଟେ, ପ୍ରତିପକ୍ଷ ଓକିଲ ଶୀଘ୍ର ବିଚାର ପାଇଁ ଜିଲା ଜଜ୍ କୋର୍ଟରେ ଆବେଦନ କରିଥିଲେ। ଏହାର ବିଚାର ପାଇଁ ଏସ୍‌ଡିଜେଏମ୍ କୋର୍ଟରୁ ଉପରକୋର୍ଟକୁ ମାମଲା ସ୍ଥାନାନ୍ତର କରାଯାଇଛି। ପୂର୍ବତନ ଅଧ୍ୟକ୍ଷଙ୍କ ଓକିଲ ଗୁରୁ ପ୍ରସାଦ ବେହେରା ପ୍ରତିକ୍ରିୟାରେ କହିଛନ୍ତି, ମାମଲାର ବିଚାର ତ୍ୱରାନ୍ୱିତ ପାଇଁ ଏସ୍‌ଡିଜେଏମ୍ କୋର୍ଟ ବିଚାରପତି ଜିଲା ଜଜ୍ କୋର୍ଟଙ୍କୁ ପଠାଇଛନ୍ତି। କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ ହୋଇଥିବା ଦସ୍ତାବିଜ୍ ମଧ୍ୟରୁ ପ୍ରତି ମୁଦାଲାଙ୍କୁ ୮୪୦ ପୃଷ୍ଠା ଲେଖାଏଁ ଦସ୍ତାବିଜ୍ ପ୍ରଦାନ କରାଯାଇଛି। ହାଇକୋର୍ଟରେ ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଥିବା ବେଳେ ରାୟ ସ୍ଥଗିତ ରହିଛି ବୋଲି ବେହେରା କହିଛନ୍ତି।

Business

# ମାଲ୍ ପରିବହନରେ ପୂର୍ବତଟ ରେଳପଥର ୧୧.୩୩% ଅଭିବୃଦ୍ଧି

ଭୁବନେଶ୍ୱର,୮।୧୦ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧରେ ମାଲ ପରିବହନ ଏବଂ ଯାତ୍ରୀ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧ ହାସଲ କରିଛି। ୨୦୨୫ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ପୂର୍ବତଟ ରେଳପଥ ଗତ ବର୍ଷ ସମାନ ଅବଧିରେ ୧୨୩.୬ ନିୟୁତ ଟନ୍ ତୁଳନାରେ ୧୩୭.୬ ନିୟୁତ ଟନ ମାଲ ପରିବହନ କରିଛି, ଯାହାକି ୧୧.୩୩% ର ଅଭିବୃଦ୍ଧିକୁ ଦର୍ଶାଉଛି। ମାଲ ପରିବହନ ରାଜସ୍ୱ ବୃଦ୍ଧିରେ ଯଥେଷ୍ଟ ଅବଦାନ ରଖିଛି। ପୂର୍ବତଟ ରେଳପଥ ସାମଗ୍ରୀ ପରିବହନରୁ ୧୪,୧୬୨.୫୮ କୋଟି ଆୟ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୨,୮୦୮.୩୦ କୋଟି



ଥିଲା। ଏହା ୧୦.୫୭% ବୃଦ୍ଧିକୁ ଦର୍ଶାଉଛି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଜୋନ୍‌ର ମୋଟ ରାଜସ୍ୱ ଆୟ ୧୫,୫୭୧.୦୮ କୋଟିରେ ପହଞ୍ଚିଛି । ଏହା ଗତ ବର୍ଷ ସମାନ ଅବଧିରେ ୧୪,୨୨୭.୧୮ କୋଟି ଥିବାବେଳେ ୯.୪୫% ବୃଦ୍ଧିକୁ ପ୍ରତିଫଳିତ କରୁଛି। ସେହିପରି ଯାତ୍ରୀ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୪୮.୨୧ ନିୟୁତ ଯାତ୍ରୀ ପରିବହନ କରିଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୪୫.୫୬ ନିୟୁତ ଯାତ୍ରୀ ପରିବହନ କରିଥିଲା। ଏହା ୫.୮୧% ବୃଦ୍ଧିକୁ ସୂଚିତ କରୁଛି। ମାଲ ପରିବହନ ଏବଂ ଯାତ୍ରୀ କ୍ଷେତ୍ରରେ ଏହି ନିରନ୍ତର ଅଭିବୃଦ୍ଧି ଦକ୍ଷ ଯୋଜନା, ବର୍ଦ୍ଧିତ ପରିଚାଳନା ସହ କୋଇଲା, ଲୁହାପଥର, ସିମେଣ୍ଟ ଏବଂ ସାର ଭଳି ପ୍ରମୁଖ ଶିଳ୍ପରେ ମାଲ ପରିବହନ ଗ୍ରାହକଙ୍କ ସହ ସକ୍ରିୟ ସମନ୍ୱୟର ପରିଣାମ। ପୂର୍ବତଟ ରେଳ ପଥ ଭାରତର ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ନେଟ୍‌ୱର୍କକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଗତିଶୀଳତାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି।

# ଇଣ୍ଡିଆ ମୋବାଇଲ କଂଗ୍ରେସରେ ସିଏମ୍‌ପିଡିଆଇର ଅଂଶ ଗ୍ରହଣ

ଭୁବନେଶ୍ୱର,୮।୧୦

ସିଏମ୍‌ପିଡିଆଇ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁଥିବା ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମ୍‌ସି) ୨୦୨୫ରେ ଭାଗନେଇଛି। ଏହି ଅବସରରେ ସିଏମ୍‌ପିଡିଆଇ ୫ଜି ନବୀକରଣ ମାଧ୍ୟମରେ ପରବର୍ତ୍ତୀ ପିଢ଼ିର ଖଣି କାର୍ଯ୍ୟରେ ନିଜର ପ୍ରଗତିକୁ ପ୍ରଦର୍ଶନ କରିବ। ଏହି ପ୍ରଦର୍ଶନୀ ମାଧ୍ୟମରେ ଖଣି କ୍ଷେତ୍ରରେ ବିଶ୍ୱସନୀୟ ନେଟ୍‌ୱର୍କ, ସୁରକ୍ଷିତ ଖାଦାନ ଏବଂ ଡିଜିଟାଲ ଉତ୍କର୍ଷ ସମ୍ଭବ ହେବ। ସିଏମ୍‌ପିଡିଆଇର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର, ନିର୍ଦ୍ଦେଶକ (ଟେକ୍ନିକାଲ/ପି ଆଣ୍ଡ ଡି/ଆର୍‌ଡି ଆଣ୍ଡ ଟି) ଅଜୟ କୁମାର ଏବଂ ସଂସ୍ଥାନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ପ୍ରଦର୍ଶନୀର ଉଦ୍‌ଘାଟନ କରିଛନ୍ତି।



ଅକ୍ଟୋବର ୮ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୪ ଦିନିଆ ପ୍ରଦର୍ଶନୀ ଭାରତର ଡିଜିଟାଲ ଖଣି ଭବିଷ୍ୟତକୁ ଆଗେଇନେବା ପାଇଁ ସିଏମ୍‌ପିଡିଆଇର ଟେକ୍ନିକାଲ ନେତୃତ୍ୱ ଏବଂ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରୁଥିବା ଜନସମ୍ପର୍କ ଅଧିକାରୀ ତରୁଣ ପାଲିୱାଲ ସୂଚନା ଦେଇଛନ୍ତି।

# ଏଚ୍‌ପି ୱାର୍ଲ୍ଡ ସମ୍ବଲପୁର ଶୋ'ରୁମ୍ ଉଦ୍‌ଘାଟିତ



ଭୁବନେଶ୍ୱର,୮।୧୦

ଏଚ୍‌ପି ୱାର୍ଲ୍ଡ ସମ୍ବଲପୁର ଶୋ'ରୁମ୍ ବୁଧବାର ବୁଢ଼ାରଜା ମୁଖ୍ୟ ରାସ୍ତାର ପଧାନପଡ଼ା ଛକଠାରେ ଉଦ୍‌ଘାଟିତ ହୋଇଯାଇଛି । ସମ୍ବଲପୁର ମହାମାୟା କମ୍ପ୍ୟୁଟରସ ପକ୍ଷରୁ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସାଭେକ୍ସ ଟେକ୍‌ନୋଲୋଜି ପ୍ରାଇଭେଟ୍ ଲିମି ଟେଡ୍‌ର ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାର ସେଲ୍ସ ଓ ଅପରେଶନ ଜେନେରାଲ ମ୍ୟାନେଜର ସୁଜିତ ଦାସ, ସିନିୟର ଏଏସ୍‌ଏମ୍ ସୌମ୍ୟ ସାହୁ, ଏମ୍‌ଏସ୍‌ଏମ୍ ରିତ ବିଶ୍ୱାଳ, ଆଞ୍ଚଳିକ ମ୍ୟାନେଜର ସନ୍ତୋଷ ମଣ୍ଡଳ, ବାନାସର ଆଚାର୍ଯ୍ୟ ସିଦ୍ଧାନ୍ତ ତିୱାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାମାୟା କମ୍ପ୍ୟୁଟରସ ତଥା ଏଚ୍‌ପି ୱାର୍ଲ୍ଡ ସମ୍ବଲପୁର ସ୍ୱତ୍ୱାଧିକାରୀ ଶ୍ୟାମ ପାଣ୍ଡେ ଏବଂ ପ୍ରତୀକ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ପ୍ରତି ଐତିହାସିକ ସମ୍ବଲପୁର ପ୍ରତ୍ୟେକ କ୍ଷେତ୍ରରେ ବୃଦ୍ଧି ପାଉଛି। ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଚ୍‌ପି ୱାର୍ଲ୍ଡ ସମ୍ବଲପୁର ଶୋ'ରୁମ୍‌ର ପରିକଳ୍ପନା କରାଯାଇଛି । ଏହି ଶୋ'ରୁମ୍‌ରେ ଏଚ୍‌ପି କମ୍ପାନୀର ସମସ୍ତ ସାମଗ୍ରୀ ଉପଲବ୍ଧ ରହିଛି। ତେଣୁ ଗ୍ରାହକମାନେ ସୁବିଧା ଓ ସୁଲଭ ମୂଲ୍ୟରେ ଏଚ୍‌ପି କମ୍ପାନୀର ସାମଗ୍ରୀ କିଣିପାରିବେ ବୋଲି ସ୍ୱତ୍ୱାଧିକାରୀ ପାଣ୍ଡେ କହିଛନ୍ତି ।

# ବଜାରକୁ ଆସିବ ନିସାନ୍‌ର ଟେକ୍‌ଟନ୍

ଭୁବନେଶ୍ୱର,୮।୧୦

ନିସାନ୍ ମୋଟର ଇଣ୍ଡିଆ ପକ୍ଷରୁ ଏହାର ଗ୍ଲୋବାଲ ଏସ୍‌ୟୁଭି ଶୃଙ୍ଖଳା: ଅଲ୍-ନିସାନ୍ ଟେକ୍‌ଟନ୍‌ର ନୂତନ ସଂସ୍କରଣ ପାଇଁ ଏକ ଆକର୍ଷଣୀୟ ପ୍ରିଭ୍ୟୁ ପ୍ରଦାନ କରାଯାଇଛି। 'ଟେକ୍‌ଟନ୍' ନାମ ଗ୍ରୀକ୍ ଭାଷାରୁ ଅଣାଯାଇଛି, ଯାହାର ଅର୍ଥ ହେଉଛି 'ଶିଳ୍ପକାଳ (କ୍ରାଫ୍ଟସ୍‌ମ୍ୟାନ୍)। ଏହି ନାମ ଏକ ଶକ୍ତିଶାଳୀ, ପ୍ରିମିୟମ ସି-ଏସ୍‌ୟୁଭିକୁ ଦର୍ଶାଉଛି ଯେଉଁଥିରେ ଇଞ୍ଜିନିୟରିଂ ଉତ୍କର୍ଷ, କାର୍ଯ୍ୟଦକ୍ଷତା ଓ ଏକ ସ୍ୱତନ୍ତ୍ର ଡିଜାଇନ ପରିଚୟ ଧାରଣ କରିଛି। ୨୦୨୬ରେ ଏହାର ସମ୍ପୂର୍ଣ୍ଣ ଉନ୍ମୋଚନ ଓ ବିକ୍ରି ଆରମ୍ଭ ହେବା ପୂର୍ବରୁ ଟେକ୍‌ଟନ୍‌କୁ ସି-ଏସ୍‌ୟୁଭି ସେଗ୍‌ମେଣ୍ଟ ପାଇଁ ଡିଜାଇନ କରାଯାଇଛି। ଏହା ନିସାନର 'ୱାନ କାର୍, ୱାନ ୱାର୍ଲ୍ଡ' ରଣନୀତି ଅଧିନରେ ୨ୟ ଉତ୍ପାଦ ହେବ, ଯାହାକୁ ଭାରତ ମଧ୍ୟରେ ବିକ୍ରି ଏବଂ ଭବିଷ୍ୟତରେ ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ପାଇଁ ଚେନ୍ନାଇ ପ୍ଲାଣ୍ଟରେ ରେନଲ୍ଟ ସହ ସହଭାଗିତାରେ ନିର୍ମାଣ କରାଯାଇଛି। ଏହି ଅବସରରେ ନିସାନ୍ ମୋଟର କର୍ପୋରେଶନ





ଲିମିଟେଡ୍‌ର କର୍ପୋରେଟ ଏକ୍‌ଜିକ୍ୟୁଟିଭ, ଆଲ୍‌ଫୋନ୍ସୋ ଆଲ୍‌ବାଇସା କହିଛନ୍ତି, ପିସାନ ପାଟ୍ରୋଲରୁ ନୂଆ ନିସାନ ଟେକ୍‌ଟନ ଅନୁକରଣ କରାଯାଇଛି। ଆଧୁନିକ ଭାରତୀୟ ଉପଭୋକ୍ତାମାନେ ଚାହୁଁଥିବା ସମସ୍ତ ଫିଚର ଓ ସୁବିଧା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଭାରତରେ ନିସାନ୍ ମୋଟରର ପରିଚାଳନା ନିର୍ଦ୍ଦେଶକ, ସୌରଭ ବତ୍ସ କହିଛନ୍ତି, ଅଲ୍-ନ୍ୟୁ ନିସାନ୍ ଟେକ୍‌ଟନ୍ ନିସାନ୍‌ର ବୋଲ୍ଡ ଲୁକ୍ ଓ ପ୍ରିମିୟମ ଇଣ୍ଟେରିୟର ସହ ଆମେ ନିଶ୍ଚିତଯେ, ଏହା ଏକ ସେଗ୍‌ମେଣ୍ଟରେ ଏସ୍‌ୟୁଭି ଚାହୁଁଥିବା ଗ୍ରାହକଙ୍କୁ ଆକର୍ଷିତ କରିବ। ପ୍ରିମିୟମ ଡିଜାଇନ ଏବଂ ଆଧୁନିକ ଟେକ୍ନୋଲୋଜି ଫିଚର ସହ ନିର୍ମିତ ଏହି ଗାଡ଼ିର ଆଗ ଭାଗରେ ଏକ ଶକ୍ତିଶାଳୀ ସ୍କଲ୍‌ପ୍ଟେଡ ବନେଟ ଓ ସ୍ୱତନ୍ତ୍ର ସି-ସେପ୍‌ଡ ହେଡ୍‌ଲ୍ୟାମ୍ପ ସିଗ୍ନେଚର ପାଟ୍ରୋଲର ଝଲକ ଦେଖିବାକୁ ମିଳିବ। ଏହାର ସାଇଡ୍ ପ୍ରୋଫାଇଲରେ ଏକ ଇମ୍ପୋଜିଂ, ମସ୍କୁଲାର ଷ୍ଟାନ୍ସ ରହିଛି । ଟେକ୍‌ଟନ୍‌ର ଫ୍ରଣ୍ଟଡୋର୍‌ରେ ଏକ 'ଡବଲ-ସି' ସେପ୍‌ଡ ଆସେଣ୍ଟ। ପଛ ଭାଗରେ ଏକ ଲାଲ ଇଲୁମିନେଟେଡ୍ ଲାଇଟ ଏବଂ ସି-ସେପ୍‌ଡ ଡାଇନାମିକ ଟେଲ୍-ଲ୍ୟାମ୍ପ ରହିଛି। ଟେକ୍‌ଟନ୍ ନେମ୍‌ପ୍ଲେଟ୍‌କୁ ଟୋଲ୍‌ଗେଟ୍ ତଳେ ପ୍ରଦର୍ଶିତ କରାଯାଇଛି।

# କଟକରେ ଶ୍ରୀ ଜୁଏଲର୍ସ ଉଦ୍‌ଘାଟିତ

ଭୁବନେଶ୍ୱର,୮।୧୦

କଟକର ନିମଚୌରୀରେ ଶ୍ରୀ ଜୁଏଲର୍ସକୁ ବିଜୟା ଦଶମୀ ଅବସରରେ ଏକ ମହାସମାରୋହରେ ଉଦ୍‌ଘାଟନ କରାଯାଇଥିଲା। ଶ୍ରୀ ଜୁଏଲର୍ସର ମାଲିକ ବିକାଶ ସାହାଙ୍କ ପିତା ମୁନ୍ନା ସାହା ନାମରେ ଜଣାଶୁଣା ମୁନେଶ୍ୱର ପ୍ରସାଦଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଗ୍ରାହକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଫର ଘୋଷଣାକରି ମାଲିକ ବିକାଶ ସାହା କହିଛନ୍ତି, ରୁପା ଅଳଙ୍କାର ଉପରେ ୧୦୦% ମାଗଣା ମେକିଂ ଚାର୍ଜ ଏବଂ ସୁନା ଅଳଙ୍କାର ଉପରେ ୫୦% ରିହାତି ପ୍ରଦାନ କରାଯିବ। ଏହି ସ୍ୱତନ୍ତ୍ର ଅଫର ସୀମିତ ସମୟ ପାଇଁ ବୈଧ ରହିବ। ଶ୍ରୀ ଜୁଏଲର୍ସର ମାଲିକ ବିକାଶ ସାହା ସମସ୍ତ କଟକ ବାସିନ୍ଦାଙ୍କୁ ଦୋକାନ ପରିଦର୍ଶନ କରିବାକୁ, ସେମାନଙ୍କର ଆଶୀର୍ବାଦ ପ୍ରଦାନ କରିବାକୁ ଏବଂ ବିଶେଷ ଅଫରର ଲାଭ ଉଠାଇବାକୁ ଅନୁରୋଧ କରିଥିଲେ। ଉଦ୍‌ଘାଟନରେ ପରିବାରର ସମସ୍ତ ସଦସ୍ୟଙ୍କ ସହ ସହରର ଅନେକ ସାମାଜିକ କର୍ମୀ ଏବଂ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ସମାରୋହ ଶେଷରେ କଟକ ମହାନଗର ଛଟ୍ ପୂଜା କମିଟିର ସଭାପତି ଶୈଳେଶ କୁମାର ବର୍ମା ଧନ୍ୟବାଦ ଦେଇଥିଲେ।



ଶ୍ରୀ ଜୁଏଲର୍ସର ମାଲିକ ବିକାଶ ସାହାଙ୍କ ପିତା ମୁନେଶ୍ୱର ପ୍ରସାଦ ଉଦ୍‌ଘାଟନ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: .....................................
ବୟସ:.....................................
ଜନ୍ମ ତାରିଖ: .............................


ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୩ ବର୍ଷରୁ କମ୍ ଓଡ଼ିଶା ଦଳ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ୨୩ ବର୍ଷରୁ କମ୍ ଓଡ଼ିଶା ଦଳ।

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

ବିଦର୍ଭ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ନାଗପୁରର ଭିସିଏ ଜମଥା ଗ୍ରାଉଣ୍ଡରେ ଅନୁଷ୍ଠିତ ୨୯ତମ ବାପୁନା କପ୍ କ୍ରିକେଟ ଟୁର୍ନାମେଣ୍ଟ(୨ଦିନିଆ ଫର୍ମାଟ)ରେ ଓଡ଼ିଶା ୨୩ ବର୍ଷରୁ କମ୍ ସମ୍ଭାବ୍ୟ ଦଳ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ଓଡ଼ିଶା, ମହାରାଷ୍ଟ୍ର, କେରଳ, ବାପୁନା ଏକାଦଶ ଓ ଦିନଶଜ୍ ଏକାଦଶ ଆଦି ୫ଟି ଦଳ ଭାଗ ନେଇଥିଲେ। ଓଡ଼ିଶା ଅନ୍ୟ ୪ଟି ଦଳ ବିପକ୍ଷରେ ମ୍ୟାଚ୍ ଖେଳି ଡ୍ର ରଖିଥିଲା। ୩ଟି ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଥିବାବେଳେ କେରଳ ବିପକ୍ଷ ମ୍ୟାଚ୍ ବର୍ଷାରେ ଧୋଇଯାଇଥିଲା। ଓଭରଅଲ୍ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଓଡ଼ିଶା ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ମହମ୍ମଦ ଡାନିସ୍ ୩ ମ୍ୟାଚ୍‌ରୁ ୬ ଉଇକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ।

# ଆଜି ସିଙ୍ଗାପୁରକୁ ଭେଟିବ ଭାରତ

**ସିଙ୍ଗାପୁର, ୮।୧୦(ପି.ଟି.)**

**ଏସିଆନ କପ୍ କ୍ୱାଲିଫାୟର୍ସ**

ଭାରତୀୟ ଫୁଟ୍‌ବଲ ଦଳ ଗୁରୁବାର ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଙ୍ଗ୍ ତୃତୀୟ ରାଉଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସିଙ୍ଗାପୁରକୁ ଭେଟିବାକୁ ଯାଉଛି। ଭାରତୀୟ ଦଳ ୪ ଦଳବିଶିଷ୍ଟ ଗ୍ରୁପ୍-ସି'ରେ ୧ ପଏଣ୍ଟ ସହ ସର୍ବନିମ୍ନରେ ରହିଛି। ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଭାରତ ଡ୍ର ରଖିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୧-୦ ଗୋଲରେ ହଂକଂଠାରୁ ପରାସ୍ତ ହୋଇଥିଲା। ଅନ୍ୟପକ୍ଷରେ ସିଙ୍ଗାପୁର ଦୁଇ ମ୍ୟାଚ୍‌ରୁ ୪ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଛି। ଏହି ମ୍ୟାଚ୍‌ରେ ପରାଜିତ ହେଲେ ଭାରତୀୟ ଦଳ ୨୦୨୭ରେ ହେବାକୁଥିବା ଏସିଆନ କପ୍‌ର ମୁଖ୍ୟ ଇଭେଣ୍ଟରୁ ବାଦ୍ ପଡ଼ିବ। କେବଳ ଗ୍ରୁପ୍‌ରେ ଟପ୍ କରିଥିବା ଦଳ ହିଁ ଏସିଆନ କପ୍ ଲାଗି ଯୋଗ୍ୟତା ହାସଲ କରିବ।

ଫିଫା ର୍‍ୟାଙ୍କିଙ୍ଗ୍‌ରେ ସିଙ୍ଗାପୁର ୧୫୮ତମ ସ୍ଥାନରେ ରହିଥିବା ବେଳେ ଭାରତ ୧୩୪ତମ ସ୍ଥାନରେ ରହିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଫଳାଫଳରେ ବିଶେଷ ପାର୍ଥକ୍ୟ ନାହିଁ। ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୨୭ ମ୍ୟାଚ୍‌ରେ ଭାରତ ୧୨ ଓ ସିଙ୍ଗାପୁର ୧୧ ଥର ବାଜିମାତ୍ କରିଛି। ଅନ୍ତିମ ମ୍ୟାଚ୍ ସମେତ ୪ ମୁକାବିଲା ଡ୍ର'ରେ ଶେଷ ହୋଇଛି। ନୂଆ କୋଚ୍ ଖଲିଦ୍ ଜମିଲଙ୍କ ନେତୃତ୍ୱରେ ଭାରତୀୟ ଦଳ ନିକଟରେ କାଫା ନେଶନ୍ସ କପ୍‌ରେ ତୃତୀୟ ସ୍ଥାନ ହାସଲ କରିଥିଲା। ତାହା ପୁଣି ସୁନୀଲ ଛେତ୍ରୀଙ୍କ ଅନୁପସ୍ଥିତିରେ। ଏବେ ଛେତ୍ରୀଙ୍କ ସହ ସିନିୟର ଡିଫେଣ୍ଡର ସନ୍ଦେଶ ଝିଙ୍ଗାନ୍ ଫେରିଥିବାରୁ ଦଳର ଶକ୍ତି ବୃଦ୍ଧି ପାଇଛି।


## ୧୬ତମ ଜନ୍ମଦିନ ଶୁଭେଚ୍ଛା



**ସ୍ନେହା ଶ୍ରୀ (ତିତିଲି)**
(ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର)
ଆଜିର ଏହି ଶୁଭ ଅବସରରେ ସାଇବାବାଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ, ତୋ'ର ସମସ୍ତ ଇଚ୍ଛା ପୂରଣ ହେଉ ଏବଂ ତୁ ସଫଳତାର ଶୀର୍ଷରେ ପହଞ୍ଚି ଯାଆ।
ଶୁଭେଚ୍ଛା ସହ- ଅଜା, ଆଇ, ମମି, ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା, ଇଶାନ, ଇଭାନ
ଧ-୭୬୦୭୯


# ଦୁଇ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଯିବ ଭାରତୀୟ ଦିନିକିଆ ଦଳ

**ନୂଆଦିଲ୍ଲୀ, ୮।୧୦(ପି.ଟି.)**

ଭାରତୀୟ ଦିନିକିଆ କ୍ରିକେଟ୍ ଦଳ ଚଳିତ ମାସ ୧୫ ତାରିଖରେ ୨ଟି ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଗସ୍ତ କରିବ। ବିଭିନ୍ନ ଔପଚାରିକତା ଏବଂ ଟିକେଟ ଉପଲବ୍ଧତାକୁ ଦୃଷ୍ଟିରେ ରଖି ଟ୍ରାଭେଲ ଯୋଜନା କରାଯିବ। ଅଷ୍ଟ୍ରେଲିଆରେ ଭାରତୀୟ ଦଳ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଓ ୫ଟି ଟି୨୦ ମ୍ୟାଚ୍ ଖେଳିବ। ବିଜ୍‌ନେସ୍ କ୍ଲାସ୍ ଟିକେଟ୍ ଉପଲବ୍ଧକୁ ଦୃଷ୍ଟିରେ ରଖି ଗୋଟିଏ ଗ୍ରୁପ୍ ସକାଳେ ଓ ଅନ୍ୟ ଗ୍ରୁପ୍‌ଟି ଅପରାହ୍ନରେ ଅଷ୍ଟ୍ରେଲିଆ ଯାତ୍ରା କରିବ ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ। ଯାତ୍ରା ପୂର୍ବରୁ ପୂର୍ବତନ ଅଧିନାୟକ ରୋହିତ ଶର୍ମା, ତାରକା ବ୍ୟାଟର ବିରାଟ କୋହଲି, ନୂଆ ଉପଅଧିନାୟକ ଶ୍ରେୟସ ଆୟର ନୂଆଦିଲ୍ଲୀଠାରେ ଅନ୍ୟ ଟେଷ୍ଟ ଦଳର ସଦସ୍ୟଙ୍କ ସହ ଯୋଗଦେବେ। ବିରାଟ ଏବଂ ରୋହିତ ଯାତ୍ରା ଦିନ କିମ୍ବା ପୂର୍ବଦିନ ନୂଆଦିଲ୍ଲୀରେ ପହଞ୍ଚିବେ। ଭାରତୀୟ ଦଳ ସିଧା ପର୍ଥ ଯାତ୍ରା କରିବ। କାରଣ ସେଠାରେ ୧୯ ତାରିଖରେ ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ ଅନୁଷ୍ଠିତ ହେବ। ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେଣୁ ଖେଳାଳିଙ୍କୁ ଅଳ୍ପ କିଛିଦିନ ପାଇଁ ଘରକୁ ଯିବାକୁ ସୁଯୋଗ ମିଳିପାରେ। ରୋହିତ୍ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲ୍‌ଙ୍କୁ ଭାରତୀୟ ଦିନିକିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଉଭୟ ରୋହିତ୍ ଓ କୋହଲି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଦଳରେ ରହିବେ ବୋଲି ବିଶ୍ୱାସ କରାଯାଉଛି। ବିଦେଶ ଯାତ୍ରାକୁ ଦୃଷ୍ଟିରେ ରଖି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ରାଜିନ୍ଦର ନଗରସ୍ଥିତ ନିଜ ବାସଭବନରେ ରାତ୍ରିଭୋଜନ ପାଇଁ ପୂରା ଦଳକୁ ନିମନ୍ତ୍ରଣ କରିଥିବା ଜଣାଯାଇଛି।

# ସୁଶ୍ରୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ପରାସ୍ତ


ସୁଶ୍ରୀ ଦିବ୍ୟଦର୍ଶିନୀ

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ):** ବିସିସିଆଇ ଘରୋଇ ସିଜନର ସିନିୟର ମହିଳା ଟି୨୦(ଏଲିଟ୍) କ୍ରିକେଟ୍ ଟୁର୍ନାମେଣ୍ଟ ଗ୍ୱାଲିୟରରେ ଆରମ୍ଭ ହୋଇଛି। ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ୍ ନିକଟରୁ ହାରିଯାଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୦୮ ରନ୍ କରିଥିଲା। ମାଧୁରୀ ମେହେଟ୍ଟା ସର୍ବାଧିକ ୩୨ ଓ ଦିବ୍ୟଦର୍ଶିନୀ ୨୮ ରନ୍ କରିଥିଲେ। ବିପକ୍ଷ ଦଳର ଏମ୍. ସାକ୍ଷୀ ରାଓ ଏବଂ ଭେଲୋରି ମହେଶ କାବ୍ୟା ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୦୯ ରନ୍‌ର ବିଜୟଲକ୍ଷ୍ୟକୁ ହାଇଦ୍ରାବାଦ୍ ୧୮.୩ ଓଭରରେ ୫ ଉଇକେଟ ହରାଇ ହାସଲ କରିନେଇଥିଲା। ଜି. ତ୍ରିଶା ଦଳ ପକ୍ଷରୁ ସର୍ବାଧିକ ୩୮ ରନ୍ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଦିବ୍ୟଦର୍ଶିନୀ ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

# ରାଜ୍ୟସ୍ତରୀୟ ପାଲଲହଡ଼ା କପ୍ ଫୁଟବଲ ଉଦ୍‌ଘାଟିତ


ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିମାନଙ୍କ ସହ ଖେଳାଳି।

**ପାଲଲହଡ଼ା,୮।୧୦ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡସ୍ତରୀୟ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ୩୭ ତମ ରାଜ୍ୟସ୍ତରୀୟ ପାଲଲହଡ଼ା ଫୁଟ୍‌ବଲ କପ୍ ବୁଧବାର ଠାରୁ ସ୍ଥାନୀୟ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ୮ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ କୈଳାସ ସେଠୀ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ବରିଷ୍ଠ ନେତା ଲିଙ୍ଗରାଜ ଦାଶ, ଆସୋସିଏଶନ ଅଧ୍ୟକ୍ଷ ସୁଧାଂଶୁ କପରଦାର, ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ଝାରସୁଗୁଡ଼ା ଏବଂ ରାଉରକେଲା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପେନାଲ୍ଟି ଶୁଟ୍ ଆଉଟ ମାଧ୍ୟମରେ ରାଉରକେଲା ବିଜୟୀ ହେବା ସହ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଗୁରୁବାର ବଲାଙ୍ଗୀର ଓ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳାଯିବ। ସଭାପତି ନୀଳାମ୍ବର ପ୍ରଧାନ, ସାଧାରଣ ସମ୍ପାଦକ ଆଶିଷ ସାମଲ, କୋଷାଧ୍ୟକ୍ଷ ମନମୋହନ ଭୁକ୍ତା, ଈଶ୍ୱର ବେହେରା, ଅଭୟ ନାଏକ, ବସନ୍ତ ବେହେରା, ହିମାଂଶୁ ନହରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।


**ବିଶେଷଜ୍ଞ**
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



# Classified Everyday
0674-2580101, 9692975378


**REAL ESTATE**
**SALE**

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717.
D-2201

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.**
D-1942

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717.
D-2202

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.**
D-2018

Resort at Puri, Investment- 20Lakhs Rental- 3Lakhs, Bhubaneswar/ Cuttack, Investment- 1Crore, Rental- 3Lakhs/ Year. 8917622925.
D-2012

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




The massage felt totally professional & comfortable at all times-7978109255.
D-76495

**AFFIDAVIT**

I, Sailendra Narayan Pattnaik, S/o- Late Jagannath Mohanty, resident of 47, Arya Village, Dumduma, P.S.- Khandagiri, Bhubaneswar, District- Khordha, Odisha-751019 declare by this affidavit No.- 92/2025, dated- 24.09.2025 that now onwards I shall be known as SAILENDRA NARAYAN PATTANAIK for all future purposes.
D-2011

By virtue of an affidavit sworn before the Executive Magistrate, Boudh, No.- 1389, date 06.10.2025, I, Sujata Pradhan, W/o- Chandramani Pradhan, R/o. Village/ P.O.- Tetelenga, P.S./ Dist.- Boudh, Odisha, PIN- 762014 declare that I have changed my daughter's name from Miki Pradhan to Purnima Pradhan. Henceforth, she shall be known as Purnima Pradhan for all purpose.
Sujata Pradhan
D-2009

By virtue of an affidavit sworn before the Executive Magistrate, Balangir, No.-2261, date. 08.10.25, I, Allhadini Rana, W/o- Shibaram Rana, R/o. Village.- Sihini, P.O.- Bahabal, P.S.- Belpada, Dist.- Balangir, PIN- 767026, Odisha, declare that I have changed my name from Ahaladina Rana to Allhadini Rana. Henceforth, I shall be known as Allhadini Rana for all purposes.
Allhadini Rana
D-2008

By virtue of an affidavit sworn before Executive Magistrate, Balasore, dated 22.09.2025, I, Indubhusan Nanda, At/P.O.- Beli, Via- Singla, P.S.- Singla, Dist.- Balasore, Odisha declare that my daughter PRACHI NANDA Born on 19.03.2012 wrongly mentioned as PARACHI NANDA. The Aadhaar Card No.- xxxx xxxx 3101. The above two name is of same person. Henceforth, the correct name is PRACHI NANDA for all purposes.
D-2010

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Junagarh, No.- 436, date 8.10.25, I, Pratima Rout, D/o- Kshirasindhu Rout, R/o. Village.-Kulihariguda, P.O.- Dhamanpur, P.S.- Golamunda, Dist.- Kalahandi, Odisha declare that I have changed my name from Kalyani Rout to Pratima Rout. Henceforth, I shall be known as Pratima Rout for all purposes.
Pratima Rout
D-2007

By virtue of an affidavit sworn before Executive Magistrate, Thuamul Rampur, dated 02.07.25, I, Alladini Dalapati, R.o- At/P.O./P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed the name of my son from Raj Dalpati to Tuleswar Dalpati. Henceforth, he shall be known as Tuleswar Dalpati for all purposes.
Alladini Dalapati
D-2005

By virtue of an affidavit sworn before Executive Magistrate, Thuamul Rampur, dated 02.07.25, I, Danmati Majhi, R/o. At/P.O.- Kathakura, P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed the name of my daughter from Kamani Majhi to Kamini Majhi. Henceforth, she shall be known as Kamini Majhi for all purposes.
Danmati Majhi
D-2006



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ପଦ୍ମନାଭ ସାହୁ**
ଅବସରପ୍ରାପ୍ତ ଶିକ୍ଷକ (ପାଇକସାହି)
ଆବିର୍ଭାବ: ୨୬।୦୯।୧୯୪୭
ତିରୋଧାନ: ୨୯।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥ ଓ କାଶୀ ବିଶ୍ୱନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ନିରଜ, ଝିଅ-ସୁକାନ୍ତି, ରେଣୁବାଳା, ପ୍ରିୟମ୍ବଦା, ମମତା, ବୋହୂ-ପ୍ରତିଭା, ନାତି-ଶ୍ରିପନ୍ନ, ତେଜସ୍ୱାନ, ଜ୍ୱାଇଁ, ନାତିନାତୁଣୀ ଓ ପାଇକସାହି ଗ୍ରାମବାସୀବୃନ୍ଦ।
ଧ-୨୦୧୩

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବାପୁଜୀ ପାଇକରାୟ**
ପ୍ଲଟ୍ ନଂ.- ୨୪ ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୧।୧୯୬୭
ତିରୋଧାନ: ୨୩।୧୦।୨୦୨୧
ଆପଣ ଆମକୁ ଛାଡ଼ି ଚାଲିଯିବାର ଚାରିବର୍ଷ ବିତିଗଲାଣି। କିନ୍ତୁ ଆପଣଙ୍କ ଉପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଚିର ସ୍ମରଣୀୟ ଓ ଚିର ବନ୍ଦନୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସଙ୍ଗୀତା, ପ୍ରିୟଙ୍କା, ପ୍ରିୟାଂଶୁ ଓ ବନ୍ଧୁ ପରିବାରବର୍ଗ
ଧ-୨୦୧୫


# ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟ୍‌ବଲ ୧୪ରୁ



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ୍ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ମାସ ୧୪ରୁ ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ 'ୟୁନିଲାଇଟ କପ୍' ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ୍ ୯ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ୟୁନିଟ୍-୧ ଓ ୟୁନିଟ୍-୩ ବାଳକ ଉଚ୍ଚ ବିଦ୍ୟାଳୟ, ମଦର୍ସ ପବ୍ଲିକ୍ ସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ବିକାଶ ରେସିଡେନ୍ସିଆଲ ସ୍କୁଲ, ଓଡିଏମ୍ ପବ୍ଲିକ୍ ସ୍କୁଲ, କିସ୍ ହାଇସ୍କୁଲ, ଅରବିନ୍ଦ ହାଇସ୍କୁଲ ଗଣ୍ଡରପୁର ଏବଂ ଜଟଣୀ ହାଇସ୍କୁଲ। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ଏହି ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍ ଦଳକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଉକ୍ତ ସମ୍ମିଳନୀରେ ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ଉପସଭାପତି ପ୍ରଦୀପ କୁମାର ବଳିୟାରସିଂ, ବିରଞ୍ଚି ନାରାୟଣ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ କୁମାର ଦାସ, କୋଷାଧ୍ୟକ୍ଷ ଶ୍ରୀମନ୍ତ କୁମାର ମହାନ୍ତି, ଦେବାଶିଷ ନାୟକ, ୟୁନିଲାଇଟ ପର୍ଯ୍ୟବେକ୍ଷକ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜୁଡୋ କ୍ଲଷ୍ଟର ପୋଲିସ ଗେମ୍ସରେ କନ୍ଦନ ଜୁରି

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**


କନ୍ଦନ ମୁର୍ମୁ

ଜମ୍ମୁ-କଶ୍ମୀର ଆର୍ମଡ ପୋଲିସ ଆନୁକୂଲ୍ୟରେ ୧୦ମ ସର୍ବଭାରତୀୟ ଜୁଡୋ କ୍ଲଷ୍ଟର ପୋଲିସ ଗେମ୍ସ-୨୦୨୫ ଶ୍ରୀନଗରଠାରେ ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ କନ୍ଦନ ମୁର୍ମୁ ଅନ୍ତର୍ଜାତୀୟ ରେଫରି ଭାବେ ମନୋନୀତ ହୋଇଛନ୍ତି। ଏପରି ଗୁରୁଦାୟିତ୍ୱ ପାଇଥିବାରୁ ସେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନ ସଭାପତି ଅସିତ୍ ପ୍ରଧାନ, ସମ୍ପାଦକ ଗୀତାଞ୍ଜଳି ପଣ୍ଡା ଓ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୫୮ କୋଟିର ପ୍ରସ୍ତାବକୁ କୁମିନ୍ସ, ହେଡ୍‌ଙ୍କ ପ୍ରତ୍ୟାଖ୍ୟାନ


**ମେଲ୍‌ବୋର୍ନ, ୮।୧୦**

ଅନ୍ତର୍ଜାତୀୟ କ୍ରିକେଟ୍ ଛାଡ଼ି ବିଦେଶୀ ଟି୨୦ ଲିଗ୍‌ରେ ଖେଳିବା ପାଇଁ ଏକ ଆଇପିଏଲ ଦଳ ପକ୍ଷରୁ ଦିଆଯାଇଥିବା ୧୦ ମିଲିୟନ ଅଷ୍ଟ୍ରେଲିଆନ ଡଲାର(ପ୍ରାୟ ୫୮.୨ କୋଟି ଟଙ୍କା) ମୂଲ୍ୟର ପ୍ରସ୍ତାବକୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଅଧିନାୟକ ପ୍ୟାଟ୍ କୁମିନ୍ସ ଓ ଷ୍ଟାର ବ୍ୟାଟର ଟ୍ରାଭିସ ହେଡ୍ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଦୁହେଁ ସନ୍‌ରାଇଜର୍ସ ହାଇଦ୍ରାବାଦ୍(ଏସ୍‌ଆର୍‌ଏଚ୍) ସହିତ ଯଥାକ୍ରମେ ୧୮ ଓ ୧୪ କୋଟି ଟଙ୍କାର ଆଇପିଏଲ୍ କଣ୍ଟ୍ରାକ୍ଟ କରିଛନ୍ତି। ଏଥିସହ ଅଷ୍ଟ୍ରେଲିଆର ଟପ୍ ଖେଳାଳିଙ୍କୁ ବାର୍ଷିକ ଚୁକ୍ତି ବାବଦକୁ ପ୍ରାୟ ୮.୭୪ କୋଟି ଟଙ୍କା ଦିଆଯାଏ। କିନ୍ତୁ କୁମିନ୍ସ ଅଧିନାୟକ ଥିବାରୁ ତାଙ୍କୁ ୧୭.୪୮ କୋଟି ଟଙ୍କା ମିଳୁଛି।

ସିଡ୍‌ନୀ ମର୍ନିଂ ହେରାଲ୍ଡରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ବିଗ୍ ବାଶ୍ ଲିଗ୍(ବିବିଏଲ୍)କୁ ପ୍ରାଇଭେଟାଇଜିଂ କରିବା ଲାଗି କ୍ରିକେଟ୍ ଅଷ୍ଟ୍ରେଲିଆ, ରାଜ୍ୟ ଆସୋସିଏଶନ ଓ ଖେଳାଳିଙ୍କ ୟୁନିୟନ ମଧ୍ୟରେ ହୋଇଥିବା ଆଲୋଚନା ବେଳେ ଏହା ପଦାକୁ ଆସିଛି। ଏଥିରେ ୫୮ କୋଟି ଟଙ୍କାର ପ୍ରସ୍ତାବକୁ ଉଦାହରଣ ଭାବେ ବ୍ୟବହାର କରାଯାଇଥିଲା।

# ରିତେଶଙ୍କ ଖୁସି ରହସ୍ୟ

ରିତେଶ ଦେଶମୁଖଙ୍କ ଖୁସି କହିଲେ ନ ସରେ। କାରଣ ଯେଉଁ ସିନେମାକୁ ନେଇ ସେ ବେଶ୍ ଆଶା ବାନ୍ଧି ବସିଛନ୍ତି ତାହା ଆସନ୍ତା ମାସ ୨୧ରେ ରିଲିଜ ହେବାକୁ ଯାଉଛି। ଫିଲ୍ମଟିର ଟାଇଟଲ ରହିଛି 'ମସ୍ତି ୪'। ଏହି ଚିତ୍ରରେ ତିନି ଜଣ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ରିତେଶଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ଅଭିନେତା ହେଲେ ଆଫତାବ ଶିବଦାସାନୀ ଏବଂ ବିବେକ ଓବରୟ। ସବୁଠାରୁ ଖାସ୍ କଥା ହେଲା ଏଥିରେ ରିତେଶଙ୍କ ଅପୋଜିଟ୍‌ରେ ଅଛନ୍ତି ତାଙ୍କର ଧର୍ମପତ୍ନୀ ଜେନେଲିଆ ଡିସୌଜା। ପତି-ପତ୍ନୀ ମଧ୍ୟରେ ସମ୍ପର୍କ କିପରି ରହିବା ଉଚିତ ତାହାକୁ ଏହି ଫିଲ୍ମରେ କମେଡି ମାଧ୍ୟମରେ ଉପସ୍ଥାପନା କରାଯାଇଛି। ପରସ୍ପର ମଧ୍ୟରେ ମଧୁର ସମ୍ପର୍କ ରହିଲେ ପତି-ପତ୍ନୀ ସମ୍ପର୍କ ପୂର୍ବାପେକ୍ଷା ଆହୁରି ମଜଭୁତ ହୋଇଥାଏ, ଯାହାକୁ ଆଧାର କରି କାହାଣୀ ଗତି କରିଛି। ଏହି ଫିଲ୍ମ ବିଷୟରେ ରିତେଶ କହନ୍ତି, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ମୋର ଦୃଢ଼ ବିଶ୍ୱାସ ହୋଇଯାଇଥିଲା ଯେ ଏହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। କାରଣ ଆଜିକାଲି ଅନେକ ପତି-ପତ୍ନୀ ଭିତରେ ସାମାନ୍ୟ କଥାକୁ ନେଇ ଝଗଡ଼ା ହେଉଛି। ତେଣୁ ସେମାନଙ୍କ ଭିତରେ କିପରି ସମ୍ପର୍କ ଦୃଢ଼ ଏବଂ ମଧୁର ହେବ ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।'' ଫିଲ୍ମଟିର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମିଲାପ ଜାଭେରି। ଜିତେନ୍ଦ୍ର, ଆର୍ସାଦ ୱାର୍ସି, ତୁଷାର କପୁର, ରୁହି ସିଂ, ଅତୁଲ ଶର୍ମା ଏବଂ ମନୋଜ ଆନନ୍ଦ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।


ରିତେଶ

# କେବଳ ଲିପ୍-ଲକ୍ ସିନ୍ ପାଇଁ..

ସୋନମ ବାଜୱା ପଞ୍ଜାବୀ ଫିଲ୍ମ ଜଗତର ଜଣେ ପରିଚିତା ଅଭିନେତ୍ରୀ। କେବଳ ସେତିକି ନୁହେଁ, ସେ କେତୋଟି ତାମିଲ ଏବଂ ତେଲୁଗୁ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି। ତାଙ୍କର ବଲିଉଡ ଯାତ୍ରା ଆରମ୍ଭ ହୋଇଥିଲା ୨୦୧୯ରୁ ଆଉ ତାଙ୍କର ଡେବ୍ୟୁ ହିନ୍ଦୀ ସିନେମାଟି ଥିଲା 'ବାଲା'। ତା'ପରେ ସେ 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀଡି' ଏବଂ 'ହାଉସଫୁଲ ୫'ରେ ଅଭିନୟ କରିସାରିଛନ୍ତି। ହେଲେ ବଲିଉଡ୍‌ରେ ତାଙ୍କୁ ପୂର୍ବରୁ କେତୋଟି ଅଫର ମିଳିଥିଲା, କିନ୍ତୁ ସେ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆଉ ତା' ପଛରେ କାରଣ କ'ଣ ଥିଲା ଜାଣନ୍ତି? ଲିପ୍-ଲକ୍ ସିନ୍। ସେତେବେଳେ ମିଳିଥିବା କେତୋଟି ଅଫରରେ ତାଙ୍କୁ ଏଭଳି ଶଟ୍ ଦେବାକୁ କୁହାଯାଇଥିଲା। କିନ୍ତୁ ଏ ନେଇ ଆଲୋଚନା ସମୟରେ ସେ ସିଧା ସିଧା ମନା କରିଦେଇଥିଲେ। ଏ ବିଷୟରେ ସୋନମ କହନ୍ତି, ''ମୁଁ ଯଦି ଚାହିଁଥାଆନ୍ତି ତେବେ ୨୦୧୯ ପୂର୍ବରୁ ବଲିଉଡ୍‌ରେ ଏଣ୍ଟ୍ରି କରିପାରିଥାଆନ୍ତି। କିନ୍ତୁ ଯେଉଁ କେତୋଟି ଅଫର ମିଳିଥିଲା ସେଥିରେ କିସ୍ ସିନ୍ ଥିବାରୁ ମୁଁ ରାଜି ହୋଇ ନ ଥିଲି। କାରଣ ପରଦା ଉପରେ ଏପରି ଶଟ୍‌କୁ ମୁଁ ସବୁବେଳେ ବିରୋଧ କରିଥାଏ। ତେଣିକି ମୋ ହାତରୁ ଭଲ ଅଫର ଖସିଯାଉ ସେ ନେଇ ଟିକିଏ ହେଲେ ମନଦୁଃଖ କରିବି ନାହିଁ। ତା'ପରେ ଯେଉଁ ସୁଯୋଗ ମିଳିଲା ତାହାର କାହାଣୀ ଏବଂ ସେଥିରେ ମୋ ଭୂମିକା ମୋତେ ବେଶ୍ ପ୍ରଭାବିତ କରିଥିବାରୁ ମୁଁ ଅଭିନୟ ପାଇଁ ରାଜି ହୋଇଥିଲି।'' ବର୍ତ୍ତମାନ ସେ ଅଭିନୟ କରିଥିବା ହିନ୍ଦୀ ସିନେମା 'ବାଗୀ ୪' ଏବଂ 'ଦିୱାନେ କି ଦିୱାନିୟତ' ରିଲିଜ ଅପେକ୍ଷାରେ ରହିଛି। ଏହାବ୍ୟତୀତ ନିର୍ମାଣାଧୀନ ହିନ୍ଦୀ ଫିଲ୍ମ 'ବର୍ଡର ୨'ରେ ସେ ମଧ୍ୟ ଅଭିନୟ କରୁଛନ୍ତି।


ସୋନମ

# ଅପେକ୍ଷା କରିଛନ୍ତି ରଶ୍ମିକା

ସତରେ, ଅପେକ୍ଷା କରିବା ଭାରି କଷ୍ଟ। ସେପଟେ ବହୁ ପ୍ରତୀକ୍ଷିତ ଦିନ ଯେତିକି ପାଖେଇ ଆସୁଥାଏ ମନରେ ଉତ୍କଣ୍ଠା ସେତିକି ବଢ଼ି ଚାଲିଥାଏ। ଦେଖୁନାହାନ୍ତି, ସେହି ଶୁଭ ଦିନକୁ କେମିତି ରଶ୍ମିକା ମାନ୍ଦାନା ବେଶ୍ ଆଗ୍ରହର ସହ ଅପେକ୍ଷା କରିଛନ୍ତି। କଥା କ'ଣ ଆୟୁଷ୍ମାନ ଖୁରାନା ଏବଂ ରଶ୍ମିକାଙ୍କୁ ନେଇ ପ୍ରସ୍ତୁତ 'ଥାମ୍ମା' ଚଳିତ ମାସ ୨୧ରେ ରିଲିଜ ହେବାକୁ ଯାଉଛି। ନିକଟରେ ଏହାର ଟ୍ରେଲର ରିଲିଜ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରର କଳାକାରମାନେ ନିଜ ନିଜ ଅନୁଭୂତି ବଖାଣିଥିଲେ। ଏହି ଫିଲ୍ମର କାହାଣୀରେ ରୋମାନ୍ସ, କମେଡି ଏବଂ ସସପେନ୍ସ ଭରି ରହିଛି। ଏହି ଚିତ୍ର ବିଷୟରେ ରଶ୍ମିକା କହନ୍ତି, ''ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଏହାର କାହାଣୀରେ ଏଭଳି ନୂତନତ୍ୱ ରହିଛି, ଯାହା ଦର୍ଶକଙ୍କୁ ପ୍ରେକ୍ଷାଳୟରେ ନିଶ୍ଚୟ ବାନ୍ଧି ରଖିବ।'' ଉକ୍ତ ସିନେମାରେ ରଶ୍ମିକାଙ୍କ ନାୟକ ସାଜିଛନ୍ତି ଆୟୁଷ୍ମାନ ଖୁରାନା। ଏଥିରେ ନୱାଜଉଦ୍ଦିନ ସିଦ୍ଦିକି ଏବଂ ପରେଶ ରାୱଲ ମଧ୍ୟ ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଦିନେଶ ଭିଜାନ୍ ଏବଂ ଅମର କୌଶିକ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଆଦିତ୍ୟ ସରପଟୋଦାର। ତେବେ ଏଥିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।


ରଶ୍ମିକା

# ଆଶା ରଖିଛନ୍ତି ଜାହ୍ନବୀ

ଜାହ୍ନବୀ କପୁରଙ୍କ ଅଭିନୀତ 'ସନ୍ନି ସଂସ୍କାରି କି ତୁଳସୀ କୁମାରୀ' ଚଳିତ ମାସ ୨ ତାରିଖରେ ରିଲିଜ ହୋଇଛି। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ବରୁଣ ଧାୱନ। ମାତ୍ର ୮୦ କୋଟି ବଜେଟରେ ନିର୍ମିତ ଏହି ସିନେମା ଏପର୍ଯ୍ୟନ୍ତ ୫୦କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଛି। ତେବେ ଉକ୍ତ ଫିଲ୍ମଟି ଆଗକୁ ଆହୁରି ବିଜନେସ୍ କରିବ ବୋଲି ଦୃଢ଼ ଆଶା ରଖିଛନ୍ତି ଜାହ୍ନବୀ। ଏ ବିଷୟରେ ସେ କହନ୍ତି, ''ଏହି ସିନେମା ଧୀରେ ଧୀରେ ଭଲ ଆୟ କରୁଛି। ମୋର ଆଶା ରହିଛି ଫିଲ୍ମଟି ୧୦୦କୋଟି କ୍ଲବରେ ନିଶ୍ଚୟ ସାମିଲ ହେବ। ଏହାର କାହାଣୀକୁ ଫୁଲ୍ ଜଷ୍ଟିସ ଦେବାକୁ ସମସ୍ତ କଳାକାର ଚେଷ୍ଟା କରିଥିଲେ, ଯାହାର ଫଳ ଧୀରେ ଧୀରେ ମିଳୁଛି। ଏହି ଫିଲ୍ମରେ ବରୁଣଙ୍କ ସହ ମୋ ଯୋଡ଼ିକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆଗକୁ ଯଦି ପୁଣି ଥରେ ତାଙ୍କ ସହ ଅଭିନୟ କରିବାର ସୁଯୋଗ ମିଳେ ତେବେ ମୁଁ ମନା କରିବି ନାହିଁ।'' 'ସନ୍ନି ସଂସ୍କାରି କି ତୁଳସୀ କୁମାରୀ' ଚିତ୍ରର ପ୍ରଯୋଜନା କରିଛନ୍ତି ହୀରୋ ଯଶ ଜୋହର, କରନ ଜୋହର, ଅପୂର୍ବ ମେହେଟ୍ଟା, ଅଧର ପୁନାୱାଲା ଏବଂ ଶଶାଙ୍କ ଖୈତାନ। ଶଶାଙ୍କ ମଧ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମରେ ମଧ୍ୟ ସାନ୍ୟା ମାଲହୋତ୍ରା ଅଭିନୟ କରିଛନ୍ତି।


'ସନ୍ନି ସଂସ୍କାରି କି ତୁଳସୀ କୁମାରୀ' ଫିଲ୍ମରେ ଜାହ୍ନବୀ-ବରୁଣ

# ପାଖେଇ ଆସୁଛି ଶୁଭ ଦିନ

ଓଡ଼ିଆ ସିନେମାର ଆଉ ଜଣେ ନବାଗତ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଅବଶ୍ୟ ଏହାପୂର୍ବରୁ ସେ ଶିଶୁ କଳାକାର ଭାବରେ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ପ୍ରଶଂସା ସାଉଁଟି ସାରିଛନ୍ତି। ହେଲେ ଏଥର ନାୟକ ଭାବରେ ସେ ଡେବ୍ୟୁ କରିବେ। ନିଜର ହୋମ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରଟିର ଟାଇଟଲ ରହିଛି 'ଲଢ଼େଇ'। ହଁ, ସେ ଅଭିନେତା ଜଣଙ୍କ ହେଉଛନ୍ତି ଲୋହିତାକ୍ଷ ପଟ୍ଟନାୟକ। ପୁଣି ଏପରି ସଂଯୋଗ ଯେଉଁ ନିର୍ଦ୍ଦେଶକ ତାଙ୍କୁ ଶିଶୁ କଳାକାର ଭାବରେ ବ୍ରେକ୍ ଦେଇଥିଲେ ଏବେ ସେ ତାଙ୍କୁ ନାୟକ ଭାବରେ ବଡ଼ ପରଦାରେ ଆଣୁଛନ୍ତି। ସେ ହେଲେ ଓଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଲୋହିତାକ୍ଷଙ୍କ ବାପା ଦେବାଶିଷ ପଟ୍ଟନାୟକ। ଏଥିରେ ତାଙ୍କର ନାୟିକା ସାଜିଥିବା ଅଭିଲିପ୍ସା ମଧ୍ୟ ନବାଗତା। ଏ ବିଷୟରେ ଅଶୋକ କହନ୍ତି, ''ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡ଼ି, ଫାଇଟ୍- ସବୁକିଛି ରହିଛି। ନାୟିକା ଏବଂ ନାୟକ ଦୁହେଁ ନୂଆ। ଲୋହିତାକ୍ଷ ନୂଆ ଭାବରେ ନାୟକ ସାଜୁଛି, ହେଲେ ତା'ପୂର୍ବରୁ ସେ ଅନେକ ଓଡ଼ିଆ ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିସାରିଛି। ଦୁହିଁଙ୍କ ଅଭିନୟ ମଧ୍ୟ ମୋତେ ବେଶ୍ ଇମ୍ପ୍ରେଶ କରିଛି।'' ଡି.ଏସ.ଆର ଏଣ୍ଟରପ୍ରାଇଜେସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥୀ। ଦୃଶ୍ୟଗ୍ରହଣ ଦାୟିତ୍ୱ ତୁଲାଇଛନ୍ତି କୁଲଡି। ଏହି ଫିଲ୍ମର ଅନ୍ୟାନ୍ୟ ଭୂମିକାରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ୍ଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଅଭିନୟ କରିଛନ୍ତି। ଏଥର ଦୀପାବଳି ଅବସରରେ ଫିଲ୍ମଟି ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ଲଢ଼େଇ' ଫିଲ୍ମରେ ଲୋହିତାକ୍ଷ-ଅଭିଲିପ୍ସା

ଛୋଟ ପରଦା

# ଉଦ୍ଧାର କରିବୁ ସାତ ପୁରୁଷ

ଚଳିତ ମାସ ୧୨ ତାରିଖ ରବିବାର ଦିନ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଉଦ୍ଧାର କରିବୁ ସାତ ପୁରୁଷ'। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ଏହି ଚ୍ୟାନେଲ ଓଡ଼ିଆ ଦର୍ଶକମାନଙ୍କ ପାଇଁ ସମସ୍ତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଓ ସୁପରହିଟ ଫିଲ୍ମ ଭେଟି ଦେଇଚାଲିଛି। ଖାସ୍ କଥା ହେଲା ଏହାର ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଗିମିକ ମାଷ୍ଟର ସଞ୍ଜୟ ନାୟକ। ପ୍ରଯୋଜନା କରିଛନ୍ତି ଅଜୟ ରାଉତ। ଫିଲ୍ମର ମୁଖ୍ୟ ଚରିତ୍ର ମୁନା ହେଉଛି ଅନାଥ। ସହରରେ ଜୀବନ ଗଢ଼ିବାରେ ଅସଫଳ ହେବା ପରେ ସେ ନିଏ ଏକ ଚରମ ନିଷ୍ପତ୍ତି। ଶେଷକୁ ସବୁଆଡୁ ବିଫଳ ହୋଇ ସେ ଆତ୍ମହତ୍ୟା କରିବ ବୋଲି ଠିକ୍ କରେ। ହେଲେ ଠିକ୍ ସମୟରେ କାହାଣୀରେ ଆସିଛି ଏକ ଅପ୍ରତ୍ୟାଶିତ ମୋଡ଼। ଯେଉଁଥିରେ ଜୀବିତ ମୁନାର ସାଥୀ ପାଲଟିଛନ୍ତି ଏକ ମୃତ ପରିବାର। ଏହି ପରିବାରର ସଦସ୍ୟମାନେ ମରିବା ପରେ ଅତୃପ୍ତ ଆତ୍ମା ହୋଇ ବୁଲୁଛନ୍ତି ଓ ଖୋଜୁଛନ୍ତି ମୁକ୍ତି। ହେଲେ ସେମାନଙ୍କର ମୃତ୍ୟୁ ହେଲା କିପରି? ମୁନା କ'ଣ ସମସ୍ତ ଆତ୍ମାକୁ ମୁକ୍ତି ଦେଇ ପାରିବ? ତେବେ ମୁନାର ଭବିଷ୍ୟତ କଣ ହେବ? ଏମିତି ସବୁ ପ୍ରଶ୍ନର ଉତ୍ତର ଏହି ଫିଲ୍ମଟିରେ ରହିଛି। ଜ୍ୟୋତି ପଣ୍ଡା, ହେଲିନା, ପ୍ରଦ୍ୟୁମ୍ନ ଲେଙ୍କା, କେଦାର ମିଶ୍ର, ରାଜଶ୍ରୀ, ଶୁଭ୍ରାଂଶୁ ଓ ବୀରେନ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର କାହାଣୀ ରଚନା କରିଛନ୍ତି ସଞ୍ଜୟ ନାୟକ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ। ''ଜୀ ସାର୍ଥକ ସବୁବେଳେ ଓଡ଼ିଆ ଦର୍ଶକଙ୍କ ଚିନ୍ତାଧାରାକୁ ସବୁବେଳେ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହିତ ଫିଲ୍ମ ସବୁ ଆଣିଥାଏ। ସେହିପରି ଏକ ଫିଲ୍ମ ହେଉଛି 'ଉଦ୍ଧାର କରିବୁ ସାତ ପୁରୁଷ'। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ- ଏହା ଆମ ସମାଜରେ ଏକାକୀ ଜୀବନ ଗଢ଼ିବାକୁ ଚେଷ୍ଟାରତ ସମସ୍ତ ଯୁବବର୍ଗଙ୍କ ପାଇଁ ଏକ ସୁନ୍ଦର ମନଗଢ଼ା କାହାଣୀ ଯାହା ସେମାନଙ୍କୁ ଦେବ ଉତ୍ସାହ। ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ରାହୁଲ ରାଓ।''


'ଉଦ୍ଧାର କରିବୁ ସାତ ପୁରୁଷ' ଫିଲ୍ମରେ ଜ୍ୟୋତି ପଣ୍ଡା-ହେଲିନା

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୯/୨୦୨୫ Bhubaneswar, Thursday, October 9/ 2025



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଓଡ଼ିଶା ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତାରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା। (ଫଟୋ: ରାଜକିଶୋର ମହାନ୍ତି)

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

**ବିଶାଖାପାଟଣା, ୮।୧୦(ପି.ଟି.)**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଆୟୋଜକ ଭାରତୀୟ ଦଳ ଗୁରୁବାର ତା'ର ତୃତୀୟ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଏହି ମ୍ୟାଚ୍ ଡ. ୱାଇ.ଏସ୍. ରାଜଶେଖର ରେଡ୍ଡୀ ଏସିଏ-ଭିଡିସିଏ ଷ୍ଟାଡିୟମରେ ଖେଳାଯିବ। ଏପର୍ଯ୍ୟନ୍ତ ଭାରତୀୟ ଦଳ ତା'ର ପ୍ରଥମ ଦୁଇ ମ୍ୟାଚ୍‌ରେ ଦୁର୍ବଳ ଶ୍ରୀଲଙ୍କା ଓ ପାକିସ୍ତାନକୁ ସହଜରେ ହରାଇଛି। ଉଭୟ ମ୍ୟାଚ୍‌ରେ ଭାରତୀୟ ଟପ୍ ଅର୍ଡର ବ୍ୟାଟରମାନେ ଆଶାନୁଯାୟୀ ପ୍ରଦର୍ଶନ କରିପାରିନାହାନ୍ତି। ମିଡଲ ଓ ଲୋୟର ଅର୍ଡରରେ ବ୍ୟାଟରଙ୍କ ଅବଦାନ ଓ ବୋଲରଙ୍କ ଉପଯୁକ୍ତ ବୋଲିଂ ଯୋଗୁ ଭାରତ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ସ୍ମୃତି ମନ୍ଧାନା, ହରମନ୍‌ପ୍ରୀତ କୌର ଓ ଜେମିମା ରୋଡ୍ରିଗୁଏଜ୍‌ଙ୍କୁ ନେଇ ଗଠିତ ତାରକାଖଚିତ ଟପ୍ ଅର୍ଡର ଫେଲ୍ ମାରିବା ପରେ ହର୍ଲିନ ଦେଓଲ, ଅମନ୍‌ଜୋତ କୌର, ରିଚା ଘୋଷ୍ ଓ ଦୀପ୍ତି ଶର୍ମା ଦଳକୁ ଉଦ୍ଧାର କରିଥିଲେ। ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହାର ପୁନରାବୃତ୍ତି ହେଲେ ଦଳର ଜିତିବା କଷ୍ଟକର ହେବ। ଏଣୁ ଦକ୍ଷିଣ ଆଫ୍ରିକା ଭଳି ଅପେକ୍ଷାକୃତ ଶକ୍ତିଶାଳୀ ଦଳ ବିପକ୍ଷରେ ଟପ୍ ଅର୍ଡର ବ୍ୟାଟରଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଯଦି ଏହି ମ୍ୟାଚ୍‌ର ଫଳାଫଳ ଭାରତୀୟ ଦଳ ସପକ୍ଷରେ ନ ଯାଏ, ତେବେ ଏହା ବିଶ୍ୱକପ୍‌ରେ ଦଳର ଅଭିଯାନ ଲାଗି ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। କାରଣ ଭାରତୀୟ ଦଳକୁ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ଡିଫେଣ୍ଡିଂ ତଥା ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ, ୪ ଥରର ଚାମ୍ପିୟନ ଇଂଲଣ୍ଡ ଓ ୨୦୦୦ ସଂସ୍କରଣର ଚାମ୍ପିୟନ ନ୍ୟୁଜିଲାଣ୍ଡକୁ ଭେଟିବାର ଅଛି।



ଅଭ୍ୟାସ ଅବସରରେ ଅମୋଲ ମଜୁମଦାରଙ୍କ ସହ ସ୍ମୃତି ମନ୍ଧାନା।

ଏପର୍ଯ୍ୟନ୍ତ ଭାରତୀୟ ବୋଲରମାନେ ଦଳର ଆବଶ୍ୟକ ମୁତାବକ ପ୍ରଦର୍ଶନ କରିଛନ୍ତି। ମୁଖ୍ୟତଃ ଦୀପ୍ତି ଶର୍ମାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିବା ବେଳେ ସ୍ନେହ ରାଣା, ଶ୍ରୀ ଚରନି ଓ ପେସର କ୍ରାନ୍ତି ଗୌଡ଼ ତାଙ୍କୁ ସହଯୋଗ କରିଛନ୍ତି। କିନ୍ତୁ ବିଶାଖାପାଟଣା ଭେନ୍ୟୁରେ ଗୁଆହାଟୀ ଓ କଲମ୍ବୋ ଭଳି ଦଳର ସ୍ପିନରଙ୍କୁ ସହାୟତା ମିଳିବ ନାହିଁ। ଭାରତୀୟ ବୋଲରଙ୍କ ଲାଗି ଗତ ମ୍ୟାଚ୍‌ରେ ଶତକ ହାସଲ କରିଥିବା ତଜମିନ ବ୍ରିଟ୍ସ, ନିର୍ଭରଯୋଗ୍ୟ ସୁନେ ଲୁସ୍, ଅଧିନାୟିକା ଲୌରା ୱଲଭାର୍ଡଟ, ମାରିଜେନ କାପ ସମସ୍ୟା ସୃଷ୍ଟି କରିପାରନ୍ତି।

## ଅମନ୍‌ଜୋତ ଫେରିପାରନ୍ତି

ଅସୁସ୍ଥତା କାରଣରୁ ପାକିସ୍ତାନ ବିପକ୍ଷ ମ୍ୟାଚ୍ ମିସ୍ କରିଥିବା ଅମନ୍‌ଜୋତ ଦଳକୁ ଫେରିପାରନ୍ତି। ଯଦି ସେ ଫିଟ୍ ହୁଅନ୍ତି, ତେବେ ତାଙ୍କୁ ରେଣୁକା ସିଂ ଠାକୁରଙ୍କ ବଦଳରେ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ଅମନ୍‌ଜୋତ ଜଣେ ପେସର ସାଙ୍ଗକୁ ଉପଯୋଗୀ ଲୋୟର ଅର୍ଡର ବ୍ୟାଟର। ଦଳକୁ ତାଙ୍କର ଆବଶ୍ୟକତା ପଡ଼ିପାରେ।

**ସମ୍ଭାବ୍ୟ ଭାରତୀୟ ଦଳ:** ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ହରମନପ୍ରୀତ କୌର (ଅଧିନାୟିକା), ଜେମିମା ରୋଡ୍ରିଗୁଏଜ୍, ରିଚା ଘୋଷ୍, ରେଣୁକା ସିଂ ଠାକୁର/ ଅମନ୍‌ଜୋତ କୌର, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରନି, କ୍ରାନ୍ତି ଗୌଡ଼।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱଲଭାର୍ଡଟ(ଅଧିନାୟିକା), ତଜମିନ ବ୍ରିଟ୍ସ, ସୁନେ ଲୁସ୍, ମାରିଜେନ କାପ, ଆନେକେ ବୋଶ୍ଚ, ସିନାଲୋ ଜାଫଟା, ଚଲୋଏ ଟ୍ରିଅନ, ନାଦିନେ ଡି କ୍ଲେର୍କ, ମାସାବାତା କ୍ଲାସ, ଆୟାବୋଙ୍ଗା ଖାକା, ନନ୍କୁଲୁଲେକୋ ଏମ୍‌ଲାବା।

## ଆନ୍ତଃ-ଜିଲା ଅସିଚାଳନା ଉଦ୍‌ଘାଟିତ

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

ଓଡ଼ିଶା ଅସିଚାଳନା ସଂଘ ଆନୁକୂଲ୍ୟରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୪ର୍ଥ ଓଡ଼ିଶା ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ବିଜୟ ଦାଶ (ପୂର୍ବତନ ସଭାପତି, ଓଡ଼ିଶା ବାର୍ କାଉନ୍‌ସିଲ, କଟକ), ସମ୍ମାନିତ ଅତିଥି ନୟନ ମହାନ୍ତି (ମେମ୍ବର, ଭାଜପା ରାଜ୍ୟ କାଉନ୍‌ସିଲ), ଅଜୟ କୁମାର ବେହେରା(କଟକ ଜିଲ୍ଲା କ୍ରୀଡ଼ା ଅଧିକାରୀ), କିଶୋର ବେହେରା(ସମ୍ପାଦକ, ଓଡ଼ିଶା ସୁସ୍ତି ସଂଘ), ଅଶୋକ କୁମାର ସାହୁ(ସମ୍ପାଦକ, ଜିମ୍ନାଷ୍ଟିକ ସଂଘ), ପ୍ରସନ ରାଉତ(ଓଡ଼ିଶା ସାଇକ୍ଲିଂ ସଂଘ) ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରୀଡ଼ା ସାମ୍ବାଦିକ ବିମଳ କୁମାର ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଜ୍ୟ ସମ୍ପାଦକ ଦେବେନ୍ଦ୍ର ସାହୁ ଜାତୀୟ ଅସିଚାଳନା ସଂଘ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତିଯୋଗିତାରେ ୧୦ ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି ।

# ଅଷ୍ଟ୍ରେଲିଆର ବଡ଼ ବିଜୟ

**ଆଇସିସି ମହିଳା ବିଶ୍ୱକପ୍**

**କଲମ୍ବୋ, ୮।୧୦**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୦୭ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଅଷ୍ଟ୍ରେଲିଆର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ପାକିସ୍ତାନ ପାଇଁ ଏହା କ୍ରମାଗତ ତୃତୀୟ ପରାଜୟ। ଅଷ୍ଟ୍ରେଲିଆ ୫ ପଏଣ୍ଟ ସହ ଶୀର୍ଷକୁ ଉନ୍ନୀତ ହୋଇଛି। ମ୍ୟାଚ୍‌ରେ ଦର୍ଶନୀୟ ଶତକ ହାସଲ କରିଥିବା ବେଥ ମୁନି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୩୪ ଓଭର ମଧ୍ୟରେ ୧୧୫ ରନରେ ୮ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ମୁନି ଓ ଆଲାନା କିଙ୍ଗ ନବମ ଉଇକେଟରେ ୧୦୬ ରନ ଯୋଡ଼ିଥିଲେ, ଯାହାକି ମହିଳା କ୍ରିକେଟରେ ସର୍ବାଧିକ। ମୁନି ୧୧ ଚୌକା ସହ ୧୦୯ ରନ କରି ଆଉଟ୍ ହୋଇଥିଲେ। କିଙ୍ଗ୍ ୩ ଲେଖାଏ ଚୌକା ଓ ଛକା ସହ ୫୧ ରନ କରି ଅପରାଜିତ ରହିଥିଲେ। ମହିଳା କ୍ରିକେଟରେ ଦଶମ ସ୍ଥାନରେ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିବାରେ ସେ ପ୍ରଥମ ବ୍ୟାଟର। ଅଷ୍ଟ୍ରେଲିଆ ୫୦ ଓଭରରେ ୯ ଉଇକେଟ ହରାଇ ୨୨୧ ରନ କରିଥିଲା। ପାକିସ୍ତାନ ପକ୍ଷରୁ ନଶ୍ରା ସାନ୍ଧୁ ୩ ଉଇକେଟ ନେଇଥିଲେ। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପାକିସ୍ତାନ ୩୬.୩ ଓଭରରେ ୧୧୪ ରନରେ ଅଲଆଉଟ୍ ହୋଇଯାଇଥିଲା।



ଶତକ ହାସଲ ପରେ ଅଷ୍ଟ୍ରେଲିଆର ବେଥ୍ ମୁନି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୫୦ ଓଭରରେ ୨୨୧/୯ (ବେଥ ମୁନି-୧୦୯, ଆଲାନା କିଙ୍ଗ୍-୫୧*, ନଶ୍ରା ସାନ୍ଧୁ-୩/୩୭, ରମିନ ଶାମିମ-୨/୨୯, ଫାତିମା ସାନା-୨/୪୯)। ପାକିସ୍ତାନ: ୩୬.୩ ଓଭରରେ ୧୧୪/ଅଲଆଉଟ୍ (ସିଦ୍ରା ଆମିନ-୩୫, କିମ ଗାର୍ଥ-୧୪/୩, ଆନାବେଲା ସଦରଲାଣ୍ଡ-୧୫/୨)।

# ରୋନାଲ୍ଡୋ ପ୍ରଥମ ବିଲିୟନେୟାର ଫୁଟ୍‌ବଲ ଖେଳାଳି

**ଲିସ୍‌ବନ, ୮।୧୦**

କ୍ରିଷ୍ଟିଆନୋ ରୋନାଲ୍ଡୋ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିୟରରେ ଆଉ ଏକ ମାଇଲଷ୍ଟୋନ୍ ଯୋଡ଼ିଛନ୍ତି। ଏହି ପର୍ତ୍ତୁଗୀଜ୍ ସୁପରଷ୍ଟାର ଆନୁଷ୍ଠାନିକ ଭାବେ ପ୍ରଥମ ବିଲିୟନେୟାର ଫୁଟ୍‌ବଲ ଖେଳାଳି ହୋଇପାରିଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁଯାୟୀ, ରୋନାଲ୍ଡୋଙ୍କ ପାଖରେ ୧.୪ ବିଲିୟନ ଡଲାରର ସମ୍ପତ୍ତି ରହିଛି। ତାଙ୍କୁ ପ୍ରଥମଥର ପାଇଁ ଏହି ତାଲିକାରେ ସାମିଲ କରାଯାଇଛି। ତେବେ ୨୦୨୩ରେ ସେ ସାଉଦି ଆର୍‌ବିଆନ୍ କ୍ଲବ ଅଲ-ନାସରଙ୍କ ସହ କଣ୍ଟ୍ରାକ୍ଟ କରିବା ପରେ ତାଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି ଆସିଛି। ଏହି ଚୁକ୍ତିରେ ଟିକସମୁକ୍ତ ଦରମା ଓ ବାର୍ଷିକ ୨୦୦ ମିଲିୟନ ଡଲାର ବୋନସ୍ ସହିତ ୩୦ ମିଲିୟନ ଡଲାର ସାଇନିଂ ବୋନସ୍, କ୍ଲବରେ ଇକ୍ୱିଟି ସହିତ ପ୍ରାଇଭେଟ ଜେଟ୍ ଭଳି ସୁବିଧା ସାମିଲ ରହିଛି।




**ଭାରତ-ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଟେଷ୍ଟ**

## ପିଚ୍ ବ୍ୟାଟରଙ୍କୁ ସୁହାଇବ

**ନୂଆଦିଲ୍ଲୀ, ୮।୧୦ (ପି.ଟି.):** ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଶୁକ୍ରବାରଠାରୁ ଫିରୋଜ୍ ଶାହା କୋଟ୍‌ଲାଠାରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏଥିଲାଗି ବ୍ୟାଟରଙ୍କୁ ସୁହାଇଲା ଭଳି ପିଚ୍ ପ୍ରସ୍ତୁତ କରାଯାଇଛି। ସ୍ୱତନ୍ତ୍ର ଭାବେ ମ୍ୟାଚ୍ ପାଇଁ ପଡ଼ିଆ ମଝିରେ ପିଚ୍ ପ୍ରସ୍ତୁତ କରାଯାଇଛି। ଯଦି ୱେଷ୍ଟଇଣ୍ଡିଜ ଭଲ ବ୍ୟାଟିଂ କରେ, ତେବେ ମ୍ୟାଚ୍ ୩ ଦିନ ମଧ୍ୟରେ ଶେଷ ହେବନାହିଁ। କୋଟ୍‌ଲାର ପାରମ୍ପରିକ କଳାମାଟି ମ୍ୟାଚ୍ ଆରମ୍ଭରୁ ବ୍ୟାଟରଙ୍କୁ ସୁହାଏ। ପରେ ମ୍ୟାଚ୍ ଆଗକୁ ବଢ଼ିବା ସହ ତୃତୀୟ ଦିନଠାରୁ ବଲ ଟର୍ନ କରିବ ବୋଲି ସୂତ୍ରରୁ କୁହାଯାଇଛି।

## ଭାରତର କ୍ଲିନ୍ ସୁଇପ୍

**ମାକେ, ୮।୧୦ (ପି.ଟି.):** ୧୯ ବର୍ଷରୁ କମ୍ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ୟୁଥ୍ ଟେଷ୍ଟକୁ ୭ ଉଇକେଟରେ ଜିତିଛି। ଫଳରେ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଭାରତ କ୍ଲିନ୍ ସୁଇପ୍ କରିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ଭାରତ ୧୧୪/୭ରୁ ବ୍ୟାଟିଂ ଆରମ୍ଭକରି ୧୭୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଥମ ଇନିଂସ୍‌ରେ ୧୩୫ ରନ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ୍‌ରେ ୧୧୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଫଳରେ ଧାର୍ଯ୍ୟ ୮୧ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୩ ଉଇକେଟ ହରାଇ ହାସଲ କରିନେଇଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ